# ବିଶ୍ୱଶାନ୍ତି ପ୍ରତିଷ୍ଠାକାରୀ ଧର୍ମ

# ଇସଲାମ



ଶମସୁଲ୍ ହକ୍ ଖାନ୍

# ବିଶ୍ୱଶାନ୍ତି ପ୍ରତିଷ୍ଠାକାରୀ ଧର୍ମ

# ଇସଲାମ

ଲେଖକ

**ଶମସୁଲ୍ ହକ୍ ଖାନ୍**

ପ୍ରକାଶକ

**ନଜାରତ ନଶରୋ ଇଶାଅତ, କାଦିୟାନ**

# ବିଶ୍ୱଶାନ୍ତି ପ୍ରତିଷ୍ଠାକାରୀ ଧର୍ମ ଇସଲାମ
## Bishwa Shanti Pratisthakari Dharma ISLAM

**ଲେଖକ:** ମୌଲବୀ ଶମସୁଲ୍ ହକ୍ ଖାନ୍, କେରଙ୍ଗ
*Written by* : **Mlv. Shamsul Haque Khan, Kerang**
(ସମୀକ୍ଷା କମିଟି,ଓଡିଶାଙ୍କ ଦ୍ୱାରା ସମ୍ପାଦିତ)

**ପ୍ରକାଶକ:** ନାଜର୍ ନଶ୍‌ରୋ ଓ ଇଶାଅତ
ସଦର ଅଞ୍ଜୁମନ୍ ଅହମଦୀୟା
କାଦିୟାନ୍, ପଞ୍ଜାବ 143516

**ମୁଦ୍ରକ:** ଫଜଲେ ଉମର ପ୍ରିଣ୍ଟିଙ୍ଗ ପ୍ରେସ
କାଦିୟାନ୍, ପଞ୍ଜାବ 143516

**ପ୍ରଥମ ସଂସ୍କରଣ :** 2021 (1000 Copies)

**ଅକ୍ଷର ସଜ୍ଜା:** ଏ.ବି.ସି. ରିପ୍ରୋଡକସନ ସେଣ୍ଟର
ସାକ୍ଷୀପଡା, ସମ୍ବଲପୁର

**ISBN :**

No part of this publication may be reproduced in any from or by any means without prior written permission from the publisher.

## ପ୍ରକାଶକଙ୍କ କଲମରୁ......

ଅହମଦୀୟା ମୁସଲିମ ଜମାଅତ ଇସଲାମ ଧର୍ମର ବାସ୍ତବ ପ୍ରତିଛବିକୁ ଦର୍ଶାଇଥାଏ । 'ଇସଲାମ' ଶବ୍ଦର ଦୁଇ ପ୍ରକାର ଅର୍ଥ ରହିଛି । ଆକ୍ଷରିକ ଅର୍ଥରେ ଏହା ଶାନ୍ତି ଓ ନିରାପତ୍ତାକୁ ବୁଝାଇଥାଏ । ଏହାକୁ ମାର୍ମିକ ଅର୍ଥ କଲେ ସଂପୂର୍ଣ୍ଣ ଆତ୍ମ ସମର୍ପଣର ଭାବ । ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ଇସଲାମ ଧର୍ମର ଏହି ମୂଳ ବାର୍ତ୍ତାକୁ ଜନମାନସରେ ପହଞ୍ଚାଇବା ପାଇଁ ଏହି ପୁସ୍ତକର ଲେଖକ ମୌଲବୀ ଶମସୁଲ ହକ୍ ଖାନ୍ (ମୋଅଲ୍ଲମ ଇସଲାହ ଓ ଇରଶାଦ) ଯଥେଷ୍ଟ ପ୍ରୟାସ କରିଛନ୍ତି ।

ପ୍ରେମ, ନ୍ୟାୟ ଓ ସଦ୍‌ଭାବନାର ବାର୍ତ୍ତା ବହନ କରିଥିବା ଏହି ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ସେ କେବଳ ପବିତ୍ର କୁରଆନ ଓ ହଦିସ ପୁସ୍ତକରୁ ପ୍ରମାଣ ଉପସ୍ଥାପନ କରିଛନ୍ତି ତା'ନୁହେଁ, ବରଂ ତତ୍‌ସହିତ ବେଦ, ଗୀତା, ପୁରାଣ ଓ ଉପନିଷଦ ଆଦି ଗ୍ରନ୍ଥମାନଙ୍କରୁ ମଧ୍ୟ ଆବଶ୍ୟକୀୟ ଶ୍ଳୋକଗୁଡିକୁ ଏହି ରଚନାରେ ସ୍ଥାନ ଦେଇଛନ୍ତି । ଯଦ୍ୱାରା ପୁସ୍ତକର ଶୀର୍ଷକ 'ବିଶ୍ୱ ଶାନ୍ତି ପ୍ରତିଷ୍ଠାକାରୀ ଧର୍ମ - ଇସଲାମ'ର ଯଥାର୍ଥତା ସିଦ୍ଧ ହୋଇ ପାରିଛି ।

ତଦନୁରୂପ ଜିହାଦର ପ୍ରକୃତ ସିଦ୍ଧାନ୍ତକୁ ନବୁଝି ପାରିବା ଯୋଗୁଁ ଆଜି ଯେପରି ଇସଲାମ ଧର୍ମ ସମଗ୍ର ବିଶ୍ୱରେ ନିନ୍ଦିତ ଓ ବଦନାମ ହେବାକୁ ବସିଲାଣି, ସେ ଦିଗରେ ଅହମଦିୟତ୍ ଅର୍ଥାତ ବାସ୍ତବ ଇସଲାମର ଭୂମିକା ତଥା ଉଲ୍ଲେଖନୀୟ ପଦକ୍ଷେପ ସମ୍ବନ୍ଧରେ ଏହି ଲେଖାରୁ ଅନେକ ତଥ୍ୟ ଓ ତତ୍ତ୍ୱ ଭିତ୍ତିକ ଜ୍ଞାନ ମିଳିପାରିବ ।

ବୟୋଜ୍ୟେଷ୍ଠ ଶମସୁଲ ହକ୍ ସାହେବଙ୍କ ଦ୍ୱାରା ପରିବେଷିତ ଭାଷଣମାନଙ୍କରେ ସର୍ବଧର୍ମ ସମନ୍ୱୟର ଭାବ ଫୁଟି ଉଠିଥାଏ । ସେ ପରିଣତ ବୟସରେ ଉପନୀତ ହୋଇଥିଲେ ସୁଦ୍ଧା ତାଙ୍କର ଜୀବନବ୍ୟାପୀ ସାଧନା ଓ ଧର୍ମନିଷ୍ଠା ଭାବନା ଜମାଅତର ଆଗାମୀ ପିଢିକୁ ଅବଶ୍ୟ ପ୍ରେରଣା ଯୋଗାଇବ । ତେଣୁ ତାଙ୍କର ଦୀର୍ଘାୟୁ କାମନା କରି ପ୍ରାର୍ଥନା କରୁଅଛି କି ଈଶ୍ୱର ତାଙ୍କର ନିଃସ୍ୱାର୍ଥ ଧର୍ମସେବାକୁ ଗ୍ରହଣ କରନ୍ତୁ ।

ଏହି ନିବନ୍ଧର ସଂଶୋଧନ ଓ ସମୀକ୍ଷା କାର୍ଯ୍ୟରେ ସମୀକ୍ଷକ ଇଂ. ରୌଶନ୍ ଖାନ୍‌ଙ୍କୁ ରିଭ୍ୟୁ କମିଟି ଓଡିଶାର ବରିଷ୍ଠ ସଦସ୍ୟ ଯନାବ ହବିବୁର୍ ରହମାନ, ବି.ଏ. ତଥା ମୌଲାନା ଫଜଲ୍ ହକ୍ ଖାନ, ଏଚ୍.ଏ. ସହଯୋଗ କରିଥିବାରୁ ନଜାରତ ନଶରୋ ଇଶାଅତ (କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ), କାଦିୟାନଙ୍କ ତରଫରୁ ସେ ସମସ୍ତଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଆଶା କରୁଛି ଯେ ଏହି ପୁସ୍ତକ ଓଡିଶାର ଅଗଣିତ ପାଠକ/ପାଠିକାଙ୍କୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ଇସଲାମର ମହତ୍ୱପୂର୍ଣ୍ଣ ଅବଦାନ ସମ୍ବନ୍ଧରେ ସଠିକ ଜ୍ଞାନ ଯୋଗାଇବା ସହିତ ସତ୍ୟକୁ ଚିହ୍ନିବାରେ ଉପଯୁକ୍ତ ମାର୍ଗଦର୍ଶନ କରିବ ।

ଗୁଣମୁଗ୍ଧ

**ହାଫିଜ ମଖ୍‌ଦୁମ ଶରିଫ୍**

ନାଜର ନଶ୍‌ରୋ ଇଶାଅତ୍, କାଦିୟାନ

# ମର୍ଯ୍ୟାଦାସୂଚକ ଉକ୍ତି

ସଅ - (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ - (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ - (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧୀକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ - (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ - (ଅୟଦହୁଲ୍ଲାହୁ ତା'ଲା ବେନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଇସଲାମ ଧର୍ମ | 1 |
| ଇସଲାମ୍ ବିଶ୍ୱଶାନ୍ତି ପ୍ରତିଷ୍ଠାକାରୀ ଧର୍ମ | 5 |
| ଏକ ଧର୍ମ ଯୁଗେ ଯୁଗେ | 6 |
| ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବାର ପ୍ରଥମ ସୋପାନ | 12 |
| ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବାର ଦ୍ୱିତୀୟ ସୋପାନ | 17 |
| ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର ତୃତୀୟ ସୋପାନ | 23 |
| ଆତ୍ମଶାନ୍ତିର ପ୍ରଧାନ ଉପାୟ | 27 |
| ପବିତ୍ର କୁରଆନରୁ କେତେକ ପ୍ରାର୍ଥନା | 31 |
| ଅନ୍ତିମ ଯୁଗରେ ଧର୍ମର ଗ୍ଲାନି ଓ ପୁନଃ ଧର୍ମ ସଂସ୍ଥାପନ | 33 |
| ଇମାମ ମେହଦି ଓ କଲ୍କି ଅବତାରଙ୍କ ଆବିର୍ଭାବ | 37 |
| ଇମାମ ମେହଦିଙ୍କ ସତ୍ୟତାର ପ୍ରମାଣ | 39 |
| ବିଶ୍ୱ ଅବତାର ହେବାର ଘୋଷଣା | 46 |
| ପବିତ୍ର କୁରଆନରେ ଜିହାଦର ବାସ୍ତବିକତା | 58 |
| ଜିହାଦ ଏବଂ ପ୍ରତିଶ୍ରୁତ ମସିହ ଓ ମେହଦି | 66 |

# ଇସଲାମ ଧର୍ମ

ଇସଲାମ୍ ଧର୍ମ କୌଣସି ନୂତନ ଧର୍ମ ନୁହେଁ, ବରଂ ଏହା ସଂସାରର ଆଦ୍ୟ ଅବତାର ହଜରତ୍ ଆଦମ୍[ଅସ] ଙ୍କ ଠାରୁ ଆରମ୍ଭ ହୋଇ ହଜରତ ମୁହମ୍ମଦ[ସଅ] ଙ୍କ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇ ଥିବା ଏହି ଧର୍ମକୁ 'ଇସଲାମ୍' ନାମରେ ନାମକରଣ କରାଯାଇ ଥିବାର ପବିତ୍ର କୁରଆନରୁ ପ୍ରମାଣିତ । ଇସଲାମ ମୌଳିକ ରୂପେ ଏକେଶ୍ୱରବାଦ ଭିତ୍ତିକ ଧର୍ମ ଓ ମନୁଷ୍ୟର ପ୍ରକୃତିଗତ ଧର୍ମ । ମନୁଷ୍ୟ ପ୍ରକୃତିରେ ଏକେଶ୍ୱରବାଦର ସତ୍ତା ରହିଛି, କାରଣ ସମସ୍ତ ମନୁଷ୍ୟ ଠାରେ ଆତ୍ମା ରହିଛି । ତାହା ହେଉଛି ଜୀବାତ୍ମା ଓ ସେହି ଆତ୍ମାକୁ ପ୍ରଦାନ କରିଛନ୍ତି ଅଲ୍ଲାଃ ପରମାତ୍ମା । ଯେହେତୁ ମାତୃ ଗର୍ଭରେ ପିଣ୍ଡର ଆକୃତି ଗଢିସାରି ସେଥିରେ ସେ 'ରୁହ' ଅର୍ଥାତ ଆତ୍ମାକୁ ଫୁଙ୍କିଥାନ୍ତି, ତେଣୁ ମନୁଷ୍ୟ ନିଜର ଆତ୍ମାକୁ ନଦେଖି ମଧ୍ୟ ବିଶ୍ୱାସ କରୁଛି । ସେହି ପରମାତ୍ମାଙ୍କ ଆଦେଶ ଅନୁସାରେ ଆତ୍ମାର ସୃଷ୍ଟି ହୋଇଛି ଓ ତାଙ୍କରି ଡାକରା ହେଲେ ଆତ୍ମାଟି ଚାଲି ଯାଉଛି । କାହାରି ଶକ୍ତି ନାହିଁ ଯିଏ ତାକୁ ଧରି ରଖିବ । ଏହା ସମସ୍ତେ ଅନୁଭବ କରୁଛନ୍ତି । ତେବେ ଇସଲାମ ଧର୍ମ ବିଶ୍ୱଶାନ୍ତି ଓ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାକାରୀ ଧର୍ମ । ଏହି ଧର୍ମରେ ସମସ୍ତ ମାନବଜାତିକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନିଜର ଭାଇ ବୋଲି ସ୍ୱୀକାର କରିବା ଓ ସମସ୍ତ ଅବତାରମାନଙ୍କୁ ନିଜର ବୋଲି ବିଶ୍ୱାସ କରି ତାଙ୍କୁ ସମ୍ମାନ ଦେବା ପାଇଁ ଆଦେଶ ଦିଆଯାଇଛି ।

ସମସ୍ତ ବିଶ୍ୱରେ ଶାନ୍ତି ମୈତ୍ରୀ ଓ ଭାତୃତ୍ୱର ପ୍ରତିଷ୍ଠା ସକାଶେ ଆସିଥିବା ହଜରତ ମୁହମ୍ମଦ[ସଅ] ବିଶ୍ୱସ୍ରଷ୍ଟା ଅଲ୍ଲାଃତାଲାଙ୍କ ଠାରୁ ଆଦେଶ ପ୍ରାପ୍ତ କରି ଏହା ଘୋଷଣା କରିଛନ୍ତି । ଯେପରି ପବିତ୍ର କୁରଆନରେ ବର୍ଣ୍ଣିତ ଅଛି

قُلْ يَآاَيُّهَا النَّاسُ اِنِّىْ رَسُوْلُ اللّٰهِ اِلَيْكُمْ جَمِيْعًا

**'କୁଲ୍ ୟାଅଇୟୋହନ୍ ନାସୋ ଇନ୍ନି ରସୁଲୁଲ୍ଲାହି ଇଲୈକୁମ୍ ଜମିଆ'**

ଅର୍ଥାତ୍ (ଅଲ୍ଲାଃତାଲା କହୁଛନ୍ତି) 'ହେ ମୁହମ୍ମଦ[ସଅ] ତୁମେ କୁହ, ହେ ସମସ୍ତ ମାନବ ଜାତି ! ମୁଁ ନିଶ୍ଚୟ ତୁମ ସମସ୍ତଙ୍କ ପାଇଁ ଆକାଶ ଓ ପୃଥିବୀର ଅଧୀଶ୍ୱର ଅଲ୍ଲାଃଙ୍କର (ପ୍ରେରିତ ଦୂତ) ରସୁଲ ହୋଇ ଆସିଛି ।'

(ଅଲ୍ ଆରାଫ,7:159)

ହଜରତ ମୁହମ୍ମଦ[ସଅ] ସମସ୍ତ ମାନବଜାତି ପାଇଁ ପ୍ରେରିତ ହେବା ସଂଗେ ସଂଗେ ଏହା ମଧ କହିଛନ୍ତି, "ଅଲ୍‌ଖଲ୍‌କୋ ଅୟାଲୁଲ୍ଲାଃ ଫାଅହବ୍‌ବୁଲ୍ ଖଲ୍‌କେ ଇଲ୍ଲଲ୍ଲାହି ମନ୍ ଅହ୍‌ସନା ଇଲା ଅୟାଲିହି' (ହଦିସ୍) ଅର୍ଥାତ 'ସମସ୍ତ ସୃଷ୍ଟଜ ମନୁଷ୍ୟ ଅଲ୍ଲାଃଙ୍କ ସନ୍ତାନ । ଅଲ୍ଲାଃଙ୍କ ନିକଟରେ ସ୍ନେହର ପାତ୍ର ସେହି ଯେକି ନିଜର ମନୁଷ୍ୟ ଭାଇ ସହିତ ଭଲ ବ୍ୟବହାର କରେ । ସୁତରାଂ ସେହି ଦୃଷ୍ଟିରୁ ଇସଲାମ ହେଉଛି ବିଶ୍ୱଶାନ୍ତି ଓ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠାକାରୀ ଧର୍ମ । ଏଥି ସମ୍ବନ୍ଧରେ ବିସ୍ତୃତ ବିବରଣୀ ଆଗକୁ ଉଲ୍ଲେଖ କରାଯାଉଛି । ମନୁଷ୍ୟକୁ ଅଲ୍ଲାଃ ପରମାତ୍ମା ସର୍ବଶ୍ରେଷ୍ଠ ପ୍ରାଣୀ ରୂପେ ସୃଷ୍ଟି କରିବା ସହିତ ସଂସାରର ସମସ୍ତ ବସ୍ତୁକୁ ମନୁଷ୍ୟ ସେବାରେ ଲଗାଇଛନ୍ତି । ଯଥା ଚନ୍ଦ୍ର ସୂର୍ଯ୍ୟ, ପାଣି ପବନ, ବୃକ୍ଷ ଲତା ଓ ଗ୍ରହ ନକ୍ଷତ୍ର ବିନା ମୂଲ୍ୟରେ ମାନବ ସେବାରେ ଲାଗଛନ୍ତି । ସେହିପରି ଆତ୍ମଶାନ୍ତି ଓ ଆତ୍ମାର ସଦଗତି ଓ ଅଶାନ୍ତିରୁ ବଞ୍ଚିତ ହେବା ପାଇଁ ମାନବକୁ ଧର୍ମର ଶିକ୍ଷା ଦେଇଛନ୍ତି । ଧର୍ମର ପ୍ରଧାନ କର୍ମ ହେଉଛି ଆତ୍ମା ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନ କରାଇବା ଯାହାକି ମନୁଷ୍ୟ ଜୀବନର ପ୍ରଧାନ ଲକ୍ଷ୍ୟ । ପବିତ୍ର କୁରଆନ୍‌ରେ ଅଲ୍ଲାଃ ମନୁଷ୍ୟ ଜୀବନର ମୁଖ୍ୟ ଲକ୍ଷ୍ୟ ନିର୍ଦ୍ଧାରଣ କରି ଏହା ଉଲ୍ଲେଖ କରିଛନ୍ତି,

وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ ۝٥٧

**ୱମା ଖଲକ୍‌ତୁଲ୍ ଜିନ୍ନା ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍**

(ଅଲ ଯାରିଯାତ୍ 51:57)

ଅର୍ଥାତ୍ 'ଆମ୍ଭେ ଜିନ୍ ଓ ଇନ୍‌ସାନ(ମନୁଷ୍ୟ)ମାନଙ୍କୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ ।' ଏହି ଆୟତରୁ ପ୍ରମାଣିତ ହୁଏ କି ସମସ୍ତ ବସ୍ତୁର ସୃଷ୍ଟି ମନୁଷ୍ୟ ସେବାପାଇଁ ଓ ମନୁଷ୍ୟର ସୃଷ୍ଟି ଅଲ୍ଲାଃ ପରମାତ୍ମାଙ୍କ ଆରାଧନା ପାଇଁ ହୋଇଇଛି । ଏହାଦ୍ୱାରା ଆତ୍ମଶାନ୍ତି ତଥା ପରମାନନ୍ଦ ଲାଭ

ହୁଏ ଏବଂ ତାଙ୍କରି ସାନ୍ନିଧ ଲାଭ କରି ସତକାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରାପ୍ତ ହୁଏ । ମନୁଷ୍ୟ ଯେତେବେଳେ ତାର ଏହି ଜନ୍ମର ଉଦ୍ଦେଶ୍ୟକୁ ଭୁଲି ଯାଇ ଅଶାନ୍ତିରେ ପଡିଯାଏ, ସେତେବେଳେ ଅଲ୍ଲାଃ ବିଭିନ୍ନ ସମୟରେ ବିଭିନ୍ନ ଦେଶମାନଙ୍କରେ ନିଜର ପ୍ରେରିତ ଦୂତ, ଅବତାର, ନବୀ, ରସୁଲମାନଙ୍କୁ ଆବିର୍ଭାବ କରାଇ ମନୁଷ୍ୟ ସମାଜକୁ ଚେତନା ଦେଇ ଆସିଛନ୍ତି । ଯେପରି ପବିତ୍ର କୁରଆନରେ ଅଲ୍ଲାଃଙ୍କ ବାଣୀର ଏହିପରି ଉଲ୍ଲେଖ ହୋଇଛି,

وَلَقَدْ ضَلَّ قَبْلَهُمْ اَكْثَرُ الْاَوَّلِيْنَ ۝٧٢

وَلَقَدْ اَرْسَلْنَا فِيْهِمْ مُّنْذِرِيْنَ ۝٧٣

**'ୱଲକଦ୍ ଯଲ୍ଲା କବ୍‌ଲହୁମ୍ ଅକ୍‌ସରୁଲ୍ ଅୱ୍ୱଲିନା**
**ୱଲକଦ୍ ଅର୍‌ସଲ୍‌ନା ଫିହିମ୍ ମୁନ୍‌ଯିରିନ୍'**

(ଅଲ୍ ସ୍ୱାଫାତ୍, 37:72-73)

ଅର୍ଥାତ୍ 'ସେମାନଙ୍କ ପୂର୍ବରୁ ଅଧିକାଂଶ ସମ୍ପ୍ରଦାୟ ମଧ୍ୟ ପଥଭ୍ରଷ୍ଟ ହୋଇଛନ୍ତି ଓ ଆମ୍ଭେ ସେମାନଙ୍କ ମଧ୍ୟରେ ରସୁଲ ପ୍ରେରଣ କରିଅଛୁ ।'

ହଜରତ୍ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ଠାରୁ ଜ୍ଞାନ ପ୍ରାପ୍ତ କରି କହିଛନ୍ତି କି ସର୍ବପ୍ରଥମ ନବୀ ଆଦମ୍[ଅସ]ଙ୍କ ଠାରୁ ଆଜି ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ବିଭିନ୍ନ ସମୟରେ ଧର୍ମ ପ୍ରତିଷ୍ଠା ପାଇଁ ଏକ ଲକ୍ଷ ଚବିଶି ହଜାର ପୈଗମ୍ବର ଓ ଅବତାର ଅଲ୍ଲାଃଙ୍କ ତରଫରୁ ପ୍ରେରିତ ହୋଇଛନ୍ତି । ସେମାନେ ସମସ୍ତେ ଏକ ପରମେଶ୍ୱର ଅଲ୍ଲାଃଙ୍କ ଉପାସନା କରିବା ପାଇଁ ଉପଦେଶ ଦେଇଛନ୍ତି । ସମସ୍ତ ଧର୍ମଶାସ୍ତ୍ରମାନଙ୍କରୁ ଏହାର ପ୍ରମାଣ ମିଳୁଛି । ସେସବୁ ଶାସ୍ତ୍ରମାନଙ୍କୁ ଅଧ୍ୟୟନ କଲେ ଜଣାପଡ଼େ ଯେ ପ୍ରତ୍ୟେକ ଧର୍ମର ଲକ୍ଷ୍ୟ ଏକ । ଅର୍ଥାତ୍ ଅଲ୍ଲାଃ ପରମେଶ୍ୱରଙ୍କ ପ୍ରାପ୍ତି ତଥା ସେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଉପାୟ ମଧ୍ୟ ଏକ । ତାହା ହେଉଛି ଆତ୍ମାର ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନ କରିବା । ଏଥିରେ ସଫଳତା ଲାଭ କରିବାର ମାଧ୍ୟମ ହେଉଛି ଧ୍ୟାନ, ତପସ୍ୟା ଓ ନମାଜ କିମ୍ବା ପ୍ରାର୍ଥନା । ଏଥିରେ ସମସ୍ତ ଧର୍ମ ଶାସ୍ତ୍ର

ଏକମତ, ଯାହାର ବିସ୍ତୃତ ବିବରଣୀ ଆଗକୁ ଉଲ୍ଲେଖ କରାଯାଉଛି ।

ଧର୍ମଶାସ୍ତ୍ରମାନଙ୍କରୁ ଏହା ମଧ୍ୟ ପ୍ରମାଣ ମିଳେ ଯେ ବର୍ତ୍ତମାନ ସମୟ ହେଉଛି ଆଖରି ଜମାନା ଅର୍ଥାତ ଅନ୍ତିମ ଯୁଗ ତଥା କଳି ଯୁଗରେ ଧର୍ମର ଗ୍ଲାନି ହେବ । ପୁନର୍ବାର ଧର୍ମ ପ୍ରତିଷ୍ଠା କରିବା ପାଇଁ ଜଣେ ପ୍ରତିଶ୍ରୁତ ଅବତାର ଧରାପୃଷ୍ଠରେ ଆବିର୍ଭୂତ ହେବେ । ଯେପରି ତାଙ୍କ ଆଗମନ ସମ୍ବନ୍ଧରେ ବାଇବେଲ୍, ଗୀତା, ମାଳିକା, ପବିତ୍ର କୁରଆନ୍ ଓ ହଦିସ୍‌ରେ ଉଲ୍ଲେଖ ହୋଇଛି । ଦୈବୀବାଣୀ କେବେ ହେଲେ ଅନ୍ୟଥା ହୋଇପାରେ ନାହିଁ । ବର୍ତ୍ତମାନ ସମୟରେ ସମସ୍ତେ ଏହା ଅନୁଭବ କରୁଛନ୍ତି ଯେ ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ଧର୍ମର ମୂଳ ଶିକ୍ଷାରୁ ଦୂରେଇ ଯାଇ ତଥା ନିଜର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତାଙ୍କୁ ଭୁଲି ଯାଇଛନ୍ତି । ଏହି କ୍ଷଣସ୍ଥାୟୀ ସଂସାରରେ ଲୋଭ, ମୋହ, ଲାଳସାରେ ଲିପ୍ତ ହୋଇ ଅଶାନ୍ତି ଭୋଗ କରୁଛନ୍ତି । ଯେତେ ଧନ ଉପାର୍ଜନ କଲେ ସୁଦ୍ଧା ମନୁଷ୍ୟଙ୍କୁ ଆତ୍ମଶାନ୍ତି ମିଳୁନାହିଁ । ଏହି ଘୋର ଅଶାନ୍ତିରୁ ମୁକ୍ତି ଦେବା ଓ ଆତ୍ମଶାନ୍ତି ପ୍ରାପ୍ତ ଉଦ୍ଦେଶ୍ୟରେ ଅଲ୍ଲାଃ ପରମାତ୍ମା ଜଣେ ଯୁଗାବତାରଙ୍କୁ ପ୍ରେରିତ କରି ସାରିଛନ୍ତି, ଯାହାଙ୍କର ନାମ 'ହଜରତ ମିର୍ଜା ଗୁଲାମ୍ ଅହମଦ୍[ଅସ]' । ଉକ୍ତ ଯୁଗାବତାର ଯେଉଁ ସମ୍ପ୍ରଦାୟ ସ୍ଥାପନ କରିଛନ୍ତି ତାର ନାମ 'ଜମାଅତ୍ ଅହମଦୀୟା' ଅର୍ଥାତ୍ ଅହମଦୀୟା ମୁସଲିମ୍ ସମ୍ପ୍ରଦାୟ । ଏହି ଜମାଅତର କାର୍ଯ୍ୟ ହେଉଛି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବଜାତିର ସେବା କରିବା ଏବଂ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବା । ଏହି ଜମାଅତରେ ବହୁତ ଚିନ୍ତାଶୀଳ ବୁଦ୍ଧିଜୀବୀ ଓ ବିଶିଷ୍ଟ ଜ୍ଞାନୀ ଲୋକମାନେ ଅନ୍ତର୍ଭୁକ୍ତ ହୋଇଛନ୍ତି, ଯଥା- ବିଶ୍ୱର ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ସାର୍ ଚୌଧୁରୀ ଜଫରୁଲ୍ଲା ଖାନ ସାହେବ, ଅହମଦୀୟା ସଂପ୍ରଦାୟର ଦୀକ୍ଷାନ୍ତ ଅନୁଗାମୀ ତଥା ପ୍ରଥମ ମୁସଲମାନ ନୋବେଲ୍ ପୁରସ୍କାର ବିଜେତା ଡକ୍ଟର ଅବ୍ଦୁସ୍ ସଲାମ ଓ ସେହିପରି ଆଫ୍ରିକା ମହାଦେଶର ଗାମ୍ବିଆର ପୂର୍ବତନ ଗଭର୍ଣ୍ଣର ଏଫ୍.ଏମ୍. ସିଂଘାଟେ ପ୍ରଭୃତି ମହାମନିଷୀଗଣ । ସେହିପରି ଆଫ୍ରିକାର ଅନେକ ରାଜା ମହାରାଜାମାନେ ମଧ୍ୟ ଏହି

ଜମାଅତରେ ଦୀକ୍ଷା ନେବା ପୂର୍ବକ ସାମିଲ ହୋଇଛନ୍ତି । ଏହି ଜମାଅତର ଗୋଟିଏ ଟି.ଭି.ଚ୍ୟାନେଲ 'ଏମ.ଟି.ଏ.' (ମୁସଲିମ୍ ଟେଲିଭିଜନ ଅହମଦୀୟା) ନାମରେ ବିଶ୍ୱବ୍ୟାପୀ ଖ୍ୟାତି ଲାଭ କରିଛି । ଯାହାଦ୍ୱାରା ଦିନରାତି ଚବିଶ ଘଣ୍ଟା ବିଭିନ୍ନ ଭାଷାରେ ଧର୍ମତତ୍ତ୍ୱ ଓ ନିତୀଶିକ୍ଷାର ପ୍ରଚାର ଚାଲିଛି । ଏହାକୁ ପୃଥିବୀର ସାତଗୋଟି ମହାଦେଶର ଲୋକମାନେ ସେଟଲାଇଟ୍ ମାଧ୍ୟମରେ ଦେଖୁଛନ୍ତି । ଏହି ଜମାଅତର ସର୍ବୋଚ୍ଚ ଆଧ୍ୟାତ୍ମିକ ଗୁରୁ ମହାମାନ୍ୟ ଖଲିଫା ହଜରତ ମିର୍ଜା ମସ୍‌ରୁର୍ ଅହମଦ ସାହେବ ବର୍ତ୍ତମାନ ଲଣ୍ଡନରେ ଅବସ୍ଥାନ କରୁଛନ୍ତି ଓ ବିଭିନ୍ନ ଦେଶମାନଙ୍କରେ ଭ୍ରମଣ କରି ବିଶ୍ୱଶାନ୍ତି ଓ ବିଶ୍ୱ ଭ୍ରାତୃଭାବର ପ୍ରଚାର ଓ ନୀତିଶିକ୍ଷା ଦେଉଛନ୍ତି । ଏପରିକି ଆମେରିକା, ଜର୍ମାନୀ, ୟୁରୋପିଆନ୍ ପାର୍ଲାମେଣ୍ଟ, ବ୍ରିଟିସ ପାର୍ଲାମେଣ୍ଟ ଓ ସିଙ୍ଗାପୁର, ଅଷ୍ଟ୍ରେଲିଆ ଇତ୍ୟାଦି ଦେଶମାନଙ୍କରେ ବକ୍ତବ୍ୟ ପ୍ରଦାନ କରି ବିଶ୍ୱବାସୀଙ୍କୁ ବିଶ୍ୱଶାନ୍ତି ଓ ଭ୍ରାତୃଭାବର ଇସଲାମୀୟ ଶିକ୍ଷା ପ୍ରଦାନ କରି ଚାଲିଛନ୍ତି । ଏହା ବିଭିନ୍ନ ପତ୍ରପତ୍ରିକା ମାଧ୍ୟମରେ ପ୍ରଚାର ଓ ପ୍ରସାର ହୋଇ ଚାଲିଛି ଏବଂ ଆଧୁନିକ କମ୍ପୁଟର ନେଟ୍ ମାଧ୍ୟମରେ ମଧ୍ୟ ଏହି ଜମାଅତର ବିଭିନ୍ନ କାର୍ଯ୍ୟକ୍ରମ ଦେଖା ଓ ଶୁଣା ଯାଉଛି । ଏହାର ୱେବସାଇଟ୍ ଠିକଣା ହେଲା–www.alislam.org.

## ଇସଲାମ୍ ବିଶ୍ୱଶାନ୍ତି ପ୍ରତିଷ୍ଠାକାରୀ ଧର୍ମ

ବର୍ତ୍ତମାନ ସମୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପୃଥିବୀରେ ଅଶାନ୍ତି ସୃଷ୍ଟି ହେବାର ତିନୋଟି କାରଣ ରହିଅଛି, (୧) ଧର୍ମଗତ ଭେଦ, (୨) ଜାତିଗତ ଭେଦ (୩) ଅହଂଭାବ । ଏହି ତିନି ପ୍ରକାର ଅଶାନ୍ତିରୁ ବଞ୍ଚିତ ହେବା ଓ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ତଥା ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବା ପାଇଁ ବିଶ୍ୱସ୍ରଷ୍ଟା ଅଲ୍ଲାଃ ଇସଲାମୀୟ ଧର୍ମଶାସ୍ତ୍ର ପବିତ୍ର କୁର୍‌ଆନରେ ଅତି ସୁନ୍ଦର ଭାବରେ ଶିକ୍ଷାମାନ ଉଲ୍ଲେଖ କରିଛନ୍ତି, ଯାହାକୁ ଅନୁସରଣ କଲେ ସଂସାରେ ଶାନ୍ତି ସ୍ଥାପନ ହୋଇପାରିବ ।

# ଏକ ଧର୍ମ ଯୁଗେ ଯୁଗେ

ଧର୍ମରେ କୌଣସି ଭେଦଭାବ ନାହିଁ । ପ୍ରତ୍ୟେକ ଧର୍ମରେ ଯୁଗେ ଯୁଗେ ଅଲ୍ଲାଃ ମାନବର କଲ୍ୟାଣ ପାଇଁ ଓ ଆତ୍ମଶାନ୍ତି ତଥା ବିଶ୍ୱଶାନ୍ତି ପାଇଁ ଧର୍ମ ଆଚରଣ କରିବା ସକାଶେ ଶିକ୍ଷା ଦେଇଛନ୍ତି । କିନ୍ତୁ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର କେତେକ ଲୋକ ପ୍ରକୃତ ଧର୍ମ ଠାରୁ ଦୂରେଇ ଯାଇ ଧର୍ମ ନାମରେ କଳହ ସୃଷ୍ଟି କରୁଛନ୍ତି । ଏହା ପ୍ରତ୍ୟେକ ଧାର୍ମିକ ତଥା ବିବେକୀ ବ୍ୟକ୍ତି ଦୃଷ୍ଟିରେ ଅତ୍ୟନ୍ତ ନିନ୍ଦନୀୟ । ପ୍ରତ୍ୟେକ ଧର୍ମ ଏକେଶ୍ୱରବାଦ ଉପରେ ଆଧାରିତ । ଯେପରି ପବିତ୍ର କୁରଆନରେ ଅଲ୍ଲାଃଙ୍କର ବାଣୀ ଉଲ୍ଲେଖ ହୋଇଛି

وَلَقَدْ بَعَثْنَا فِي كُلِّ أُمَّةٍ رَّسُولًا أَنِ اعْبُدُوا اللَّهَ وَاجْتَنِبُوا الطَّاغُوتَ

**'ୱଲକଦ୍ ବାଆସ୍‌ନା ଫିକୁଲ୍ଲି ଉମ୍ମତିର୍ ରସୁଲନ୍ ଅନେବୁଦୁଲ୍ଲାହା ୱଜତନେବୁତ୍ ତାଗୁତ୍** (ଅଲ ନହଲ୍, 16:37)

ଅର୍ଥାତ୍ (ଅଲ୍ଲାଃତାଲା କହୁଛନ୍ତି) 'ବାସ୍ତବରେ ଆମ୍ଭେ ପ୍ରତ୍ୟେକ ଗୋଷ୍ଠୀରେ ଏହି ଆଦେଶ ସହିତ କୌଣସି ନା କୌଣସି ରସୁଲ ବା ଅବତାର ପ୍ରେରଣ କରିଛୁ ଯେ (ତୁମେମାନେ କହିଦିଅ) ହେ ଲୋକମାନେ ! ତୁମେ ଅଲ୍ଲାଃଙ୍କର ଆରାଧନା କର ଓ ପ୍ରତ୍ୟେକ ସୀମା ଲଂଘନକାରୀ (ଦୁଷ୍ଟ ପ୍ରବୃତ୍ତିର ଶୈତାନ) ଠାରୁ ଦୂରେଇ ରୁହ ।' ଅଲ୍ଲାଃଙ୍କର ଏହି ବାଣୀକୁ ଧ୍ୟାନରେ ରଖି ପ୍ରତ୍ୟେକ ଧର୍ମଶାସ୍ତ୍ରକୁ ଅଧ୍ୟୟନ କଲେ ସ୍ପଷ୍ଟ ଭାବେ ପ୍ରମାଣିତ ହୁଏ ଯେ ସେଥିରେ ଏକେଶ୍ୱରବାଦର ଶିକ୍ଷା ରହିଅଛି ଏବଂ ସେହି ପରମାତ୍ମାଙ୍କୁ ପ୍ରାପ୍ତ ହେବା ପାଇଁ ଏକମାତ୍ର ଉପାୟ ଅବଲମ୍ବନ କରିବା ସକାଶେ ମଧ୍ୟ ଆଦେଶ ଦିଆଯାଇଛି । ତାହା ହେଉଛି ଧ୍ୟାନ, ତପସ୍ୟା ଓ ନମାଜ ।

ଇସଲାମ ଧର୍ମର ମୂଳମନ୍ତ୍ର ଏକେଶ୍ୱରବାଦ ଉପରେ ଆଧାରିତ । ଏହି ଧର୍ମର ପାଞ୍ଚୋଟି ମୌଳିକ ନୀତି ଯଥା 'କଲମା' ଅର୍ଥାତ୍ ଏକେଶ୍ୱରବାଦରେ ବିଶ୍ୱାସ କରିବା, 'ନମାଜ' ଅର୍ଥାତ୍ ପ୍ରାର୍ଥନା, 'ଜକାତ୍' ଅର୍ଥାତ ଦାନ, 'ରୋଜା'

ଅର୍ଥାତ୍ ବର୍ଷକରେ ଏକମାସ ବ୍ୟାପୀ ଉପବାସ ବ୍ରତ ପାଳନ କରିବା ଏବଂ 'ହଜ' ଅର୍ଥାତ୍ ତୀର୍ଥ କରିବା । କଲମା 'ଲାଇଲାହା ଇଲ୍‌ଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ' ଅର୍ଥାତ୍ ତୁମେ ମୁଖରେ ଉଚ୍ଚାରଣ କର ଓ ଅନ୍ତରରେ ବିଶ୍ୱାସ କର ଯେ ଅଲ୍ଲାଃଙ୍କ ବ୍ୟତୀତ କେହି ଉପାସନାର ଉପଯୁକ୍ତ ନୁହନ୍ତି । (ଏହି ଶିକ୍ଷା ଦେଉଥିବା ବ୍ୟକ୍ତି) ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ପ୍ରେରିତ ଦୂତ ଓ ପରମ ଭକ୍ତ ।

ପବିତ୍ର କୁରଆନରେ ଅଲ୍ଲାଃଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଅନେକ ପ୍ରମାଣ ରହିଅଛି । ସେଥିରୁ ଗୋଟିଏ ପ୍ରମାଣର ଉଲ୍ଲେଖ କରାଯାଉଛି । ଯେପରି ଅଲ ବକରାର ପଙ୍‌କ୍ତି ନଂ୨୨ ଓ ୨୩ରେ ଅଲ୍ଲାଃଙ୍କର ବାଣୀ ଉଲ୍ଲେଖ ଅଛି । ଏହାର ଅର୍ଥ ହେଉଛି: 'ହେ ଲୋକମାନେ ! ନିଜ ପାଳନକର୍ତ୍ତାଙ୍କର ଉପାସନା କର ଯେ ତୁମମାନଙ୍କୁ ଓ ତୁମ ପୂର୍ବବର୍ତ୍ତୀ ଲୋକମାନଙ୍କୁ ସୃଷ୍ଟି କରିଛନ୍ତି । ତଦ୍ୱାରା ତୁମେମାନେ ପ୍ରତ୍ୟେକ ପ୍ରକାର ବିପଦରୁ ରକ୍ଷା ପାଇପାରିବ । ସେ ତୁମମାନଙ୍କ ପାଇଁ ପୃଥିବୀକୁ ଶଯ୍ୟା ଓ ଆକାଶକୁ ଛାତ ସଦୃଶ ନିର୍ମାଣ କରିଛନ୍ତି ଓ ମେଘରୁ ଜଳ ବୃଷ୍ଟି କରାଇ ତଦ୍ୱାରା ତୁମ୍ଭମାନଙ୍କ ଜୀବନ ଧାରଣ ସକାଶେ ନାନାଦି ଫଳ ଉପୁଜାଇଛନ୍ତି । ସୁତରାଂ ତୁମେମାନେ ଜାଣିଶୁଣି ଅନ୍ୟ କାହାକୁ ଅଲ୍ଲାଃଙ୍କର ସମକକ୍ଷ କରନାହିଁ ।' ବାସ୍ତବରେ ମନୁଷ୍ୟର ସୃଷ୍ଟି, ଆକାଶ ଓ ପୃଥିବୀର ସୃଷ୍ଟି, ଜଳବର୍ଷା ଓ ଫସଲର ସୃଷ୍ଟି, ଆକାଶରେ ଚନ୍ଦ୍ର, ସୂର୍ଯ୍ୟ ଓ ନକ୍ଷତ୍ରମାନଙ୍କର ସୃଷ୍ଟି, ମନୁଷ୍ୟର ଜନ୍ମ ଓ ମରଣ ଅଲ୍ଲାଃଙ୍କର ଅସ୍ତିତ୍ୱର ଜ୍ୱଳନ୍ତ ପ୍ରମାଣ । ମନୁଷ୍ୟ ପ୍ରତି ଅଲ୍ଲାଃଙ୍କର ଅସୀମ ଦୟାକୁ ମନେ ପକାଇ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କର ଆରାଧନା କରିବା ହେଉଛି ମନୁଷ୍ୟର ପରମ କର୍ତ୍ତବ୍ୟ । ସେହି ସର୍ବଶକ୍ତିମାନ ପରମାତ୍ମା ଅଲ୍ଲାଃଙ୍କର ସାନ୍ନିଧ ଲାଭ କରି ମନୁଷ୍ୟ ଆତ୍ମଶାନ୍ତି ଲାଭ କରିପାରେ । ତାଙ୍କରି ଠାରୁ ଶକ୍ତି ପ୍ରାପ୍ତ କରି ସଂସାରରେ ସତକର୍ମ କରିବାରେ ସକ୍ଷମ ହୋଇପାରେ । ସୁତରାଂ ଅଲ୍ଲାଃଙ୍କ ପରିଚୟ ବିଷୟରେ ହଜରତ ମୁହମ୍ମଦ[ସଅ] କହିଛନ୍ତି : 'ମନ୍ ଅରାଫା ନଫ୍‌ସହୁ ଫକଦ୍ ଅରାଫା ରବ୍‌ବୋହୁ' (ହଦିସ) ଅର୍ଥାତ 'ଯେଉଁମାନେ ନିଜର ଆତ୍ମାକୁ ଚିହ୍ନିପାରନ୍ତି, ସେମାନେ ନିଜର ପାଳନକର୍ତ୍ତାଙ୍କୁ ମଧ୍ୟ ଚିହ୍ନି ପାରନ୍ତି ।'

ସୁତରାଂ ମନୁଷ୍ୟର ଆତ୍ମା ଅରୂପ, ଯାହାଙ୍କୁ ନଦେଖିଲେ ମଧ୍ୟ ସମସ୍ତେ ବିଶ୍ୱାସ କରୁଛନ୍ତି ଓ ଅନୁଭବ କରୁଛନ୍ତି ।

ପବିତ୍ର କୁରଆନରୁ ଏହା ମଧ୍ୟ ପ୍ରମାଣ ମିଳୁଛି ଯେ ସଂସାରର ପ୍ରଥମ ନବୀ(ଅବତାର) ହଜରତ ଆଦମ[ଅସ] ଏକେଶ୍ୱରବାଦର ପୃଷ୍ଠପୋଷକ ଥିଲେ । ଏକ ଅଲ୍ଲାଃଙ୍କର ଆରାଧନା କରିବା ପାଇଁ ଯେଉଁ ମସଜିଦ୍ (ପ୍ରାର୍ଥନା ଗୃହ) ନିର୍ମାଣ କରିଥିଲେ, ତାହାର ନାମ 'ବୈତୁଲ୍ଲାଃ' ଅର୍ଥାତ୍ ଅଲ୍ଲାଃଙ୍କ ଗୃହ ଯାହା ଆରବ ଦେଶର ମକ୍କା ସହରରେ ଅବସ୍ଥିତ । ଏହା ବିଷୟରେ ପବିତ୍ର କୁରଆନରେ ଅଲ୍ଲାଃଙ୍କ ବାଣୀ ଏହିପରି ବର୍ଣ୍ଣିତ ଅଛି :

إِنَّ أَوَّلَ بَيْتٍ وُضِعَ لِلنَّاسِ لَلَّذِي بِبَكَّةَ مُبَارَكًا وَهُدًى لِّلْعَالَمِينَ ﴿٩٧﴾

**'ଇନ୍ନା ଅୱ୍ୱଲାବୈତୁଁ ୱୁଯିଆଲିନ୍ନାସି ଲଲ୍ଲଯି ବେବକ୍କତା ମୁବାରକୌଁ ୱହୁଦଲ ଲିଲ୍ ଆଲମିନ୍ ।'**

(ଆଲେ ଇମ୍ରାନ୍, 3:97)

ଅର୍ଥାତ୍ 'ବାସ୍ତବରେ ଯେଉଁ ଗୃହ ସମସ୍ତ ଲୋକଙ୍କ ହିତ ପାଇଁ ସର୍ବପ୍ରଥମେ ନିର୍ମାଣ କରାଯାଇଥିଲା, ତାହା ମକ୍କାରେ ଅବସ୍ଥିତ । ତାହା ସମଗ୍ର ଜଗତ ପାଇଁ କଲ୍ୟାଣଦାୟକ ସ୍ଥାନ ଓ ସତପଥର ଉତ୍ସ ।' ତେବେ ଏହି ମସଜିଦ୍ କାଳକ୍ରମେ ଧ୍ୱଂସ ହୋଇ ଯାଇଥିଲା ଓ ତାହାର ଭଗ୍ନାବଶେଷ ରହିଯାଇଥିଲା । ସେହି ଗୃହକୁ ପୁନର୍ବାର ନିର୍ମାଣ କରିବାକୁ ଅଲ୍ଲାଃତାଲା ହଜରତ୍ ଇବ୍ରାହିମ୍[ଅସ]ଙ୍କୁ ଆଦେଶ ଦେଇଥିଲେ ଯେ ତୁମ ପତ୍ନୀ ହାଜରା ଓ ବାଳୁତ ପୁଅ ଇସ୍ମାଇଲ[ଅସ]ଙ୍କୁ ନେଇ ସେହି ସ୍ଥାନରେ ଛାଡ଼ିଆସ । ପର ମୁହୂର୍ତ୍ତରେ ପିତାପୁତ୍ର ଉଭୟେ ମିଶି ସେହି ଛୋଟ ମସଜିଦ୍‌କୁ ଦ୍ୱିତୀୟ ଥର ନିର୍ମାଣ କରିଥିଲେ ।

ପବିତ୍ର କୁରଆନରୁ ଏହା ମଧ୍ୟ ପ୍ରମାଣ ମିଳୁଛି ଯେ ହଜରତ ଆଦମ[ଅସ]ଙ୍କ ଠାରୁ ହଜରତ୍ ଇସା[ଅସ] (ଯୀଶୁଖ୍ରୀଷ୍ଟ)ଙ୍କ ପର୍ଯ୍ୟନ୍ତ ଯେତେ ଜଣ ନବୀ ଜନ୍ମ ଗ୍ରହଣ କରିଛନ୍ତି, ସେମାନେ ସମସ୍ତେ ଏକେଶ୍ୱରବାଦୀ ଥିଲେ ଓ

ଏକ ଅଲ୍ଲାଃ ପରମାତ୍ମାଙ୍କୁ ଉପାସନା କରୁଥିଲେ । ଏକେଶ୍ୱରବାଦୀମାନଙ୍କୁ ପବିତ୍ର କୁରଆନରେ 'ମୁସଲମାନ' ଅର୍ଥାତ୍ 'ଅଲ୍ଲାଃଙ୍କର ସମ୍ପୂର୍ଣ୍ଣ ଆଜ୍ଞାବହ'ର ନାମ ଦିଆଯାଇଛି । ହଜରତ୍ ଇବ୍ରାହିମ୍[ଅସ] ମୁସଲମାନ ଥିଲେ ଓ ସେ ନିଜ ପୁତ୍ରମାନଙ୍କୁ ମୁସଲମାନ ହୋଇ ରହିବା ପାଇଁ ଦୃଢ଼ ଆଦେଶ ଦେଇଥିଲେ । ଯେପରି ଲେଖାଅଛି :

مَا كَانَ اِبْرٰهِيْمُ يَهُوْدِيًّا وَّلَا نَصْرَانِيًّا وَّلٰكِنْ كَانَ حَنِيْفًا مُّسْلِمًا ؕ

**'ମା'କାନା ଇବ୍ରାହିମୁ ୟୁହୁଦିୟଉଁ ଓ୍ୱଲା ନସ୍‌ରାନିୟଉଁ ଓ୍ୱଲାକିନ୍ କା'ନା ହନିଫମ୍ ମୁସ୍‌ଲିମା'** (ଆଲେ ଇମ୍‌ରାନ୍ 3:68)

ଅର୍ଥାତ୍ 'ଇବ୍ରାହିମ୍ ୟହୁଦି ନଥିଲେ କିମ୍ବା ଖ୍ରୀଷ୍ଟିୟାନ ନଥିଲେ, ବରଂ ସେ ମୁସଲମାନ ଅର୍ଥାତ୍ ଅଲ୍ଲାଃଙ୍କ ଅନୁରକ୍ତ ଓ ଆଜ୍ଞାପାଳନକାରୀ ଥିଲେ ।' ସେହିପରି ଅଲ ବକରା : ୧୩୩ ଓ ୧୩୪ରେ ଲେଖାଅଛି ଯେ ଇବ୍ରାହିମ୍[ଅସ] ନିଜ ପୁତ୍ରମାନଙ୍କୁ ଓ ୟାକୁବ[ଅସ] ମଧ୍ୟ ନିଜ ପୁତ୍ରମାନଙ୍କୁ ଏ ବିଷୟରେ ଚେତାବନୀ ଦେଇ କହିଲେ 'ହେ ଆମର ପୁତ୍ରମାନେ ! ଅଲ୍ଲାଃ ବାସ୍ତବରେ ତୁମମାନଙ୍କ ପାଇଁ ଏହି ଧର୍ମକୁ ମନୋନୀତ କରିଛନ୍ତି । ସୁତରାଂ ତୁମେମାନେ ଅଲ୍ଲାଃଙ୍କର ସମ୍ପୂର୍ଣ୍ଣ ଆଜ୍ଞାବହ (ମୁସଲମାନ) ନହେବା ଅବସ୍ଥାରେ କଦାପି ମୃତ୍ୟୁବରଣ କରନାହିଁ ।' କ'ଣ ତୁମେମାନେ ସେତେବେଳେ ଉପସ୍ଥିତ ଥିଲ, ଯେତେବେଳେ ୟାକୁବ୍‌ଙ୍କ ମୃତ୍ୟୁ ସମୟ ଉପସ୍ଥିତ ହେଲା ? ଏବଂ ଯେତେବେଳେ ସେ ନିଜର ପୁତ୍ରମାନଙ୍କୁ ପଚାରିଲେ 'ତୁମେମାନେ ଆମ ଅନ୍ତେ କାହାର ଉପାସନା କରିବ ?' ସେମାନେ ଉତ୍ତର ଦେଲେ, 'ଆମେମାନେ ତୁମର ତଥା ତୁମ ପିତୃ ପିତାମହ ଇବ୍ରାହିମ୍, ଇସ୍‌ମାଇଲ ଓ ଇସହାକ୍‌ଙ୍କର ଉପାସ୍ୟ ଯେକି ଏକମାତ୍ର ଉପାସ୍ୟ, ତାହାଙ୍କର ଉପାସନା କରିବୁ । ଆମେମାନେ ତାହାଙ୍କର ଆଜ୍ଞାବହ ମୁସଲମାନ ହୋଇଛୁ ।' ଏହି ଦୁଇ ଆୟତରେ ଅଲ୍ଲାଃଙ୍କର ସମ୍ପୂର୍ଣ୍ଣ ଆଜ୍ଞାନୁବର୍ତ୍ତୀତାକୁ ପବିତ୍ର କୁରଆନ୍‌ରେ ମୁସଲମାନ ବୋଲି କୁହାଯାଇଛି ।

ସେହିପରି ହଜରତ୍ ମୁସା[ଅସ] (ମୋସେସ) ନିଜେ ତୁର୍ ନାମକ ପର୍ବତରେ ଯାଇ ଅଲ୍ଲାଃ ପରମାତ୍ମାଙ୍କ ସାନ୍ନିଧ ଲାଭ କରିବା ପାଇଁ ଏକାନ୍ତ ଭାବରେ ୪୦ଦିନ ଧରି ଗଭୀର ତପସ୍ୟା କରିଥିଲେ ଓ ସେଠାରେ ତାଙ୍କୁ ଐଶ୍ୱରିକ ବାଣୀ ପ୍ରାପ୍ତ ହୋଇଥିଲା । ସେହିପରି ଯୀଶୁ ମସିହ ମଧ୍ୟ ଏକେଶ୍ୱରବାଦର ଶିକ୍ଷା ଦେଇଛନ୍ତି ଓ ସେ ସ୍ୱୟଂ ପରମାତ୍ମାଙ୍କର ଆରାଧନା କରୁଥିଲେ । ତାଙ୍କ ଧର୍ମପୁସ୍ତକର ନାମ 'ଇନଜିଲ୍' (New Testament) ଓ ତୋରାହ (Old Testament) ଏହି ଦୁଇ ସୁସମାଚାର ଲିଖିତ ଧର୍ମଗ୍ରନ୍ଥକୁ ଏକତ୍ର କରାଯାଇ 'ବାଇବେଲ୍' ନାମରେ ନାମିତ କରାଯାଇଛି । ସେହିପରି ହଜରତ ରାମଚନ୍ଦ୍ର ମଧ୍ୟ ଏକେଶ୍ୱରବାଦୀ ଥିଲେ ତଥା ଏକ ପରମେଶ୍ୱରଙ୍କ ଆରାଧନା କରୁଥିଲେ । ବାଲ୍ମୀକି ରାମାୟଣରୁ ଏହାର ପ୍ରମାଣ ମିଳେ । ଯେପରି ଲେଖାଅଛି, ବିଶ୍ୱାମିତ୍ର ଋଷି ରାମ ଓ ଲକ୍ଷ୍ମଣଙ୍କୁ କହିଲେ 'ଆମେ ସ୍ନାନ କରି ଜପ ଓ ହୋମ କରିବା' (ବାଳ କାଣ୍ଡ, ପ୍ରତିସର୍ଗ ୧୮) ଏହା ଶୁଣି ରାମଚନ୍ଦ୍ର ଆନନ୍ଦପୂର୍ବକ ରାତ୍ରୀ ଯାପନ କରି ପ୍ରାତଃ କାଳରେ ବନ୍ଦନା କଲେ ଓ ଅନ୍ୟ ଦେଶକୁ ପ୍ରସ୍ଥାନ କଲେ । ଶ୍ରୀରାମଚନ୍ଦ୍ର ସାୟଂକାଳୀନ ଉପାସନା ମଧ୍ୟ କଲେ ଓ ଲକ୍ଷ୍ମଣ ଆଣିଥିବା ଜଳ ଗ୍ରହଣ କଲେ । (ଅଯୋଧ୍ୟା କାଣ୍ଡ, ପ୍ରତିସର୍ଗ ୪୯)

ସେହିପରି ଶ୍ରୀମଦ୍ ଭାଗବତ ଗୀତାରୁ ମଧ୍ୟ ପ୍ରମାଣ ମିଳେ ଯେ ଶ୍ରୀକୃଷ୍ଣ ଯେକି ଦ୍ୱାପର ଯୁଗର ଅବତାର ଥିଲେ, ସେ ଏକେଶ୍ୱରବାଦୀ ଥିଲେ । ସେ ପରମେଶ୍ୱରଙ୍କ ଉପରେ ଅଖଣ୍ଡ ବିଶ୍ୱାସ କରିବା ସହିତ ତାଙ୍କର ଉପାସନା କରି ଆତ୍ମଶାନ୍ତି ତଥା ପରମାତ୍ମାଙ୍କୁ ପ୍ରାପ୍ତ ହେବା ପାଇଁ ଅର୍ଜୁନଙ୍କୁ ଆଦେଶ ଦେଇଛନ୍ତି । ଯେପରି ଗୀତାରେ ଲେଖାଅଛି :

**'ଉତ୍ତମଃ ପୁରୁଷ ସ୍ତ୍ୱନ୍ୟଃ ପରମାତ୍ମେ ତ୍ୟୁଦାହୃତଃ ।**
**ଯୋ ଲୋକତ୍ରୟ ମବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ'**

(ଭଗବତ ଗୀତା, ଅଧ୍ୟାୟ ୧୫, ଶ୍ଳୋକ ୧୭)

ଅର୍ଥାତ 'କ୍ଷର ଓ ଅକ୍ଷରରୁ ଭିନ୍ନ ଯେ ପୁରୁଷ, ସେ ଉତ୍ତମ । ପରମାତ୍ମା ନାମରେ କଥିତ ଯେକଲ ତିନି ଲୋକକୁ ପ୍ରବେଶ କରି ଧାରଣ ଓ ପାଳନ କରୁଛନ୍ତି । ସେ ଅବିନାଶୀ ସର୍ବସମର୍ଥ ।' ପୁଣି କହିଛନ୍ତି :

**'ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।**
**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା**
**ତ୍ୱମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।**
**ତତ୍ ପ୍ରସାଦାତ୍ ପରାଂଶାନ୍ତି ସ୍ଥାନଂ ପ୍ରାପସ୍ୟସି ଶାଶ୍ୱତଂ ।।'**

(ଅଧ୍ୟାୟ ୧୮, ଶ୍ଳୋକ ୬୧-୬୨)

ଅର୍ଥାତ 'ହେ ଅର୍ଜୁନ ! ପରମେଶ୍ୱର ସମସ୍ତ ପ୍ରାଣୀଙ୍କର ଅନ୍ତଃକରଣରେ ବିରାଜମାନ ହୋଇଛନ୍ତି । ସମସ୍ତ ଜଗତକୁ ଆପଣାର ମାୟା ଶକ୍ତି ଦ୍ୱାରା ଯନ୍ତ୍ରସ୍ଥିତ ପିତୁଳା ପରି ଭ୍ରମଣ କରାଉଛନ୍ତି । ହେ ଭାରତ ! ତୁମେ ସର୍ବୋତ୍ତମ ନିଷ୍ଠାର ସହିତ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମେ ପରମ ଶାନ୍ତି ଓ ନିତ୍ୟଧାମ (ମୁକ୍ତି) ପ୍ରାପ୍ତ ହେବ ।'

ସେହିପରି ପୁରାତନ ଧର୍ମଶାସ୍ତ୍ର ବେଦରେ ମଧ୍ୟ ବହୁ ପରିମାଣରେ ଏକେଶ୍ୱରବାଦ ଶିକ୍ଷାର ଉଲ୍ଲେଖ ରହିଛି । ବେଦର ପ୍ରଧାନ ମନ୍ତ୍ର 'ଗାୟତ୍ରୀ' ମଧ୍ୟ ଏକେଶ୍ୱର ଉପାସନାର ମୂଳମନ୍ତ୍ର । ପୁଣି ଲେଖାଅଛି :

**'ଅପାଣି ପାଦୋ ଜବନ ଗ୍ରହୀତା ପଶ୍ୟତ୍ୟ ଚକ୍ଷୁଃ ଯଃଶୃଣତି କର୍ଣ୍ଣଃ ।'** (ଶ୍ୱେତାଶ୍ୱତ ଉପନିଷଦ ୩,୧୯)

ଅର୍ଥାତ୍ 'ସେ (ପରମେଶ୍ୱର) ହାତ ବିନା ଓ ପାଦ ବିନା ସବୁକାର୍ଯ୍ୟ କରନ୍ତି । ନେତ୍ର ବିନା ସବୁ ଦେଖନ୍ତି ଓ କର୍ଣ୍ଣ ବିନା ଶୁଣନ୍ତି ।' ପୁଣି ଲେଖାଅଛି: **'ନ ତସ୍ୟ ପ୍ରତିମା ଅସ୍ତି'** (ଯଜୁର୍ବେଦ, ଖଣ୍ଡ ୨, ଅଧ୍ୟାୟ ୩୨, ଶ୍ଳୋକ ୩) ଅର୍ଥାତ୍ 'ଯାହାଙ୍କର ପ୍ରତିମା ନାହିଁ ଓ ସେ ଅପ୍ରତିମ ।' ସେହିପରି ଋଗବେଦରେ ଲେଖାଅଛି : **'ଏକମ୍ ସତ୍ ବିପ୍ରା ବହୁଦା ବଦନ୍ତି'** ଅର୍ଥାତ୍ 'ସତ୍ୟ (ପରମେଶ୍ୱର) ଏକ, ଯାହାଙ୍କୁ ପଣ୍ଡିତମାନେ ଅନେକ ନାମରେ ଡ଼ାକନ୍ତି ।' (ଋଗବେଦ ୧, ୧୬୪-୪୬)

ପବିତ୍ର କୁରଆନର ଅଧ୍ୟାୟ ଇଖ୍‌ଲାସ୍‌ରେ ଅଲ୍ଲାଃଙ୍କର ବାଣୀ ଲେଖାଅଛି:

قُلْ هُوَ اللّٰهُ اَحَدٌ ۝١ اَللّٰهُ الصَّمَدُ ۝٢
لَمْ يَلِدْ ۙ وَلَمْ يُوْلَدْ ۝٣ وَلَمْ يَكُنْ لَّهٗ كُفُوًا اَحَدٌ ۝٤

**କୁଲ୍ ହୁଓ୍ୱଲ୍ଲାହୁ ଆହାଦ୍ ଅଲ୍ଲାହୁସ୍ ସମଦ୍ ଲମ୍ ୟଲିଦ୍ ଓ୍ୱଲମ୍ ୟୁଲଦ, ଓ୍ୱଲମ୍ ୟକୁଲ୍‌ଲହୁ କୁଫୁଓ୍ୱନ୍ ଆହାଦ୍**

ଅର୍ଥାତ୍ (ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନଙ୍କୁ ଆଦେଶ ଦେଉଅଛୁଁ ଯେ) 'ତୁମେମାନେ ଅନ୍ୟ ଲୋକମାନଙ୍କୁ କହୁଥାଅ, ସେହି ଅଲ୍ଲାଃ ଯେକି ଅଦ୍ୱିତୀୟ । ସେହି ଅଲ୍ଲାଃ ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ (ଏବଂ ସେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି) ସେ କାହାକୁ ପ୍ରସବ କରିନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ ଏବଂ କେହି ତାହାଙ୍କର ସମକକ୍ଷ ନୁହନ୍ତି ।'

## ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବାର ପ୍ରଥମ ସୋପାନ

ଏକେଶ୍ୱରବାଦର ବିଶ୍ୱାସ କରିବା ହେଉଛି, ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବାର ପ୍ରଥମ ସୋପାନ । ଯଦି ଆମେ ସମସ୍ତ ମାନବଜାତି ଏହା ବିଶ୍ୱାସ କରିବା ଯେ ଆମମାନଙ୍କ ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଏକ ଈଶ୍ୱର ଅଲ୍ଲାଃ, ତେବେ ଆମେ ସମସ୍ତେ ଭାଇ ଭାଇ । ଯଦି କୌଣସି ବାପର ପାଞ୍ଚ ପୁତ୍ର ଅଛନ୍ତି, ତାଙ୍କ ମଧ୍ୟରେ କଳହ ହେଉଥିବା ଦେଖି ବାପ କେବେହେଲେ ତାଙ୍କ ଉପରେ ସନ୍ତୁଷ୍ଟ ହେବେ ନାହିଁ । ସନ୍ତାନମାନଙ୍କ ମଧ୍ୟରେ ପ୍ରେମ, ସ୍ନେହ ଓ ଏକତା ଦେଖିଲେ ବାପ ସନ୍ତୁଷ୍ଟ ହୁଅନ୍ତି । ସେହିପରି ଆମମାନଙ୍କ ପରମପିତା ଈଶ୍ୱରଙ୍କ ସନ୍ତୁଷ୍ଟି ଉଦ୍ଦେଶ୍ୟରେ ମନୁଷ୍ୟମାନଙ୍କ ମଧ୍ୟରେ ଭ୍ରାତୃଭାବ ଏପରି କି ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବା ଇସଲାମ ଧର୍ମର ମୂଳ ଲକ୍ଷ୍ୟ ।

ପବିତ୍ର କୁରଆନର ସାରତତ୍ତ୍ୱ 'ଅଲ ଫାତିହା' ଅଧ୍ୟାୟରେ ଅଲ୍ଲାଃଙ୍କ ବିଷୟରେ ଏହିପରି ଉଲ୍ଲେଖ ଅଛି :

اَلۡحَمۡدُ لِلّٰهِ رَبِّ الۡعٰلَمِیۡنَ ۙ﴿۲﴾

**'ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍'**

ଅର୍ଥାତ୍ 'ସମସ୍ତ ପ୍ରଶଂସାର ଅଧିକାରୀ ସେହି ଅଲ୍ଲାଃ ଯେ କି ସମସ୍ତ ସଂସାରର ପାଳନକର୍ତ୍ତା ।' ସେହିପରି ହଜରତ ମୁହମ୍ମଦ[ସଅ] ଯାହାଙ୍କୁ ସମଗ୍ର ମୁସଲମାନ ଅତି ନିଷ୍ଠାର ସହିତ ନିଜର ନବୀ ରୂପେ ଦୃଢ଼ ବିଶ୍ୱାସ କରୁଛନ୍ତି, ତାଙ୍କ ବିଷୟରେ ଅଲ୍ଲାଃଙ୍କର ବାଣୀ ପବିତ୍ର କୁରଆନରେ ଏହିପରି ବର୍ଣ୍ଣିତ ହୋଇଛି

وَ مَاۤ اَرۡسَلۡنٰکَ اِلَّا رَحۡمَۃً لِّلۡعٰلَمِیۡنَ ﴿۱۰۸﴾

**'ଓ୍ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତଲ୍ ଲିଲ ଆଲମିନ୍'**

(ଅଲ୍ ଅମ୍ବିୟା,21:108)

ଅର୍ଥାତ୍ 'ହେ ମୁହମ୍ମଦ[ସଅ] ! ଆମ୍ଭେ ତୁମକୁ ସମସ୍ତ ସଂସାର ପାଇଁ କେବଳ କରୁଣା ରୂପେ ପ୍ରେରଣ କରିଛୁ ।' ସେହିପରି ପବିତ୍ର କୁରଆନ୍ ଯାହା ଅଲ୍ଲାଃଙ୍କ ବାଣୀ ରୂପେ ଅବତୀର୍ଣ୍ଣ ହୋଇଥିଲା, ଏହାକୁ ମୁସଲମାନମାନେ ନିଜର ପବିତ୍ର ଧର୍ମଗ୍ରନ୍ଥ ବୋଲି ବିଶ୍ୱାସ କରୁଛନ୍ତି । ସେଥିରେ ଅଲ୍ଲାଃଙ୍କର ବାଣୀ ଏହିପରି ରହିଛି,

اِنۡ ہُوَ اِلَّا ذِکۡرٰی لِلۡعٰلَمِیۡنَ ﴿٪۹۱﴾

**'ଇନ୍ ହୁଆ ଇଲ୍ଲା ଜିକ୍‌ରା ଲିଲ୍ ଆଲମିନ୍'**

(ଅଲ୍ ଅନ୍‌ଆମ୍, 6:91)

ଅର୍ଥାତ୍ 'ଏହା ତ (କୁରଆନ୍) ସମସ୍ତ ଜଗତ ପାଇଁ କେବଳ ଏକ ଉପଦେଶ ।' ସୁତରାଂ ଯେପରି ଅଲ୍ଲାଃ ସମସ୍ତ ସଂସାରମାନଙ୍କର ପାଳନକର୍ତ୍ତା, ସେହିପରି ହଜରତ ମୁହମ୍ମଦ[ସଅ]ଙ୍କୁ ତଥା ପବିତ୍ର କୁରଆନକୁ ସମସ୍ତ ସଂସାର ପାଇଁ ପଠାଯାଇଛି ।

ଧର୍ମଶାସ୍ତ୍ରମାନଙ୍କରୁ ଯେପରି ପ୍ରମାଣ ମିଳୁଛି ଯେ ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କର ପ୍ରଧାନ ଲକ୍ଷ୍ୟ ହେଉଛି ଯେ କିପରି ଏହି ସଂସାରରେ ଆମେମାନେ ଅଲ୍ଲାଃ ପରମବ୍ରହ୍ମଙ୍କୁ ପାଇବା, ଯାହା ଦ୍ୱାରା ଆତ୍ମଶାନ୍ତି ଓ ପରମାନନ୍ଦ ଲାଭ ହେବ । ସେହିପରି ସେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ମଧ୍ୟ ଏକ ଅନୁମୋଦନୀୟ ପନ୍ଥା ଅବଲମ୍ବନ କରିବା ପାଇଁ ସମସ୍ତ ଧର୍ମଶାସ୍ତ୍ରମାନଙ୍କରେ ଆଦେଶ ଦିଆଯାଇଛି । ତାହା ହେଉଛି ଧ୍ୟାନ, ତପସ୍ୟା, ନମାଜ ଓ ପ୍ରାର୍ଥନା ଯାହାଦ୍ୱାରା ଏହି ନଶ୍ୱର ଆତ୍ମାର ଅବିନଶ୍ୱର ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନ କରାଯାଇ ପାରିବ । ଇସଲାମ୍ ଧର୍ମର ଦ୍ୱିତୀୟ ମୌଳିକ ନୀତି ନମାଜ । ହଜରତ ମୁହମ୍ମଦ[ସଅ] କହିଛନ୍ତି ଯେ ଯେଉଁ ଲୋକ ଜାଣିଶୁଣି ନମାଜ ପରିତ୍ୟାଗ କରେ, ସେ ଅମାନ୍ୟକାରୀ (କାଫିର୍) । (ହଦିସ୍) ସୁତରାଂ ନମାଜର ବିଶେଷତ୍ୱ ଓ ଉପକାରିତା ବିଷୟରେ ଅଲ୍ଲାଃଙ୍କର ବାଣୀ ପବିତ୍ର କୁରଆନରେ ବର୍ଣ୍ଣନା କରାଯାଇଛି ଯେ ନମାଜ ମନୁଷ୍ୟଙ୍କୁ ସମସ୍ତ କୁକର୍ମରୁ ବଞ୍ଚିତ କରାଏ । ନମାଜ ଦ୍ୱାରା ଆତ୍ମଶାନ୍ତି ପ୍ରାପ୍ତ ହୁଏ । ନମାଜ ଦ୍ୱାରା ସବୁ ନୈତିକ କାର୍ଯ୍ୟ ସଫଳ ହୁଏ । ନମାଜ ମାଧ୍ୟମରେ ବିଶ୍ୱସ୍ରଷ୍ଟା ଅଲ୍ଲାଃଙ୍କର ସାନ୍ନିଧ୍ୟ ଲାଭ ହେବା ସହିତ ତାଙ୍କର ସାକ୍ଷାତ ପ୍ରାପ୍ତ ହୁଏ । ଏ ବିଷୟରେ ପବିତ୍ର କୁରଆନରୁ କେତେକ ଆୟତ ଉଲ୍ଲେଖ କରାଯାଉଛି ।

୧. ବିଶ୍ୱସ୍ରଷ୍ଟା ଅଲ୍ଲାଃ ପ୍ରତ୍ୟେକ ଧାର୍ମିକ ଲୋକମାନଙ୍କ ପାଇଁ ନମାଜ ପାଠ କରିବା ଅନିବାର୍ଯ୍ୟ କରିଛନ୍ତି । 'ଇନ୍ନସ୍ ସଲାତା କାନତ୍ ଅଲଲ୍ ମୁମିନିନା କିତାବମ୍ ମୌକୁତା' (ଅଲ ନିସା,୪:୧୦୪) ଅର୍ଥାତ୍ 'ବିଶ୍ୱାସକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିବା ଅନିବାର୍ଯ୍ୟ କରାଯାଇଛି ।'

୨. 'ଇନ୍ନସ୍ ସଲାତା ତନ୍ହା ଅନିଲ୍ ଫହ୍ଶାଏ ୱଲ ମୁନ୍କରେ ୱଲା ଯିକ୍ରୁଲ୍ଲାହେ ଅକ୍ବର' (ଅନ୍କବୁତ୍, ୨୯:୪୬) ଅର୍ଥାତ୍ 'ନମାଜ ମନୁଷ୍ୟଙ୍କୁ ସମସ୍ତ ଅଶ୍ଳୀଳ ଓ ମନ୍ଦକାର୍ଯ୍ୟରୁ ନିବୃତ କରେ । ଅଲ୍ଲାଃଙ୍କୁ ସ୍ମରଣ କରିବା ହେଉଛି, ସର୍ବୋତ୍କୃଷ୍ଟ କାର୍ଯ୍ୟ ।'

୩. ‘କଦ୍ ଅଫ୍‌ଲାହା ମନ୍‌ତଯକ୍କା ଓ୍ୱଯକ୍‌ରସ୍‌ମା ରବ୍‌ବିହି ଫସଲ୍ଲା’ (ଅଲ ଆଲା, ୮୭:୧୫ ଓ ୧୬) ଅର୍ଥାତ୍ ‘ଯିଏ ନିଜକୁ ପବିତ୍ର କରିବ ସେ ନିଶ୍ଚୟ କୃତକାର୍ଯ୍ୟ ହେବ । କିନ୍ତୁ ସର୍ତ୍ତ ହେଉଛି ଯେ ପବିତ୍ର ରହିବା ସହିତ ନିଜ ପାଳନକର୍ତ୍ତାଙ୍କ ନାମ ସ୍ମରଣ କରୁଥିବ ଓ ନମାଜ ପାଠ କରୁଥିବ ।’

୪. ‘ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍‌ନୁଲ୍ କୁଲୁବ୍’ (ଅଲ ରାଦ୍,୧୩:୨୯) ଅର୍ଥାତ୍ ‘ମନେରଖ ! ଅଲ୍ଲାଃଙ୍କ ଆରାଧନାରେ ହିଁ ହୃଦୟ ସନ୍ତୋଷ ଲାଭ କରେ ।’

୫ ‘ୟାଅଇୟତୁହନ୍ ନଫ୍‌ସୁଲ୍ ମୁତ୍‌ମଇନ୍ ତୁର୍‌ଜିଇ ଇଲା ରବ୍‌ବିକି ରାଯିୟତମ୍ ମର୍‌ଯିୟାଃ ଫଦ୍‌ଖୁଲି ଫିଇବାଦି ଓ୍ୱଦ୍‌ଖୁଲି ଜନ୍‌ନତି’ (ଅଲ ଫଜର, ୮୯:୨୮-୩୧) ଅର୍ଥାତ୍ ‘ହେ ପ୍ରଶାନ୍ତ ଆତ୍ମା ! ନିଜ ପାଳନକର୍ତ୍ତାଙ୍କ ନିକଟକୁ ଫେରିଆସ, ତାଙ୍କ ପ୍ରତି ସମ୍ପୂର୍ଣ୍ଣ ଭକ୍ତିଭାବ ପ୍ରଦର୍ଶନ କରି ତାଙ୍କର ପ୍ରସନ୍ନତା ହାସଲ କର । ପୁନଶ୍ଚ (ତୁମ ପାଳନକର୍ତ୍ତା କହୁଛନ୍ତି) ଆସ, ଆମ୍ଭର (ବିଶେଷ) ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଅ ଓ (ଆସ) ଆମ୍ଭ ଜନ୍ନତ (ବୈକୁଣ୍ଠ)ରେ ମଧ୍ୟ ପ୍ରବେଶ କର ।’ ଉପରୋକ୍ତ ଆୟତରେ ଦର୍ଶାଯାଇଛି ଯେ ଅଲ୍ଲାଃଙ୍କୁ ସାକ୍ଷାତ କରିପାରିଲେ ମନୁଷ୍ୟ ସମ୍ପୂର୍ଣ୍ଣ ଆତ୍ମଶାନ୍ତି ଲାଭ କରିବ ଓ ଏହାହିଁ ଏହି ସଂସାରରେ ବୈକୁଣ୍ଠ ପ୍ରାପ୍ତିର ମାର୍ଗ ।

ପବିତ୍ର କୁରଆନରେ ଚାରି ପ୍ରକାର ନମାଜୀ ବିଷୟରେ ବର୍ଣ୍ଣନା କରାଯାଇଛି । ତନ୍ମଧ୍ୟରୁ ତିନି ପ୍ରକାର ନମାଜୀ ଗୋଷ୍ଠୀମାନଙ୍କ ପ୍ରତି ଅଲ୍ଲାଃ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି କେବଳ ଏକମାତ୍ର ଗୋଷ୍ଠୀଙ୍କ ନମାଜ ଗ୍ରହଣ ଯୋଗ୍ୟ । ତାହା ହେଉଛି

قَدْ أَفْلَحَ الْمُؤْمِنُونَ ۝٢ الَّذِينَ هُمْ فِي صَلَاتِهِمْ خَاشِعُونَ ۝٣

**‘କଦ୍ ଅଫ୍‌ଲହଲ୍ ମୁମିନୁନଲ୍ ଲଯିନା ହୁମ୍ ଫି ସଲାତିହିମ୍ ଖାଶିଉନ୍’**

(ମୁ’ମିନୁନ୍, 23:2, 3)

ଅର୍ଥାତ୍ 'ସମ୍ପୂର୍ଣ୍ଣ ବିଶ୍ୱାସକାରୀମାନେ ନିଜର (ଅଭିଳଷିତ)ଲକ୍ଷ୍ୟ ହାସଲ କରିଛନ୍ତି । ସେହି ବିଶ୍ୱାସକାରୀମାନେ, ଯେଉଁମାନେ ଆପଣା ନମାଜ ପାଠରେ ବିନୟଭାବ ପୋଷଣ କରନ୍ତି ।'

ଭଗବତ ଗୀତାରେ ମଧ୍ୟ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧ୍ୟାନଯୋଗ ମୂଳକ ଉପାସନା ପଦ୍ଧତି ବିଷୟରେ ବୁଝାଇ କହିଛନ୍ତି

**'ଅଭ୍ୟାସ ଯୋଗ ଯୁକ୍ତେନ ଚେତସା ନାନ୍ୟଗାମିନା ।**
**ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁ ଚିନ୍ତୟନ'**

(ଅଧ୍ୟାୟ ୮, ଶ୍ଳୋକ ୮)

ଅର୍ଥାତ୍ 'ହେ ପାର୍ଥ ! ଅଭ୍ୟାସ ମୂଳକ ଯୋଗଯୁକ୍ତ ଓ ଏକାଗ୍ର ଚିତ୍ତରେ ସ୍ମରଣ କଲେ ଦିବ୍ୟ ପରମ ପୁରୁଷ(ଈଶ୍ୱର)ଙ୍କୁ ପ୍ରାପ୍ତ ହୁଅନ୍ତି ।' ଉପରୋକ୍ତ ବିଷୟଗୁଡ଼ିକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଭାବେ ପ୍ରମାଣିତ ହୁଏ ଯେ ପ୍ରତ୍ୟେକ ଧର୍ମର ଏକମାତ୍ର ଲକ୍ଷ୍ୟ ହେଉଛି ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ । ଯେପରି ପୂର୍ବରୁ କୁହାଯାଇଛି, ସେହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଉପାୟ ମଧ୍ୟ ଏକ । ଯଥା ଧ୍ୟାନ, ଯୋଗ, ପ୍ରାର୍ଥନା ବା ନମାଜ । ତେବେ ଆମମାନଙ୍କ ମଧ୍ୟରେ ଭେଦଭାବ କାହିଁକି ? କେବଳ ବୁଝାମଣାର ଅଭାବ ଦ୍ୱାରା ଏହି ଭେଦଭାବ ସୃଷ୍ଟି ହେଉଛି । ସମସ୍ତ ଧର୍ମାବଲମ୍ବୀମାନଙ୍କୁ ଏକତ୍ର ଭାବରେ ଧର୍ମ ବିଭେଦକୁ ଦୂର କରିବା ପାଇଁ ପବିତ୍ର କୁରଆନରେ ଅଲ୍ଲାଃ ହଜରତ ମୁହମ୍ମଦ[ସଅ]ଙ୍କୁ ଆଦେଶ ଦେଇ କହିଛନ୍ତି :

قُلْ يَٰٓأَهْلَ ٱلْكِتَٰبِ تَعَالَوْا۟ إِلَىٰ كَلِمَةٍ
سَوَآءٍۭ بَيْنَنَا وَبَيْنَكُمْ أَلَّا نَعْبُدَ إِلَّا ٱللَّهَ
وَلَا نُشْرِكَ بِهِۦ شَيْـًٔا وَلَا يَتَّخِذَ بَعْضُنَا
بَعْضًا أَرْبَابًا مِّن دُونِ ٱللَّهِ ۚ

**'କୁଲ୍‌ୟା ଅହ୍‌ଲଲ୍ କିତାବି ତଆଲୌ ଇଲା କଲିମତିନ୍ ସୱାଇମ୍ ବୈନାନା ଓବୈନକୁମ୍ ଅଲ୍ଲା ନା'ବୁଦା ଇଲ୍‌ଲଲ୍ଲାହା ୱ୍ଲା ନୁଶ୍‌ରିକାବିହି ଶୈଅଉଁ ୱ୍ଲା ୟତ୍‌ତଖିଯା ବା'ଯୁନା ବା'ଯନ୍ ଅର୍‌ବାବମ୍ ମିନ୍ ଦୁନିଲ୍ଲାହି'** (ଆଲେ ଇମ୍‌ରାନ୍ 3:65)

ଅର୍ଥାତ୍ (ତୁମ୍ଭେ) କୁହ 'ହେ ସମସ୍ତ ଗ୍ରନ୍ଥଧାରୀମାନେ ! ତୁମେମାନେ ଅନ୍ତତଃ ଏପରି ଏକ ପନ୍ଥା ଅବଲମ୍ବନ କର ଯାହା ଆମ ଓ ତୁମମାନଙ୍କ ମଧ୍ୟରେ ସମାନ ହେବ । (ତାହା ହେଉଛି) ଆମ୍ଭେମାନେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବା ନାହିଁ । ଏବଂ ଅନ୍ୟ କୌଣସି ବସ୍ତୁକୁ ତାହାଙ୍କ ସହିତ ସମକକ୍ଷ କରିବା ନାହିଁ ।' ପବିତ୍ର କୁରଆନ୍‌ର ଏହି ସୁନ୍ଦର ଶିକ୍ଷାକୁ ଅବଲମ୍ବନ କଲେ ପୃଥିବୀରେ ଧର୍ମଗତ ଭେଦଭାବ ଦୂର ହୋଇପାରେ ।

## ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବାର ଦ୍ୱିତୀୟ ସୋପାନ

ବିଭିନ୍ନ ଜାତିଭେଦ ନେଇ ମଧ୍ୟ ଅନେକ ସମୟରେ ପରସ୍ପର ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ । ଜାତିଭେଦ ଦୂର କରିବା ଉଦ୍ଦେଶ୍ୟରେ ଅଲ୍ଲାଃ ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି,

يَآيُّهَا النَّاسُ اِنَّا خَلَقْنٰكُمْ مِّنْ ذَكَرٍ
وَّ اُنْثٰى وَجَعَلْنٰكُمْ شُعُوْبًا وَّ قَبَآئِلَ
لِتَعَارَفُوْا ؕ اِنَّ اَكْرَمَكُمْ عِنْدَاللّٰهِ اَتْقٰكُمْ ؕ

**'ୟା ଅୟୋହନ୍‌ନାସୋ ଇନ୍ନା ଖଲକ୍‌ନାକୁମ୍ ମିନ୍ ଯକରିଉଁ ୱ୍ଉନ୍‌ସା ୱ୍ଜାଅଲ୍ ନା'କୁମ୍ ଶୋଉବଉଁ ୱ୍କବାଇଲା ଲିତାଆରଫୁ ଇନ୍ନା ଅକ୍‌ରମକୁମ୍ ଇନ୍‌ଦଲ୍ଲାହି ଅତ୍‌କାକୁମ୍'**

(ଅଲ ହୁଜୁରାତ୍,49:14)

ଅର୍ଥାତ୍ 'ହେ ସମସ୍ତ ଲୋକମାନେ ! ଆମ୍ଭେ ତୁମମାନଙ୍କୁ ପୁରୁଷ ଓ ନାରୀଙ୍କ ଠାରୁ ସୃଷ୍ଟି କରିଛୁ ଓ ତୁମମାନଙ୍କୁ ଅନେକ ଗୋଷ୍ଠୀ ତଥା ଦଳରେ ବିଭକ୍ତ କରିଛୁ । ଯେପରିକି ତୁମେମାନେ ପରସ୍ପରକୁ ଚିହ୍ନିପାରିବ । ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ସବୁଠାରୁ ଅଧିକ ଧର୍ମପରାୟଣ ସେ ହିଁ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ ।'

ଆମ ହିନ୍ଦୁ ଭାଇମାନେ ଏହା ବିଶ୍ୱାସ କରନ୍ତି ଯେ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ବ୍ରହ୍ମାଙ୍କ ମୁଖରୁ ବ୍ରାହ୍ମଣ ଜାତ, ହାତରୁ କ୍ଷତ୍ରିୟ ଜାତ, ଜଂଘରୁ ବୈଶ୍ୟ ଜାତ ଓ ପାଦରୁ ଶୁଦ୍ର ଜାତ । ପ୍ରଥମେ ଚାରି ଜାତି ହେଲେ, ତା'ପରେ ଛତିଶି ପାଟକ ହେଲେ । କିନ୍ତୁ ଅଭିରାମ ବାବା ଯେକି ଓଡ଼ିଶାରେ ଜଣେ ବିଶିଷ୍ଟ ଧର୍ମଗୁରୁ ଥିଲେ ଓ ଯାହାଙ୍କର ବହୁତ ଶିଷ୍ୟ ଅଛନ୍ତି, ସେ ଲେଖିଛନ୍ତି ଯେ ଏହି ଚାରି ଜାତିର ତାତ୍ପର୍ଯ୍ୟ ହେଉଛି, ବ୍ରହ୍ମକର୍ମ ମୁଖ ଦ୍ୱାରା ହୁଏ, କ୍ଷତ୍ରିୟ କର୍ମ (ଯୁଦ୍ଧ କରିବା) ଆଦି ହାତ ଦ୍ୱାରା ହୁଏ , ବୈଶ୍ୟ ଅର୍ଥାତ୍ ବ୍ୟାପାର ବାଣିଜ୍ୟ ଜାନୁ ଦ୍ୱାରା ବସି ରହିବା ଅବସ୍ଥାରେ କରାଯାଏ ଏବଂ ଶୁଦ୍ର ଚାଷବାସ ଓ ସେବା କାର୍ଯ୍ୟ କରିବା ଇତ୍ୟାଦି ପାଦ ଦ୍ୱାରା ହୁଏ । ତେଣୁ ଏହା ମନୁଷ୍ୟର ବଞ୍ଚିବାର ଶୈଳୀ ଓ ଜୀବନ ନିର୍ବାହ ପାଇଁ ସତକର୍ମ ସ୍ୱରୂପ କରାଯାଏ । ଏଥିରେ କୌଣସି ଜାତିଭେଦ ନଥାଏ । ଯଦି କୌଣସି ବ୍ରାହ୍ମଣ ସୈନ୍ୟବାହିନୀରେ ମୁତୟନ ହୋଇ ଦେଶ ପାଇଁ ଲଢେଇ କରୁଛି, ସେ କ୍ଷତ୍ରିୟର କାର୍ଯ୍ୟ କରୁଛି । ଯଦି ତା'ର କିଛି ବିଲବାଡ଼ି ଅଛି ଓ ସେ ଚାଷକାମ କରୁଛି କିମ୍ବା ବ୍ୟବସାୟ କରୁଛି, ତେବେ ସେ ଅବଶ୍ୟ ବୈଶ୍ୟ ବୋଲାଇବ । ଯଦି ସେ ପର ପାଇଁ ସେବା କରୁଛି, ଅନ୍ୟ ଅର୍ଥରେ ଖିଅର କରିବା ପାଇଁ ଭଣ୍ଡାରୀ, କାଠ କାମ ପାଇଁ ବଢେଇ, ଲୁହା କାମ ପାଇଁ କମାର, ମାଟି ଗଢିବା ପାଇଁ କୁମ୍ଭାର, ଲୁଗା ଧୋଇବା ପାଇଁ ଧୋବା, ଝାଡୁ କରୁଥିବା ଝାଡୁଦାର ଇତ୍ୟାଦି ଶୁଦ୍ର ଶ୍ରେଣୀ ଅନ୍ତର୍ଭୁକ୍ତ । ଯେପରି କଥିତ ଅଛି,

**'ଜନ୍ମନା ଜାୟତେ ଶୁଦ୍ର, ସଂସ୍କାରେ ଦ୍ୱିଜ ମୁଚ୍ୟତେ,**
**ବେଦଭ୍ୟାସେ ଭବେତ୍ ବିପ୍ର, ବ୍ରହ୍ମ ଜାନାତି ବ୍ରାହ୍ମଣ ।'**

ପ୍ରକୃତରେ ପବିତ୍ର କୁରଆନର ତତ୍ତ୍ୱ ଓ ତଥ୍ୟ ସମ୍ବଳିତ ବାଣୀକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଅଲ୍ଲାଃ ପରମାତ୍ମା ମନୁଷ୍ୟକୁ କେବଳ ଦୁଇଟି ଜାତି ରୂପେ ସୃଷ୍ଟି କରିଛନ୍ତି, ପୁରୁଷ ଜାତି ଓ ନାରୀ ଜାତି । ଏହାକୁ ଛାଡିଦେଲେ ଅନ୍ୟ କୌଣସି ଜାତି ନାହିଁ । ବିଭିନ୍ନ ଗୋଷ୍ଠୀ କିମ୍ବା ସଞ୍ଜ୍ଞା କେବଳ ପରିଚୟ ପାଇଁ କରାଯାଇଛି । ତେଣୁ ଜାତି ଭେଦ ନେଇ କଳହ ସୃଷ୍ଟି କରିବା ଉଚିତ୍ ନୁହେଁ । ଅଲ୍ଲାଃଙ୍କର ସୃଷ୍ଟି କେବେ ହେଲେ କାହା ମଧ୍ୟରେ ପାର୍ଥକ୍ୟ ଦର୍ଶାଉ ନାହିଁ । ଯଥା ସୂର୍ଯ୍ୟଚନ୍ଦ୍ର, ପାଣିପବନ, ଗଛଲତା, ଗ୍ରହନକ୍ଷତ୍ର ଇତ୍ୟାଦି କୌଣସି ଜାତିଭେଦ ସୃଷ୍ଟି ନ କରି ସମସ୍ତଙ୍କୁ ସମାନ ଭାବରେ ଉପକାର ପ୍ରଦାନ କରୁଛନ୍ତି । ସେହିପରି ଯଦି କୌଣସି ବ୍ରାହ୍ମଣ ରକ୍ତହୀନତା ଅବସ୍ଥାରେ ରହିଛି ଓ କୌଣସି ଚଣ୍ଡାଳର ସେହି ଗ୍ରୁପର ରକ୍ତ ବ୍ରାହ୍ମଣ ଠାରେ ଦିଆଯାଏ, ତେବେ ସେ ଆରୋଗ୍ୟ ଲାଭ କରୁଛି । ଯଦି ରକ୍ତରେ କୌଣସି ପ୍ରଭେଦ ନାହିଁ, ତେବେ ମନୁଷ୍ୟ ଜଣେ ଅନ୍ୟକୁ ଘୃଣା କରିବ କାହିଁକି ? ଜାତିଭେଦ ପ୍ରଥା ଦୂର କରିବା ହେଉଛି ବିଶ୍ୱଶାନ୍ତିର ଏକ ମହତ୍ତ୍ୱ ପୂର୍ଣ୍ଣ ସୋପାନ । ହଜରତ ମୁହମ୍ମଦ[ସଅ] ନିଜ ଜୀବନର ଅନ୍ତିମ ହଜ କରିବା ଅବସରରେ ସମବେତ ଜନତାଙ୍କ ସମ୍ମୁଖରେ ଯେଉଁ ଐତିହାସିକ ଉଦ୍‌ବୋଧନ ଦେଇଥିଲେ, ତାହା ମାନବ ଜଗତ ପାଇଁ ଚୀର ସ୍ମରଣୀୟ ହୋଇ ରହିବ । ମହାଭାଗ କହିଥିଲେ 'ହେ ସମସ୍ତ ଲୋକମାନେ ! ମୁଁ ତୁମମାନଙ୍କୁ ଯାହା କହୁଛି, ତାହା ମନଦେଇ ଶୁଣ ଓ ଭଲ ଭାବରେ ମନେରଖ । ପ୍ରତ୍ୟେକ ମୁସଲମାନ ଅନ୍ୟ ମୁସଲମାନର ଭାଇ । ତୁମେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମାନବ ହୋଇଥିବା ଦୃଷ୍ଟିରୁ ସମସ୍ତ ପରସ୍ପର ସମାନ । ତୁମମାନଙ୍କ ମଧ୍ୟରେ କେହି ଉଚ୍ଚ ନୀଚର ମନୋଭାବ ରଖିବା ଉଚିତ୍ ନୁହେଁ । ତୁମେ ଯେ କୌଣସି ଗୋଷ୍ଠୀର ମାନ୍ୟତା କିମ୍ବା ଯୋଗ୍ୟତା ହାସଲ କରିଥିଲେ ସୁଦ୍ଧା ମାନବ ହିସାବରେ ସମସ୍ତଙ୍କୁ ସମାନ ମର୍ଯ୍ୟାଦା ଦିଆଯାଇଛି ।' ଏହା କହି ମହାଭାଗ ନିଜର ଦୁଇ ହାତ ଯୋଡି ଉପରକୁ ଉଠାଇ କହିଲେ, 'ଯେପରି ଏହି ଦୁଇ ହାତର ଆଙ୍ଗୁଳି ପରସ୍ପର ମଧ୍ୟରେ ମିଶି ଯାଉଛନ୍ତି,

ସେହିପରି ତୁମେ ମାନବ ଜାତି ପରସ୍ପର ସମାନ । ତେଣୁ ତୁମେମାନେ କୌଣସି ସମୟରେ ଜଣେ ଅନ୍ୟକୁ ନିଜର ବଡ଼ପଣି ପ୍ରକାଶ ପୂର୍ବକ ନିକୃଷ୍ଟ ଭାବିବା ଉଚିତ୍ ନୁହେଁ । ତୁମେ ପରସ୍ପର ଭାଇ ଭାଇ ।' ପୁଣି କହିଲେ, 'ମନେରଖ, ଯେପରି ଏହି ହଜ କରିବା ମାସ, ହଜ କରିବା ସ୍ଥାନ ଓ ହଜ କରିବା ଦିନ ତୁମମାନଙ୍କ ପାଇଁ ପବିତ୍ର ତଥା ସମ୍ମାନଜନକ, ସେହିପରି ଅଲ୍ଲାଃ ପ୍ରତ୍ୟେକ ମନୁଷ୍ୟର ଧନ ଓ ଜୀବନ ଅନ୍ୟ ମନୁଷ୍ୟ ଭାଇ ପ୍ରତି ସମ୍ମାନଜନକ କରିଛନ୍ତି । ମୋର ଏହି ଆଦେଶ କେବଳ ଆଜିକାଲି ପାଇଁ ନୁହେଁ, ବରଂ ଅନ୍ତିମ ବିଚାର ଦିବସ ପର୍ଯ୍ୟନ୍ତ ବଳବତ୍ତର ରହିବ । ମନେରଖ, ଯେତେବେଳେ ତୁମେ ଅଲ୍ଲାଃଙ୍କ ସହିତ ସାକ୍ଷାତ କରିବ ।' ପୁଣି କହିଥିଲେ 'ମୋର ଏହି ଦୃଢ଼ ଆଦେଶକୁ ତୁମେମାନେ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦିଅ । କାରଣ ସମ୍ଭବତଃ ଯେଉଁ ଲୋକମାନେ ଆଜି ମୋ କଥା ଶୁଣୁଛନ୍ତି, ହୋଇପାରେ ଅନ୍ୟମାନେ ଏହା ଅପେକ୍ଷା ଅଧିକ ଉତ୍ତମ ଭାବରେ ମୋର ଏହି ଆଦେଶ ଉପରେ ପାଳନ କରିପାରନ୍ତି ।' (ହଦିସ୍ ବୁଖାରି, କିତାବୁଲ୍ ମଗାଯି, ବାବ୍ ହୁଜ୍ଜତୁଲ୍ ଓ୍ୱିଦା) ସେହିପରି ସମସ୍ତ ଧର୍ମଗତ ବିଭେଦ ଦୂର କରି ଏକତା ସ୍ଥାପନ କରିବା ପାଇଁ ପବିତ୍ର କୁରଆନରେ ଅନେକ ମହତ ଶିକ୍ଷା ରହିଛି । ସେଥିରୁ କେତେକ ଉଲ୍ଲେଖ କରାଯାଉଛି:

୧. କୁଲ୍ ଆମନ୍ନା ବିଲ୍ଲାହି ଓ୍ୱମା ଉନ୍‌ଯିଲା ଆଲୈନା ଓ୍ୱମାଉନ୍‌ଜିଲା ଅଲା ଇବ୍ରାହିମା ଓ୍ୱଇସ୍‌ମାଇଲା ଓ୍ୱଇସ୍‌ହାକା ଓ୍ୱୟାକୁବା ଓ୍ୱଲ୍ ଅସ୍‌ବାତି ଓ୍ୱମା ଉତିୟା ମୁସା ଓ୍ୱଇସା ଓ୍ୱନ୍‌ନବୀୟୁନା ମିର୍ ରବ୍‌ବିହିମ୍ ଲାନୁଫର୍‌ରିକୁ ବୈନା ଆହାଦିମ୍ ମିନ୍‌ହୁମ୍ ଓ୍ୱନହ୍‌ନୁଲହୁ ମୁସ୍‌ଲିମୁନ୍ (ଆଲେ ଇମ୍‌ରାନ୍ 3:85)

ଅର୍ଥାତ 'ହେ ମୁସଲମାନମାନେ! ତୁମେ କୁହ, ଆମେମାନେ ଅଲ୍ଲାଃଙ୍କ ଉପରେ ଓ ଯାହାକିଛି ଆମମାନଙ୍କ ପ୍ରତି ଅବତୀର୍ଣ୍ଣ ହୋଇଛି, ତା'ଉପରେ ଓ ଯାହା ଇବ୍ରାହିମ୍, ଇସ୍‌ମାଇଲ୍, ଇସହାକ୍, ୟାକୁବ ତଥା ସେମାନଙ୍କ ସନ୍ତାନମାନଙ୍କ ପ୍ରତି ଅବତୀର୍ଣ୍ଣ ହୋଇଥିଲା, ସେସବୁ ବାଣୀ ଉପରେ ତଥା ଯାହା ମୁସା ଓ ଇସାଙ୍କୁ ଓ ଅବଶିଷ୍ଟ ସମସ୍ତ ନବୀଙ୍କୁ ସେମାନଙ୍କ

ପାଳନକର୍ତ୍ତାଙ୍କ ଠାରୁ ଦିଆଯାଇଥିଲା, ସେଗୁଡିକ ଉପରେ ବିଶ୍ୱାସ କରୁଛୁ ଏବଂ ସେମାନଙ୍କ ମଧ୍ୟରୁ ଜଣକୁ ଅନ୍ୟ ଠାରୁ ଭିନ୍ନ ମନେ କରୁନାହୁଁ ଓ ଆମେମାନେ ତାଙ୍କର ଆଜ୍ଞା ପାଳନକାରୀ ।'

୨ ଆ'ମନର୍ ରସୁଲୋ ବିମା ଉନ୍‌ଯିଲା ଇଲୈହି ମିର୍ ରବ୍‌ବିହି ଓ୍ୱଲ୍ ମୁମିନୁନ୍ । କୁଲ୍‌ଲୁନ୍ ଆ'ମନା ବିଲ୍ଲାହି ଓ୍ୱ ମଲାଇକାତିହି ଓ୍ୱକୁତୁବିହି ଓ୍ୱରୁସୁଲିହି ଲା ନୁଫର୍‌ରିକୁ ବୈନା ଆହାଦିମ୍ ମିର୍ ରସୁଲିହ୍ (ଅଲ ବକରା, 2:286)

ଅର୍ଥାତ 'ଏହି ରସୁଲ (ହଜରତ ମୁହମ୍ମଦ[ସଅ])ଙ୍କ ନିକଟରେ ତାହାଙ୍କ ପାଳନକର୍ତ୍ତାଙ୍କ ଠାରୁ ଯାହାକିଛି ଅବତୀର୍ଣ୍ଣ ହୋଇଛି, ସେ ନିଜେ ତାହା ଉପରେ ବିଶ୍ୱାସ କରନ୍ତି ଓ ଅନ୍ୟ ବିଶ୍ୱାସକାରୀମାନେ ମଧ୍ୟ ବିଶ୍ୱାସ କରନ୍ତି । ସେମାନେ ସମସ୍ତେ ଅଲ୍ଲାଃଙ୍କ ଉପରେ, ତାହାଙ୍କ ଦେବଦୂତମାନଙ୍କ ଉପରେ, ତାହାଙ୍କ ଧର୍ମଗ୍ରନ୍ଥମାନଙ୍କ ଉପରେ ତଥା ତାହାଙ୍କ ରସୁଲମାନଙ୍କ ଉପରେ ବିଶ୍ୱାସ କରନ୍ତି ଏବଂ କହନ୍ତି, 'ଆମେମାନେ ତାଙ୍କର ରସୁଲମାନଙ୍କ ମଧ୍ୟରୁ କାହାରି ମଧ୍ୟରେ କୌଣସି ପ୍ରଭେଦ କରୁନାହୁଁ ।'

ପବିତ୍ର କୁରଆନର ଏହି ଶିକ୍ଷା ଅନୁସାରେ ଅହମଦୀୟା ମୁସଲିମ୍ ଜମାଅତ୍ ସମସ୍ତ ରସୁଲମାନଙ୍କୁ ଯେଉଁମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ ଓ ଗୌତମ ବୁଦ୍ଧ ଓ ଜୈନ ମହାବୀର ଇତ୍ୟାଦି ଅନ୍ତର୍ଭୁକ୍ତ, ସେ ସମସ୍ତ ଅବତାରମାନଙ୍କୁ ନିଜର ଅବତାର ବୋଲି ବିଶ୍ୱାସ କରୁଛି । ଯଦି ସମସ୍ତ ଧର୍ମାବଲମ୍ବୀ ଏହି ଶିକ୍ଷାକୁ ମାନି ନିଅନ୍ତି, ତେବେ ସଂସାରରୁ ଧାର୍ମିକ ମତଭେଦ ଦୂର ହୋଇଯିବ । ଏହା ବିଶ୍ୱଶାନ୍ତି ପ୍ରତିଷ୍ଠାର ଏକ ମହତ ଉପାୟ । ପବିତ୍ର କୁରଆନର ଏହି ଶିକ୍ଷା ଅନୁଯାୟୀ ସମସ୍ତ ନବୀ ଓ ଅବତାରମାନଙ୍କୁ ତଥା ସମସ୍ତ ଧର୍ମଶାସ୍ତ୍ରଗୁଡ଼ିକୁ ଏକତ୍ର ଭାବରେ ମାନୁଥିବା ଲୋକମାନଙ୍କର ନାମ 'ମୁସଲମାନ' (ଅର୍ଥାତ୍ ଅଲ୍ଲାଃଙ୍କର ସମ୍ପୂର୍ଣ୍ଣ ଆଜ୍ଞାବହ) ବୋଲି କୁହାଯାଇଛି । ଇସଲାମ୍ ଧର୍ମକୁ ପରିପୂର୍ଣ୍ଣ ଧର୍ମ ବୋଲି ଅଲ୍ଲାଃଙ୍କ ବାଣୀରେ ଉଲ୍ଲେଖ କରାଯାଇଛି ।

اَلْيَوْمَ اَكْمَلْتُ لَكُمْ دِيْنَكُمْ وَاَتْمَمْتُ عَلَيْكُمْ نِعْمَتِيْ
وَرَضِيْتُ لَكُمُ الْاِسْلَامَ دِيْنًا

**'ଅଲ୍‌ୟଓମା ଅକ୍‌ମଲ୍‌ତୁଲକୁମ୍ ଦିନକୁମ୍ ୱ୍ୱଅତ୍‌ମମ୍‌ତୁ ଆଲୈକୁମ୍ ନିଇମତି ୱ୍ୱରଯିତୁ ଲକୁମୁଲ୍ ଇସ୍‌ଲାମା ଦି'ନା**

(ଅଲ ମାଇଦା, 5:4)

ଅର୍ଥାତ (ଅଲ୍ଲାଃ କହୁଛନ୍ତି) 'ଆଜି ଆମ୍ଭେ ତୁମମାନଙ୍କ କଲ୍ୟାଣ ସକାଶେ ତୁମମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କରିଅଛୁ ।' ସେହିପରି ପୁଣି ଲେଖାଅଛି 'ଫିହା କୁତୁବୁନ୍ କୈୟମା' (ଅଲ ବୈୟେନାତ୍, 98:4) ଅର୍ଥାତ୍ 'ଏଥିରେ ସମସ୍ତ ଧର୍ମ ପୁସ୍ତକଗୁଡ଼ିକର ନିତୀଶିକ୍ଷା ଏକତ୍ର କରାଯାଇଛି ।'

ଉପରୋକ୍ତ ଆୟତରୁ ଏହା ସ୍ୱଷ୍ଟ ଭାବେ ପ୍ରମାଣିତ ହୁଏ ଯେ ଇସଲାମ ଧର୍ମ କୌଣସି ନୂତନ ଧର୍ମ ନୁହେଁ । ବରଂ ଏହା ସର୍ବପ୍ରଥମ ଅବତାର ହଜରତ ଆଦମ[ଅସ] ଠାରୁ ଆରମ୍ଭ ହୋଇ ହଜରତ ମୁହମ୍ମଦ[ସଅ]ଙ୍କ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇଥିବା ଧର୍ମର ନାମକରଣ ଇସଲାମ କରାଯାଇଛି । ସେହିପରି ପବିତ୍ର କୁରଆନରେ ମଧ୍ୟ ପୂର୍ବବର୍ତ୍ତୀ ସମସ୍ତ ଧର୍ମଗ୍ରନ୍ଥର ସତ୍‌ଶିକ୍ଷାଗୁଡ଼ିକୁ ଏକତ୍ର କରାଯିବା ସହିତ ଅଧିକ ସମୟ ଉପଯୋଗୀ ଶିକ୍ଷାମାନ ଉଲ୍ଲେଖ କରାଯାଇଛି । ଏହିପରି ଭାବରେ ଏହାକୁ ଏକ ସମ୍ପୂର୍ଣ୍ଣ ଧର୍ମ ପୁସ୍ତକ ବୋଲି ଘୋଷଣା କରାଯାଇଛି । ମୋଟାମୋଟି ଭାବରେ କହିବାକୁ ଗଲେ ପୂର୍ବରୁ ଯେତେ ଧର୍ମ ଦେଖାଯାଇଛି ସେ ସମସ୍ତ ଇସଲାମ ଧର୍ମର ଅଂଶ ବିଶେଷ । ଇସଲାମ ଠାରୁ ଅଲଗା ଧର୍ମ ନୁହେଁ ।

## ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର ତୃତୀୟ ସୋପାନ

ପୃଥିବୀରେ ଅଶାନ୍ତି ସୃଷ୍ଟି ହେବାର ତୃତୀୟ କାରଣ ହେଉଛି ଅହଂଭାବ । ମନୁଷ୍ୟ ନିଜକୁ ସବୁଠାରୁ ବଳବାନ, ଧନବାନ ଓ ଜ୍ଞାନବନ୍ତ ଭାବୁଛି । ଯାହାଦ୍ୱାରା ସେ ଅହଂଭାବର ବଶବର୍ତ୍ତୀ ହୋଇ ଅନ୍ୟକୁ ହେୟ ମନେ କରୁଛି ଓ

ଅଲ୍ଲାଃ ଦେଇଥିବା ଶକ୍ତିକୁ ନିଜର ଶକ୍ତି ବୋଲି ବିଚାରି ଅନ୍ୟ ଉପରେ ଆକ୍ରମଣ କରୁଛି ଓ ଅନ୍ୟର ଧନକୁ ଆତ୍ମସାତ କରିବା ପାଇଁ ଚେଷ୍ଟା କରୁଛି । ଫଳ ସ୍ୱରୂପ ବ୍ୟକ୍ତିଗତ, ସାମାଜିକ ଓ ବିଶ୍ୱସ୍ତରୀୟ ଅଶାନ୍ତି ସୃଷ୍ଟି ହେଉଛି । ମନୁଷ୍ୟ ଏକଥା ଭାବୁନାହିଁ ଯେ ମୋର ସୃଷ୍ଟିକର୍ତ୍ତା ମୋତେ ସଂସାରରେ ସୃଷ୍ଟି କରି ଜ୍ଞାନ, ଶକ୍ତି, ଧନବଳ ଓ ବାହୁବଳ ପ୍ରଦାନ କରିଛନ୍ତି । ସେ ଦିନେ ମୋ ଠାରୁ ଏହି ସମସ୍ତ ଶକ୍ତି ଅବଶ୍ୟ ଛଡ଼ାଇ ନେବେ । ମୁଁ ଖାଲି ହାତରେ ସଂସାରକୁ ଆସିଛି ଓ ଖାଲି ହାତରେ ଚାଲିଯିବି । ପୃଥିବୀ ଇତିହାସରେ ଏହା ସ୍ପଷ୍ଟ ଭାବେ ପ୍ରମାଣିତ ଯେ ସବୁଠାରୁ ବଳବାନ ଦିଗବିଜୟୀ ସମ୍ରାଟ ମଧ୍ୟ ମୃତ୍ୟୁ ବରଣ କରିଛନ୍ତି । କେହି ରହିନାହିଁ କି ରହିବେ ନାହିଁ । ଏହି କ୍ଷଣସ୍ଥାୟୀ ସଂସାରରେ ସର୍ବଶକ୍ତିମାନ ଅଲ୍ଲାଃ ମନୁଷ୍ୟକୁ ସମସ୍ତ ପ୍ରକାର ପାର୍ଥୀବ ଶକ୍ତି ପ୍ରଦାନ କରି ପରୀକ୍ଷା କ୍ଷେତ୍ରକୁ ପଠାଇଛନ୍ତି ଓ ସେ ଦେଖୁଛନ୍ତି କିଏ ସତକର୍ମ ଓ କିଏ ଅସତକର୍ମ କରୁଛି । ମନୁଷ୍ୟ ନିଜର ନୈତିକ, ଆଧ୍ୟାତ୍ମିକ ଓ ମାନବିକତାର କଷୋଟି ପଥରରେ ପରଖା ଯାଇ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି କି ନାହିଁ । ସେହି ବିଶ୍ୱ ସମ୍ରାଟ ମନୁଷ୍ୟକୁ ନିଜ କୃତକର୍ମର ପ୍ରତିଫଳ ଅବଶ୍ୟ ପ୍ରଦାନ କରିବେ । ଏଣୁ ମନୁଷ୍ୟକୁ ନିଜର ପରମ ସ୍ରଷ୍ଟା ଅଲ୍ଲାଃଙ୍କର ଭୟ ମନରେ ରଖି ଯଥାସାଧ୍ୟ ସତକର୍ମ କରିବା ପାଇଁ ତତ୍ପର ହେବା ଉଚିତ୍ । ଏଥି ସମ୍ବନ୍ଧରେ ପବିତ୍ର କୁରଆନରୁ କେତେକ ଅଲ୍ଲାଃଙ୍କ ବାଣୀର କେବଳ ଅନୁବାଦ ଏଠାରେ ଉପସ୍ଥାପନ କରାଯାଉଛି ।

(୧) '(ହେ ଲୋକମାନେ !) ତୁମେମାନେ ନିଜର ପାଳନକର୍ତ୍ତାଙ୍କ ନିକଟରେ ଅତି ବିନମ୍ର ପୂର୍ବକ ଗୋପନରେ ପ୍ରାର୍ଥନା କର । ବାସ୍ତବରେ ସେ ସୀମା ଉଲଂଘନକାରୀଙ୍କୁ ପସନ୍ଦ କରନ୍ତି ନାହିଁ । ଏବଂ ଶୃଙ୍ଖଳା ସ୍ଥାପନ ହେବା ପରେ ପୃଥିବୀରେ ବିଶୃଙ୍ଖଳା ସୃଷ୍ଟି କରନାହିଁ । ମନରେ ଈଶ୍ୱର ଭୟ ରଖି ଓ ଆଶାବାନ ହୋଇ ସେହି ପରମ ବିଧାତାଙ୍କୁ ଡାକ, ବାସ୍ତବରେ ଅଲ୍ଲାଃଙ୍କର କରୁଣା ହିତକାରୀମାନଙ୍କର ନିକଟବର୍ତ୍ତୀ ।' (ଅଲ୍ ଆରାଫ, 56-57)

୨.  'ଏବଂ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ ଯେଉଁମାନଙ୍କୁ ସେମାନେ ପ୍ରାର୍ଥନାରେ ଡାକନ୍ତି, ତୁମେ ସେମାନଙ୍କୁ ତିରସ୍କାର କରନାହିଁ । ନଚେତ୍ ସେମାନେ ଅଜ୍ଞତା ବଶତଃ ଅଲ୍ଲାଃଙ୍କୁ ତିରସ୍କାର କରିବେ । ଏହିପରି ଆମ୍ଭେ ପ୍ରତ୍ୟେକ ସମ୍ପ୍ରଦାୟର କର୍ମକୁ ସୁଶୋଭିତ କରି ଦେଖାଇଛୁ । ଏହାପରେ ସେମାନଙ୍କୁ ନିଜ ପାଳନକର୍ତ୍ତାଙ୍କ ନିକଟକୁ ଫେରି ଯିବାକୁ ହେବ ଓ ସେମାନେ ଯାହା କରୁଥିଲେ ଅଲ୍ଲାଃ ସେମାନଙ୍କୁ ତାହା ଜଣାଇଦେବେ ।'

(ଅଲ୍ ଅନଆମ୍ 6:109)

୩.  'ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଦୃଢ଼ ରହ ଏବଂ କୌଣସି ସମ୍ପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ । ତୁମେମାନେ ନ୍ୟାୟ କର, ତାହା ଧର୍ମନିଷ୍ଠତାର ଅଧିକ ନିକଟବର୍ତ୍ତୀ କରାଇବ ଏବଂ ଅଲ୍ଲାଃଙ୍କୁ ଭୟ କର । କାରଣ ତୁମ୍ଭେମାନେ ଯାହା କରୁଅଛ, ବାସ୍ତବରେ ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି ।'  (ଅଲ ମାଏଦା, 5:9)

୪.  'ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକାର ବାଧ ବାଧକତା ନାହିଁ । କାରଣ ସତ୍‌ପଥ ଓ ଅସତ୍‌ପଥ ମଧ୍ୟରେ ଥିବା ପ୍ରଭେଦ ଭଲ ରୂପେ ପ୍ରକାଶିତ ହୋଇଯାଇଛି । ସୁତରାଂ ଜାଣିରଖ ଯେଉଁ ବ୍ୟକ୍ତି ନିଜ ଇଚ୍ଛାରେ ପୁଣ୍ୟ କାର୍ଯ୍ୟରେ ପ୍ରତିରୋଧ କରୁଥିବା ବ୍ୟକ୍ତିମାନଙ୍କ କଥା ମାନିବାକୁ ଅସ୍ୱୀକାର କରେ ଓ ଅଲ୍ଲାଃଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରେ, ସେ ଏପରି ଏକ ଶକ୍ତ ନିର୍ଭରଯୋଗ୍ୟ ବସ୍ତୁକୁ ଦୃଢ଼ ଭାବରେ ଧାରଣ କରିଛି, ଯାହା କଦାପି ଭାଙ୍ଗିବ ନାହିଁ ଏବଂ ଅଲ୍ଲାଃ ହିଁ ମହାନ୍ ଶ୍ରୋତା ଓ ସର୍ବଜ୍ଞ ।'  (ଅଲ ବକରା, 2:257)

୫.  'ଯଦି ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଦୁଇଗୋଟି ଗୋଷ୍ଠୀ ପରସ୍ପର ମଧ୍ୟରେ କଳହ କରନ୍ତି, ତେବେ ସେ ଉଭୟଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରାଇଦିଅ ଏବଂ ଶାନ୍ତି ସ୍ଥାପନ ପରେ ଯଦି ସେମାନଙ୍କ ମଧ୍ୟରୁ କେହି ଅନ୍ୟ ଉପରେ ଆକ୍ରମଣ କରେ, ତେବେ ସମସ୍ତେ ଏକତ୍ରିତ ହୋଇ ଆକ୍ରମଣକାରୀ ବିରୁଦ୍ଧରେ ଯୁଦ୍ଧ କର, ଯେପରି କି ସେ ଅଲ୍ଲାଃଙ୍କ ଆଦେଶ ପ୍ରତି ଫେରି

ଆସିବ । ତେବେ କଳହକାରୀମାନଙ୍କ ମଧ୍ୟରେ ନ୍ୟାୟ ପୂର୍ବକ ଶାନ୍ତି ସ୍ଥାପନ କର ଓ ନ୍ୟାୟ ବିଚାରକୁ ପ୍ରାଧାନ୍ୟ ଦିଅ । ଅଲ୍ଲାଃ ନ୍ୟାୟ ବିଚାରକାରୀଙ୍କୁ ପସନ୍ଦ କରନ୍ତି ।' (ଅଲ ହୁଜୁରାତ୍, 49:10)

୬. 'ବାସ୍ତବରେ ଅଲ୍ଲାଃ ତୁମମାନଙ୍କୁ ଆଦେଶ ଦେଉଛନ୍ତି ଯେ ତୁମେମାନେ ଅମାନତ (ନ୍ୟାସ)କୁ ତାହାର ହକଦାର (ଯୋଗ୍ୟ ବ୍ୟକ୍ତି) ମାନଙ୍କୁ ଅର୍ପଣ କର ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତ୍ତି କରିବା ସମୟରେ ନ୍ୟାୟ ସଙ୍ଗତ ଭାବେ ନିଷ୍ପତ୍ତି କର । ଅଲ୍ଲାଃ ଯେଉଁ ବିଷୟରେ ତୁମମାନଙ୍କୁ ଉପଦେଶ ଦେଉଛନ୍ତି, ତାହା ବାସ୍ତବିକ ଅତି ଉତ୍ତମ । ବାସ୍ତବରେ ଅଲ୍ଲାଃ ମହାନ୍ ଶ୍ରୋତା ଓ ମହାନ୍ ଦ୍ରଷ୍ଟା ।' (ଅଲ ନିସା,4:59)

୭. 'ହେ ବିଶ୍ୱାସକାରୀମାନେ ! ଅଲ୍ଲାଃଙ୍କର ଆଦେଶ ପାଳନ କର ଏବଂ ତାହାଙ୍କ ପ୍ରେରିତ ରସୁଲଙ୍କର ତଥା ତୁମମାନଙ୍କ ମଧ୍ୟରେ ଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କର ଆଦେଶ ପାଳନ କର । ପୁଣି ଯଦି ତୁମେମାନେ କୌଣସି ବିଷୟରେ କର୍ତ୍ତୃପକ୍ଷଙ୍କ ସହିତ ଏକମତ ନହୁଅ, ତେବେ ଯଦି ତୁମେମାନେ ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ବିଶ୍ୱାସ ସ୍ଥାପନ କରୁଛ, ତେବେ ସେହି ପ୍ରସଙ୍ଗକୁ ନେଇ ଅଲ୍ଲାଃ ଓ ରସୁଲଙ୍କ ଆଡକୁ ଫେରି ଆସ ଓ ତାହାଙ୍କ ଆଦେଶ ଅନୁସାରେ ମୀମାଂସା କର । ଏହା ଉତ୍କୃଷ୍ଟତର ଓ ପରିଣାମ ଦୃଷ୍ଟିରୁ ଅତି ଉତ୍ତମ ।' (ଅଲ ନିସା, 4:60)

୮. 'ହେ ବିଶ୍ୱାସକାରୀ ଲୋକମାନେ ! ତୁମେମାନେ ନ୍ୟାୟ ବିଚାରରେ ସମ୍ପୂର୍ଣ୍ଣ ଭାବେ ସୁଦୃଢ଼ ରହି ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟରେ ସାକ୍ଷ୍ୟ ପ୍ରଦାନକାରୀ ହୋଇଯାଅ । ଯଦିଚ ଏହା ତୁମମାନଙ୍କ ନିଜ ବିରୁଦ୍ଧରେ କିମ୍ବା ତୁମମାନଙ୍କ ପିତା, ମାତା ଓ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ହେଉଥାଏ, ଯଦି ସେ ଧନବାନ ବା ଦରିଦ୍ର ହୋଇଥାଏ, ତେବେ ଅଲ୍ଲାଃ ସେ ଉଭୟଙ୍କର ତୁମମାନଙ୍କ ଠାରୁ ଅଧିକ ଶୁଭାକାଂକ୍ଷୀ । ସୁତରାଂ ନ୍ୟାୟ ପ୍ରଦାନ କରିବାରେ ତୁମେମାନେ ମନ୍ଦ ଭାବନାର ବଶବର୍ତ୍ତୀ ହୁଅ ନାହିଁ ଓ ଯଦି ତୁମେ ସତ୍ୟ

ସାକ୍ଷ୍ୟକୁ ଗୋପନ ରଖିବ ବା ସତ୍ୟକୁ ଏଡ଼ାଇ ଦେବ, ତେବେ ମନେରଖ ଯେ ତୁମେମାନେ ଯାହାକିଛି କରୁଛ, ଅଲ୍ଲାଃ ସେ ବିଷୟରେ ଅବଗତ ଅଛନ୍ତି ।'

(ଅଲ ନିସା, 4:136)

୯. 'ହେ ବିଶ୍ୱାସକାରୀମାନେ ! କୌଣସି ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟକୁ ହେୟ ମନେ କରି ଥଟ୍ଟା ପରିହାସ ନ କରୁ । ସମ୍ଭବତଃ ସେମାନେ ଏମାନଙ୍କ ଅପେକ୍ଷା ଉତ୍କୃଷ୍ଟ ହୋଇପାରନ୍ତି । କୌଣସି ସମ୍ପ୍ରଦାୟର ନାରୀମାନେ ଅନ୍ୟ ସମ୍ପ୍ରଦାୟର ନାରୀମାନଙ୍କୁ ହେୟ ମନେ କରି ଥଟ୍ଟା ପରିହାସ ନ କରନ୍ତୁ । ସମ୍ଭବତଃ ପ୍ରଥମୋକ୍ତ ସମ୍ପ୍ରଦାୟର ନାରୀମାନେ ପରୋକ୍ତ ସମ୍ପ୍ରଦାୟର ନାରୀମାନଙ୍କ ଅପେକ୍ଷା ଉତ୍କୃଷ୍ଟତର ହୋଇଥାଇ ପାରନ୍ତି । ତୁମେମାନେ ପରସ୍ପର ପ୍ରତି କଟୁ ମନ୍ତବ୍ୟ ଦିଅ ନାହିଁ କିମ୍ବା ଜଣେ ଅନ୍ୟ ଜଣକୁ ଅପବାଦ ମୂଳକ ନାମରେ ଡାକ ନାହିଁ । କାରଣ ଧର୍ମ ଉପରେ ବିଶ୍ୱାସ ସ୍ଥାପନ କଲାପରେ ଆଜ୍ଞା ପାଳନରୁ ଦୂରେଇ ଯିବା ନିଜକୁ ଭ୍ରଷ୍ଟାଚାରୀର ଆଖ୍ୟା ଦେଇଥାଏ । ଯିଏ ଅନୁତାପ ନ କରେ ସେ ହିଁ ଅତ୍ୟାଚାରୀ ରୂପେ ପରିଗଣିତ ହେବ ।'

(ଅଲ ହୁଜୁରାତ୍ 49:12)

୧୦. 'ହେ ଆମ ସମ୍ପ୍ରଦାୟର ଲୋକମାନେ ! ତୁମେମାନେ ନ୍ୟାୟ ସଙ୍ଗତ ଭାବରେ ମାପ ଓ ଓଜନ କର ଏବଂ ଲୋକମାନଙ୍କୁ ସେମାନଙ୍କର ସାମଗ୍ରୀ ଊଣା କରି ଦିଅନାହିଁ । ବିଶୃଙ୍ଖଳାକାରୀ ହୋଇ ପୃଥିବୀରେ ବିଶୃଙ୍ଖଳା ସୃଷ୍ଟି କର ନାହିଁ ।'

(ହୁଦ୍ 11:86)

ପବିତ୍ର କୁରଆନର ଉପରୋକ୍ତ ବାଣୀ ସମସ୍ତ ଜଗତବାସୀଙ୍କ ପାଇଁ ଏକ ଅମୂଲ୍ୟ ଉପଦେଶ, ଯାହା ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାରେ ମହତ୍ତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅଲ୍ଲାଃ ପରମବ୍ରହ୍ମ ବିଶ୍ୱବାସୀଙ୍କୁ ଏହି ମହତ ଶିକ୍ଷା ଅନୁସାରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେଉ । (ଆମିନ୍)

ସର୍ବେ ଭବନ୍ତୁ ସୁଖିନପ ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ ଭବେତ୍ ।

# ଆତ୍ମଶାନ୍ତିର ପ୍ରଧାନ ଉପାୟ

ପବିତ୍ର କୁରଆନରେ ମନୁଷ୍ୟ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଜଟିଳ ସମସ୍ୟାର ସମାଧାନ ପାଇଁ ଅନେକ ମହତ ଶିକ୍ଷା ରହିଛି । ଏତଦ୍ ବ୍ୟତୀତ ସବୁଠାରୁ ବଡ଼ ଆତ୍ମଶାନ୍ତି ଓ ପରମାନନ୍ଦ ଅଲ୍ଲାଃଙ୍କ ସହିତ ଆତ୍ମାର ସାକ୍ଷାତ ହେବାର ଉପାୟଗୁଡିକ ସମ୍ବନ୍ଧରେ ମୂଲ୍ୟବାନ ଶିକ୍ଷା ବର୍ଣ୍ଣିତ ହୋଇଛି । ଏହା ସଂସାରର ସମସ୍ତ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟରୁ ଅଧିକ ଉନ୍ନତ । ହଦିସ୍‌ରେ ଲେଖାଅଛି, ହଜରତ ମୁହମ୍ମଦ[ସଅ] ଆଧ୍ୟାତ୍ମିକତାର ଶୀର୍ଷ ସ୍ତରର ଶିକ୍ଷାକୁ ପହଞ୍ଚି ଅଲ୍ଲାଃଙ୍କର ଦର୍ଶନ କରିଥିଲେ, ଯେଉଁ ସ୍ଥାନକୁ ଦେବଦୂତମାନେ ମଧ୍ୟ ପହଞ୍ଚି ପାରିନାହାନ୍ତି । ଯେପରି ବର୍ଣ୍ଣିତ ଅଛି ଯେ ହଜରତ ମୁହମ୍ମଦ[ସଅ]ଙ୍କୁ 'ମେରାଜ୍' ଅର୍ଥାତ୍ ସର୍ବୋଚ୍ଚ ଆଧ୍ୟାତ୍ମିକ ସ୍ତରକୁ ନିଆଯାଇ ସପ୍ତ ଆକାଶ ମଣ୍ଡଳରେ ଭ୍ରମଣ କରାଯାଇଥିଲା । ତାଙ୍କ ସହିତ ଜିବ୍ରାଇଲ୍ ଫରିସ୍ତା (ଦେବଦୂତ) ତାଙ୍କୁ ନେଇ ଭ୍ରମଣ କରାଇଥିଲେ । ସେ ସମୟରେ ହଜରତ ମୁହମ୍ମଦ[ସଅ] ଅନେକ ଆଲୌକିକ ଦୃଶ୍ୟମାନ ଦେଖିଲେ ଏବଂ ଶେଷରେ 'ସିଦ୍‌ରତୁଲ୍ ମୁନତାହା' ଅର୍ଥାତ ଶେଷ ସୀମାକୁ ପହଞ୍ଚି ଆଗକୁ ଯିବା ପାଇଁ କହିଲେ । ଜିବ୍ରାଇଲ୍ କହିଲେ' ଆଗକୁ ଯିବାକୁ ମୋତେ ଅନୁମତି ନାହିଁ ।' କିନ୍ତୁ ହଜରତ ମୁହମ୍ମଦ[ସଅ] ଫରିସ୍ତାଙ୍କୁ ପଛରେ ଛାଡ଼ି ଆଗକୁ ଗଲେ ଓ ଅଲ୍ଲାଃଙ୍କୁ ସାକ୍ଷାତ କଲେ । ଅଲ୍ଲାଃତାଲା ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଭଳି ଜଣେ ପାର୍ଥିବ ଦେହଧାରୀ ମନୁଷ୍ୟର ଏପରି ଉଚ୍ଚ ଆଧ୍ୟାତ୍ମିକ ସ୍ତରର ସାକ୍ଷାତରୁ ଏହା ପ୍ରମାଣିତ ହେଉଛି ଯେ ସମସ୍ତ ଧର୍ମ ବିଶ୍ୱାସୀ ଲୋକମାନଙ୍କ ପାଇଁ ମଧ୍ୟ ଏହି ଦ୍ୱାର ଖୋଲା ରହିଛି । ପବିତ୍ର କୁରଆନ୍‌ରେ ଅଲ୍ଲାଃଙ୍କର ବାଣୀ ଏହିପରି ଉଲ୍ଲେଖ ହୋଇଛି:

قُلْ اِنَّمَآ اَنَا بَشَرٌ مِّثْلُكُمْ يُوْحٰٓى اِلَيَّ اَنَّمَآ اِلٰهُكُمْ اِلٰهٌ وَّاحِدٌ ۚ
فَمَنْ كَانَ يَرْجُوْا لِقَآءَ رَبِّهٖ فَلْيَعْمَلْ عَمَلًا صَالِحًا وَّلَا
يُشْرِكْ بِعِبَادَةِ رَبِّهٖٓ اَحَدًا ﴿١١٠﴾

**'କୁଲ୍ ଇନ୍ନମା ଆନା ବଶରୁମ୍ ମିସ୍ଲୁକୁମ୍ ୟୁହା ଇଲୈୟା ଅନ୍ନାମା ଇଲାହୁକୁମ୍ ଇଲାହୁଁ ୱ୍ୱାହିଦ୍ । ଫମନ୍‌କାନା ୟର୍‌ଜୁଲିକା ଆରବ୍‌ବିହି ଫଲ୍‌ୟାମଲ୍ ଅମଲନ୍ ସ୍ୱାଲିହଉଁ ୱ୍ୱଲା ୟୁଶ୍‌ରିକ୍ ବିଇବାଦତି ରବ୍‌ବିହି ଅହଦା ।** (ଅଲ କହଫ୍ 18:111)

ଅର୍ଥାତ୍ '(ହେ ମୁହମ୍ମଦ[ସଅ]) ତୁମେ ସେମାନଙ୍କୁ କୁହ ଆମ୍ଭେ ତୁମମାନଙ୍କ ପରି ଜଣେ ଦେହଧାରୀ ମାନବ ମାତ୍ର । କେବଳ ଏତିକି ପ୍ରଭେଦ ଯେ ଆମ ପ୍ରତି ଏହି ଐଶ୍ୱରିକ ବାଣୀ ଅବତୀର୍ଣ୍ଣ ହୋଇଛି । ତାହା ହେଉଛି, ଏକମାତ୍ର ଉପାସ୍ୟ ଅଲ୍ଲା ହିଁ ତୁମମାନଙ୍କର ପ୍ରକୃତ ଉପାସ୍ୟ । ସୁତରାଂ ଯେଉଁ ବ୍ୟକ୍ତି ନିଜର ପାଳନକର୍ତ୍ତାଙ୍କ ସହିତ ସାକ୍ଷାତ କରିବାର ଆଶା ରଖୁଛି, ତାହା ପକ୍ଷରେ ସତ୍ ଆଭିମୁଖ୍ୟ ରଖି ସମୁଚିତ କର୍ମ ସମ୍ପାଦନ କରିବା ଉଚିତ୍ । ଯେପରିକି ସେ ନିଜ ପାଳନକର୍ତ୍ତାଙ୍କ ଉପାସନାରେ ଅନ୍ୟ କାହାକୁ ସମକକ୍ଷ ମନେ ନକରୁ ।' ସେହିପରି ଲେଖାଅଛି, ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ସାକ୍ଷାତ କିପରି ଭାବରେ କରିଥିଲେ ଓ ତାଙ୍କର ହୃଦୟର ଅବସ୍ଥା କିପରି ଥିଲା,

دَنَا فَتَدَلّٰى ۝ فَكَانَ قَابَ قَوْسَيْنِ اَوْ اَدْنٰى ۝

**'ଦନା ଫତଦଲ୍ଲା, ଫକାନା କା'ବା କୌସୈନି ଅଉଅଦ୍‌ନା'**

(ଅଲ ନଜମ୍ 53:9-10)

ଅର୍ଥାତ୍ '(ହଜରତ ମୁହମ୍ମଦ[ସଅ]) ଅଲ୍ଲାଃଙ୍କୁ ସାକ୍ଷାତ କରିବା ସକାଶେ ଅତି ବ୍ୟାକୁଳ ହୋଇ ଉଠିଲେ । ତାଙ୍କର ବ୍ୟାକୁଳତା ଦେଖି ଅଲ୍ଲାଃ ମଧ୍ୟ ନିମ୍ନ ଭାଗକୁ ଅବତରଣ କଲେ ଓ ସେ ଦୁହେଁ ଦୁଇଗୋଟି ଧନୁର ମିଳିତ ଗୁଣ ଆକାରରେ ପରିବର୍ତ୍ତିତ ହୋଇଗଲେ ଏବଂ କ୍ରମଶଃ ଏହାଠାରୁ ଆହୁରି ଅଧିକ ନିକଟବର୍ତ୍ତୀ ହୋଇଗଲେ ।'

ବିଶ୍ୱସ୍ରଷ୍ଟା ଅଲ୍ଲାଃ ନିଜର ସୃଷ୍ଟଜ ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟଙ୍କୁ ଅତ୍ୟନ୍ତ ନିବିଡ ଭାବେ ଭଲ ପାଆନ୍ତି । ସେ ନିଜର ଭକ୍ତମାନଙ୍କୁ ଆପଣା ସଖା ବୋଲି ସମ୍ବୋଧନ କରିଛନ୍ତି । ପବିତ୍ର କୁରଆନରେ ଅଲ୍ଲାଃଙ୍କର ବାଣୀ ଉଲ୍ଲେଖ ହୋଇଛି:

اَللّٰهُ وَلِيُّ الَّذِيْنَ اٰمَنُوْا ۙ يُخْرِجُهُمْ مِّنَ الظُّلُمٰتِ اِلَى النُّوْرِ ۬

**'ଅଲ୍ଲାଃହୁ ୱଲିୟୁଲ୍ ଲଯିନା ଆ'ମନୁ ୟୁଖ୍‌ରିଜୁହୁମ୍ ମିନଜ୍ ଜୁଲମା'ତି ଇଲନ୍ ନୁର ।'** (ଅଲ୍ ବକରା,2:258)

ଅର୍ଥାତ୍ 'ଅଲ୍ଲାଃ ସେହି ଲୋକମାନଙ୍କର ପରମ ସଖା, ଯେଉଁମାନେ ବିଶ୍ୱାସ ସ୍ଥାପନ କରନ୍ତି । ସେମାନଙ୍କୁ ଅନ୍ଧକାରରୁ ବାହାର କରି ଆଲୋକ ଆଡ଼କୁ ଆଣନ୍ତି ।' ପ୍ରକୃତରେ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଯଦି କେହି ମନୁଷ୍ୟର ଏହି ସଂସାରରେ ପରମ ବନ୍ଧୁ ଥାଆନ୍ତି, ସେ ହେଉଛନ୍ତି ଏକ ମାତ୍ର ଅଲ୍ଲାଃ । କାରଣ ମନୁଷ୍ୟ ନିଜର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତାଙ୍କୁ ଭୁଲି ଯାଉଛି, କିନ୍ତୁ ଅଲ୍ଲାଃ ମନୁଷ୍ୟକୁ ପାଶୋରି ଦେଉ ନାହାନ୍ତି । ମନୁଷ୍ୟ ତାଙ୍କୁ ବିଶ୍ୱାସ କରୁ କିମ୍ୱା ନକରୁ ତାହାଙ୍କ ସୃଷ୍ଟିର ସକଳ ଉପାଦାନ ସମସ୍ତଙ୍କୁ ସମାନ ଭାବରେ ଉପକାର ପ୍ରଦାନ କରୁଛନ୍ତି । ମନୁଷ୍ୟ ତାଙ୍କୁ ଛାଡ଼ି ଦେଉଛି ସତ କିନ୍ତୁ ସେ ମନୁଷ୍ୟକୁ କେବେ ହେଲେ ଛାଡୁ ନାହାନ୍ତି । ତାଙ୍କରି ଆଦେଶ ଅନୁସାରେ ଯେତେ ଦିନ ମନୁଷ୍ୟର ଆୟୁଷ ନିର୍ଦ୍ଧାରିତ କରାଯାଇଛି, ସେତିକି ଦିନ ପରେ ତାଙ୍କ ଡାକରା ଆସିଲେ ମନୁଷ୍ୟ ଏହି ସଂସାରରୁ ଚାଲି ଯାଉଛି । କୌଣସି ଶକ୍ତି ନାହିଁ ତାକୁ ରୋକିବା ସକାଶେ । ମନୁଷ୍ୟର ଜନ୍ମ ଓ ମରଣ ଧ୍ରୁବ ସତ୍ୟ ଓ ଏହା ଅଲ୍ଲାଃଙ୍କର ଅସ୍ତିତ୍ୱର ଜ୍ୱଳନ୍ତ ପ୍ରମାଣ ।

ଅଲ୍ଲାଃଙ୍କୁ ନିଜର ପରମ ସଖା ବୋଲି ସ୍ୱୀକାର କରି ତାଙ୍କ ନିକଟରେ ପ୍ରାର୍ଥନା କରିବାକୁ ପବିତ୍ର କୁରଆନରେ ଅଲ୍ଲାଃଙ୍କର ବାଣୀ ଉଲ୍ଲେଖ କରାଯାଇଛି । ହଜରତ ୟୁସୁଫ [ଅସ] ଏହି ପରି ପ୍ରାର୍ଥନା (ଦୁଆ) କରିଥିଲେ

فَاطِرَ السَّمٰوٰتِ وَالْاَرْضِ ۟ اَنْتَ وَلِيّٖ فِي الدُّنْيَا وَالْاٰخِرَةِ ۚ

تَوَفَّنِيْ مُسْلِمًا وَّاَلْحِقْنِيْ بِالصّٰلِحِيْنَ ﴿١٠٢﴾

**'ଫାତିରସ୍ ସମାୱାତି ୱଲ୍‌ଅରଯି ଅନ୍‌ତା ୱଲିୟୀ ଫିଦ୍‌ଦୁନିଆ ୱଲ୍ ଆ'ଖିରାହ ତୱ୍ୱଫ୍‌ଫନି ମୁସଲିମଉଁ ୱଅଲ୍‌ହିକ୍‌ନି ବିସ୍‌ସ୍ୱାଲିହିନ୍'**

(ୟୁସୁଫ୍, 12:102)

ଅର୍ଥାତ୍ 'ହେ ଆକାଶ ଓ ପୃଥିବୀର ସୃଷ୍ଟିକର୍ତ୍ତା (ମୁଁ ସ୍ୱୀକାର କରୁଛି) ତୁମ୍ଭେ ହିଁ ମୋର ପରମ ସଖା । ଇହକାଳ ଓ ପରକାଳରେ ମୋତେ ତୁମ୍ଭର ସମ୍ପୂର୍ଣ୍ଣ ଆଜ୍ଞାବହ ଭାବରେ ମୃତ୍ୟୁ ପ୍ରଦାନ କର । ମୋତେ ଧର୍ମନିଷ୍ଠ ଲୋକମାନଙ୍କ ସହିତ ସମ୍ମିଳିତ କରିଦିଅ ।' ସେହିପରି ସାମୁହିକ ଭାବରେ ମଧ୍ୟ ଅଲ୍ଲାଃଙ୍କୁ ବନ୍ଧୁ ବୋଲି ସ୍ୱୀକାର କରି ତାଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ଆଦେଶ ଦିଆଯାଇଛି ।

اَنْتَ وَلِيُّنَا فَاغْفِرْلَنَا وَارْحَمْنَا وَاَنْتَ خَيْرُ الْغٰفِرِيْنَ ۝١٥٦

وَاكْتُبْ لَنَا فِيْ هٰذِهِ الدُّنْيَا حَسَنَةً وَّفِي الْاٰخِرَةِ اِنَّا هُدْنَآ اِلَيْكَ

**'ଅନ୍‌ତା ୱଲିୟୋନା ଫଗ୍‌ଫିରଲାନା ୱର୍‌ହମ୍‌ନା ୱଅନ୍‌ତା ଖୈରୁଲ୍ ଗା'ଫିରିନ୍; ୱକ୍‌ତୁବ୍‌ଲନା ଫିହାଯିହିଦ୍ ଦୁନ୍‌ୟା ହସନତୌଁ ୱଫିଲ୍ ଆ'ଖିରାତି ଇନ୍ନା ହୁଦ୍‌ନା ଇଲୈକା'**

(ଅଲ୍ ଆରାଫ, 7:156-157)

ଅର୍ଥାତ୍ 'ତୁମ୍ଭେ ହିଁ ଆମମାନଙ୍କର ପରମ ସଖା, ସୁତରାଂ ଆମମାନଙ୍କୁ କ୍ଷମା କର ଓ ଆମମାନଙ୍କ ପ୍ରତି କରୁଣା କର । ତୁମ୍ଭେ ହିଁ ସର୍ବୋତ୍ତମ କ୍ଷମାକାରୀ । ଏବଂ ଆମମାନଙ୍କ ପାଇଁ ଇହଲୋକରେ ତଥା ପରଲୋକରେ ପୁଣ୍ୟଫଳ ଲିପିବଦ୍ଧ କର । ଆମେମାନେ ତୁମ୍ଭ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିଛୁ ।' ସେହିପରି ପବିତ୍ର କୁରଆନର ପ୍ରଥମ ଅଧ୍ୟାୟ ଅଲ୍ ଫାତିହା ମଧ୍ୟ ଅଲ୍ଲାଃଙ୍କ ସହିତ ସବୁଠାରୁ ଅଧିକ ଦୃଢ଼ ସମ୍ପର୍କ ସ୍ଥାପନ କରିବାର ଉପାୟ ବତାଇଛି । କାରଣ ଏହି ଅଧ୍ୟାୟରେ ଅଲ୍ଲାଃଙ୍କର ଚାରିଗୋଟି ଗୁଣବାଚକ ନାମ ସହିତ ଚାରିଗୋଟି ଦୁଆ (ପ୍ରାର୍ଥନା) ରହିଛି । ଯାହାକୁ ହୃଦୟଙ୍ଗମ କରି ପାଠ କଲେ ଭକ୍ତ ଅଲ୍ଲାଃଙ୍କ ସାନ୍ନିଧ୍ୟ ଲାଭ କରିପାରିବ । ଏକ ମହାନ ଶକ୍ତିମାନ ଅଲ୍ଲାଃ ଅଛନ୍ତି ବୋଲି ସେ ଅନୁଭବ କରି ପାରିବ ।

# ପବିତ୍ର କୁରଆନ ଅନ୍ତର୍ଗତ କେତେକ ପ୍ରାର୍ଥନା

**୧. ରବ୍‌ବନା ଲାତୁଆଖିଯ୍‌ନା ଇନ୍ନସିନା ଅଉଅଖ୍‌ତା'ନା, ରବ୍‌ବନା ୱ୍ଵଲା ତହ୍‌ମିଲ୍ ଅଲୈନା ଇସ୍‌ରନ୍ କମା ହମଲ୍‌ତହୁ ଅଲଲ୍ ଲଯିନା ମିନ୍ କବ୍‌ଲିନା, ରବ୍‌ବନା ୱ୍ଵଲା ତୁହମ୍‌ମିଲନା ମା'ଲା ତାକତଲାନା ବିହ୍, ୱ୍ଵାଫୁଅନ୍ନା ୱ୍ଵଗ୍‌ଫିର୍‌ଲନା ୱ୍ଵର୍‌ହମ୍‌ନା; ଅନ୍‌ତା ମୌଲାନା ଫନ୍‌ସୁର୍‌ନା ଅଲଲ୍ କୌମିଲ୍ କାଫିରିନ୍ ।"** (ଅଲ ବକରା,2:287)

ଅର୍ଥାତ 'ହେ ଆମମାନଙ୍କର ପାଳନକର୍ତ୍ତା! ଯଦି ଆମେମାନେ କେବେ ଭୁଲିଯାଉ ବା ଦୋଷ କରିଥାଉ, ତେବେ ଆମମାନଙ୍କୁ ଦଣ୍ଡ ଦିଅନାହିଁ । ହେ ଆମମାନଙ୍କ ପାଳନକର୍ତ୍ତା! ତୁମ୍ଭେ ଆମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ଉପରେ ଯେପରି ଦାୟୀତ୍ୱ ନ୍ୟସ୍ତ କରିଥିଲ, ସେପରି ଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ କରନାହିଁ । ହେ ଆମମାନଙ୍କର ପାଳନକର୍ତ୍ତା! ଯାହା ବହନ କରିବାକୁ ଆମମାନଙ୍କର ଶକ୍ତି ନାହିଁ, ତାହା ଆମମାନଙ୍କୁ ବହନ କରିବାକୁ ଦିଅ ନାହିଁ ଏବଂ ଆମମାନଙ୍କୁ ପାପରୁ ମୁକ୍ତି ଦିଅ ଓ ଆମମାନଙ୍କୁ କ୍ଷମାକର ତଥା ଆମମାନଙ୍କ ପ୍ରତି କରୁଣା କର । ତୁମ୍ଭେ ହିଁ ଆମମାନଙ୍କର ମହାପ୍ରଭୁ । ସୁତରାଂ ଅବିଶ୍ୱାସକାରୀ ଗୋଷ୍ଠୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

**୨ .ରବ୍‌ବନା ଫଗ୍‌ଫିର୍‌ଲନା ଯୁନୁବନା ୱ୍ଵକଫ୍‌ଫିର୍ ଅନ୍ନା ସୈୟିଆତିନା ୱ୍ଵତୱ୍ଵଫ୍‌ଫନା ମାଅଲ୍ ଅବ୍‌ରାର୍ ।**

(ଆଲେ ଇମରାନ୍,3:194)

ଅର୍ଥାତ 'ହେ ଆମମାନଙ୍କର ପାଳନକର୍ତ୍ତା ତୁମ୍ଭେ ଆମମାନଙ୍କ ପାପକୁ କ୍ଷମାକର ଓ ଆମମାନଙ୍କ ଠାରୁ ଆମର କୁକର୍ମଗୁଡ଼ିକୁ ଦୂର କର ଏବଂ ଆମମାନଙ୍କୁ ପୁଣ୍ୟବାନ, ଲୋକମାନଙ୍କ ସଙ୍ଗରେ ଗଣନା କରି ମୃତ୍ୟୁ ଦିଅ ।'

**୩. ରବ୍‌ବିଜ୍ ଅଲ୍‌ନି ମୁକିମସ୍ ସଲାତି ୱ୍ମିନ ଯୁର୍‌ରିୟତି ରବ୍‌ବନା ୱ୍‌ତକବ୍‌ବଲ୍ ଦୁଆଏ । ରବ୍‌ବନଗ୍ ଫିର୍‌ଲି ୱ୍‌ଲିୱ୍‌ାଲିଦୈୟା ୱ୍‌ଲିଲ୍ ମୁ ମିନିନା ୟଉମା ୟକୁମୁଲ୍ ହିସାବ୍ ।** (ଇବ୍ରାହିମ୍, 14:41-42)

ଅର୍ଥାତ୍ 'ହେ ଆମ୍ଭର ପାଳନକର୍ତ୍ତା ! ଆମକୁ ଓ ଆମର ସନ୍ତାନମାନଙ୍କୁ ସୁଚାରୁ ରୂପେ ନମାଜ ପଠନକାରୀ କରିଦିଅ । ହେ ଆମ୍ଭର ପାଳନକର୍ତ୍ତା ! ଆମର ଦୁଆ(ପ୍ରାର୍ଥନା)କୁ ଗ୍ରହଣ କର । ହେ ଆମର ପାଳନକର୍ତ୍ତା ! ଆମକୁ ଓ ଆମର ପିତାମାତାଙ୍କୁ ତଥା ସମସ୍ତ ବିଶ୍ୱାସକାରୀମାନଙ୍କୁ କ୍ଷମା ପ୍ରଦାନ କର, ଯେଉଁ ଦିନ ହିସାବ ନିଆଯିବ ।'

**୪. ରବ୍‌ବନା ହବ୍‌ଲନା ମିନ୍ ଅୟ୍‌ୱାଜିନା ୱ୍‌ଯୁର୍‌ରୀୟାତିନା କୁର୍‌ରତା ଆୟୁନ୍‌ୟୁଁ ୱ୍‌ଜ୍‌ଅଲ୍‌ନା ଲିଲ୍ ମୁତ୍‌ତକିନା ଇମାମା**

(ଅଲ ଫୁର୍‌କାନ୍, 25:75)

ଅର୍ଥାତ 'ହେ ଆମର ପାଳନକର୍ତ୍ତା! ଆମ ଜୀବନ ସାଥୀ ଓ ସନ୍ତାନମାନଙ୍କୁ ଆମପାଇଁ ଶାନ୍ତିଦାୟକ କରିଦିଅ ଓ ଆମମାନଙ୍କୁ ମୁତ୍‌ତକି (ଧର୍ମନିଷ୍ଠ)ମାନଙ୍କର ଇମାମ୍ (ନେତା) କରିଦିଅ ।'

**୫. ରବ୍‌ବି ଅଉଯି'ନି ଅନ୍‌ଅଶ୍‌କୁରା ନି'ମତକଲ୍ ଲତି ଅନ୍‌ଅମତା ଅଲୈୟା ୱ୍‌ଆଲା ୱ୍‌ାଲିଦୈୟା ୱ୍‌ଅନ୍ ଆ'ମଲା ସ୍ୱାଲିହନ୍ ତର୍‌ଯାହୁ ୱ୍‌ଅସ୍‌ଲିହ୍‌ଲି ଫିଯୁର୍‌ରିୟତି, ଇନ୍ନି ତୁବ୍‌ତୁ ଇଲୈକା ୱ୍‌ଇନ୍ନି ମିନଲ୍ ମୁସ୍‌ଲିମିନ୍।** (ଅଲ୍ ଅହକାଫ୍ 46:16)

ଅର୍ଥାତ 'ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋ ପ୍ରତି ଓ ମୋର ପିତା ମାତାଙ୍କ ପ୍ରତି ଯେଉଁ କୃପା ପ୍ରଦର୍ଶନ କରିଛ, ସେଥିପାଇଁ ତୁମ୍ଭ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସକାଶେ ମୋତେ ସାମର୍ଥ୍ୟ ପ୍ରଦାନ କର ଏବଂ ମୁଁ କିପରି ଉତ୍ତମ କର୍ମ କରିବି ଯାହାକୁ ତୁମ୍ଭେ ପସନ୍ଦ କରିବ (ସେଥିପାଇଁ ମଧ୍ଯ ଶକ୍ତି ପ୍ରଦାନ କର) ଏବଂ ମୋର ସନ୍ତାନମାନଙ୍କ ମଧ୍ୟରେ ପୁଣ୍ୟର ଭିତ୍ତି

ସ୍ଥାପନ କର । ମୁଁ ତୁମ୍ଭ ନିକଟରେ ଶରଣାଗତ ହେଉଛି ଏବଂ ମୋତେ ତୁମ୍ଭର ଆଜ୍ଞାବହ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଦିଅ ।

ପବିତ୍ର କୁରଆନର ଉପରୋକ୍ତ ଆୟତଗୁଡ଼ିକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଭାବେ ପ୍ରମାଣିତ ହୁଏ ଯେ ଇସ୍‌ଲାମ ଧର୍ମ ବିଶ୍ୱଶାନ୍ତି ତଥା ବିଶ୍ୱଭ୍ରାତୃଭାବ ପ୍ରତିଷ୍ଠା କରିବା ସହିତ ବିଶ୍ୱସ୍ରଷ୍ଟା(ଅଲ୍ଲାଃ)ଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନକାରୀ ମହାପନ୍ଥ ରୂପେ କାର୍ଯ୍ୟ କରିଥାଏ । ଏହାର କେବଳ ଯତ୍‌କିଞ୍ଚିତ୍ ପ୍ରମାଣ ଏଠାରେ ଦିଆଗଲା । କିନ୍ତୁ ଏହା ବ୍ୟତୀତ ପବିତ୍ର କୁରଆନରେ ଏଥି ସମ୍ବନ୍ଧରେ ଆହୁରି ଅନେକ ତଥ୍ୟମାନ ରହିଛି, ଯାହାକୁ ପାଠ କରି ହୃଦୟଙ୍ଗମ କରିବାର ଆବଶ୍ୟକତା ରହିଛି ।

## ଅନ୍ତିମ ଯୁଗରେ ଧର୍ମର ଗ୍ଳାନି ଓ ପୁନଃ ଧର୍ମ ସଂସ୍ଥାପନ

ପ୍ରତ୍ୟେକ ଧର୍ମ ଶାସ୍ତ୍ରରୁ ଏହା ମଧ୍ୟ ପ୍ରମାଣ ମିଳେ ଯେ ବର୍ତ୍ତମାନ କଳିଯୁଗ, ଅନ୍ତିମ ଯୁଗ ଓ ଏହି ଯୁଗରେ ଧର୍ମର ଗ୍ଳାନି ହୋଇଛି । ହଜରତ ମୁହମ୍ମଦ[ସଅ] ମଧ୍ୟ ଇସଲାମ ଧର୍ମର ଗ୍ଳାନି ହେବାର ଭବିଷ୍ୟତ ବାଣୀ କରିଛନ୍ତି । ଯେପରି ହଦିସ୍‌ରେ ଉଲ୍ଲେଖ ଅଛି, ହଜରତ ମୁହମ୍ମଦ[ସଅ] କହିଛନ୍ତି,

ଓଡିଆ ଅନୁବାଦ 'ଏପରି ସମୟ ଆସିବ ଯେତେବେଳେ ଇସଲାମ ଧର୍ମ କେବଳ ନାମକୁ ମାତ୍ର ରହିଯିବ । ପବିତ୍ର କୁରଆନ୍ କେବଳ ପ୍ରକାଶ୍ୟ ଭାବରେ ରହିଯିବ । ମସଜିଦ୍ ଦେଖିବାକୁ ବହୁତ ସୁନ୍ଦର ହୋଇଥିବ, କିନ୍ତୁ ସେଠାରେ ପ୍ରକୃତ ଧର୍ମଶିକ୍ଷା ନଥିବ । ସେମାନଙ୍କର ମୌଲବୀମାନେ ଆକାଶ ତଳେ ଅର୍ଥାତ୍ ପୃଥିବୀ ପୃଷ୍ଠରେ ସବୁଠାରୁ ନିକୃଷ୍ଟ ପ୍ରାଣୀ ତଥା ଖଳ ପ୍ରକୃତିର ଲୋକ ହୋଇଥିବେ । ସେମାନଙ୍କ ଦ୍ୱାରା ସମସ୍ତ ପ୍ରକାର ବିଭ୍ରାଟ ସୃଷ୍ଟି ହେଉଥିବ ଓ ସେହିମାନଙ୍କ ଆଡ଼କୁ ତାହା ଲେଉଟି ଆସୁଥିବ ।'

(ହଦିସ୍ ମିଶ୍‌କାତ, କିତାବୁଲ୍ ଇଲମ୍, ଖଣ୍ଡ ୩, ପୃଷ୍ଠା ୮)

ସେହିପରି ମହାଭାଗ ପୁଣି କହିଥିଲେ:

'ମୋର ଉମ୍ମତ (ମୁସଲିମ ସମ୍ପ୍ରଦାୟ)ମାନଙ୍କ ମଧ୍ୟରେ ଏପରି ସମୟ ଆସିବ ଯେପରିକି ଇସ୍ରାଇଲ୍ ବଂଶଧର (ହଜରତ ମୋସେସଙ୍କ ସମ୍ପ୍ରଦାୟ) ପାଇଁ ଆସିଥିଲା । ସେମାନେ ୭୨ ଦଳରେ ବିଭକ୍ତ ହୋଇ ଯାଇଥିଲେ, କିନ୍ତୁ ମୋର ଅନୁଗାମୀମାନେ ମଧ୍ୟ ସେହିପରି ୭୩ ଦଳରେ ବିଭକ୍ତ ହୋଇଯିବେ । ପୁଣି କହିଛନ୍ତି, 'କୁଲ୍‌ଲୁହୁମ୍ ଫିନ୍‌ନାରେ ଇଲ୍ଲା ୱାହିଦତନ୍' ଅର୍ଥାତ୍ ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ମୋକ୍ଷ ପ୍ରାପ୍ତ ବୋଲାଇବ, ଯେଉଁମାନେ ମୋର ପଦାଙ୍କ ଅନୁସରଣ କରୁଥିବେ, ସେମାନେ ମୁକ୍ତି ଲାଭ କରିବେ । କିନ୍ତୁ ଅନ୍ୟ ୭୨ ଯାକ ଦଳ ନର୍କଗାମୀ ହେବେ ।' (ହଦିସ୍ ତିରିମିଜି, ପୃଷ୍ଠା-୩୦)

ଉପରୋକ୍ତ ହଦିସ୍ ଅନୁସାରେ ସମସ୍ତ ମୁସଲମାନ ଏହା ଅନୁଭବ କରୁଛନ୍ତି ଯେ ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ଆଜି ଅକ୍ଷରେ ଅକ୍ଷରେ ପୂରଣ ହୋଇ ସାରିଛି । ଜମାଅତ୍ ଅହମଦୀୟା ସ୍ଥାପିତ ହେବା ପୂର୍ବରୁ ଅନ୍ୟ ମୁସଲମାନମାନେ ୭୨ ଦଳ ହୋଇ ସାରିଛନ୍ତି । ଏ କଥାକୁ ବିଶିଷ୍ଟ ମୌଲାନା (ମୁସଲିମ ବିଦ୍ୱାନ)ମାନେ ମଧ୍ୟ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି । କେବଳ ଏତିକି ନୁହେଁ, ବରଂ ୭୨ ଦଳରେ ଅନ୍ତର୍ଭୁକ୍ତ ସମସ୍ତ ମୁସଲମାନ ଜଣେ ଅନ୍ୟକୁ କାଫିର (ବିଧର୍ମୀ ବା ଅବିଶ୍ୱାସକାରୀ) ବୋଲି କହୁଛନ୍ତି । କିନ୍ତୁ ହଜରତ ମୁହମ୍ମଦ[ସଅ] ଦୃଢ଼ ଆଦେଶ ଦେଇ କହିଛନ୍ତି :

'ମନ୍ ସଲ୍ଲା ସଲାତନା ୱ ଅସ୍‌ତକ୍‌ବିଲ୍ କିବ୍‌ଲତାନା ୱଅକାଲା ଜବିହତନା ଫ'ଜାଲିକଲ୍ ମୁସ୍‌ଲିମୁଲ୍‌ଲଜି ଲହୁଜିମ୍ମତୁଲ୍ଲାହି ୱଜିମ୍ମତୁ ରସୁଲିହି ଫଲା ତୁଖ୍‌ଫିରୁଲ୍ଲାହା ଫି ଜିମ୍ମତିହି'

(ହଦିସ୍ ବୁଖାରି, କିତାବୁସ୍ ସଲାତ୍ ଖଣ୍ଡ ୧,ପୃଷ୍ଠା-୫୬ ମିଶିରୀ)

ଅର୍ଥାତ୍ 'ଯେଉଁମାନେ ମୋ ପରି ନମାଜ ପାଠ କରୁଛନ୍ତି ଓ ମୋର କିବଲାକୁ (ମକ୍କାର କାବା ଗୃହ ଅଭିମୁଖେ, ଭାରତ ପାଇଁ ପଶ୍ଚିମ ଦିଗ)

ଅନୁସରଣ କରୁଛନ୍ତି ଓ ମୋର ଜବିହା ଖାଉଛନ୍ତି, ସେମାନେ ମୁସଲମାନ । ସେମାନଙ୍କ ଦାୟୀତ୍ୱ ଭାର ଅଲ୍ଲାଃ ଓ ତାଙ୍କର ରସୁଲ ନେଇଛନ୍ତି । ତେଣୁ ତୁମେ ଏହି ଦାୟୀତ୍ୱକୁ ନିଜ ହାତକୁ ନେଇ କାହାରିକୁ କାଫିର ବୋଲି କୁହ ନାହିଁ ।' ପୁଣି କହିଛନ୍ତି 'ଯେଉଁମାନେ ଅନ୍ୟକୁ କାଫିର ବୋଲି କୁହନ୍ତି ଯଦି ସେ କାଫିର ହୋଇ ନଥାଏ, ତେବେ ସେହି କାଫିରର ଫତୱା (ନିଷେଧାଜ୍ଞା) ତାଙ୍କ ନିଜ ଆଡ଼କୁ ଲେଉଟି ଆସେ । (ହଦିସ୍)

କିନ୍ତୁ ହଦିସରେ ଏପରି ବାଣୀ ରହିଥିବା ସତ୍ତ୍ୱେ ୧୯୭୪ ମସିହାରେ ପାକିସ୍ତାନର ସଂସଦ ମଧ୍ୟ ଏହା ଘୋଷଣା କରିସାରିଛି ଯେ ଆମେ ୭୨ ଦଳ ମୁସଲମାନ, ଜମାଅତ ଅହମଦୀୟାକୁ ଅଣମୁସଲମାନ (କାଫିର)ବୋଲି ଘୋଷଣା କରୁଛୁ । ପାକିସ୍ତାନ ସଂସଦର ଏହି ଘୋଷଣା ଦ୍ୱାରା ସ୍ୱଷ୍ଟ ଭାବେ ଏହା ପ୍ରମାଣିତ ହୋଇଯାଇଛି ଯେ ହଜରତ ମୁହମ୍ମଦ[ସଅ] ଉକ୍ତ ଭବିଷ୍ୟତବାଣୀ ଅତ୍ୟନ୍ତ ସ୍ୱଷ୍ଟ ରୂପେ ସତ୍ୟରେ ପରିଣତ ହୋଇଛି ଏବଂ ୭୨ ଦଳ ମୁସଲମାନ ନିଜ ମଧ୍ୟରେ ପ୍ରବଳ ମତଭେଦ ରଖିଥିଲେ ସୁଦ୍ଧା ସମସ୍ତେ ଗୋଟିଏ ପଟେ ପକ୍ଷଭୁକ୍ତ ହୋଇ ଜମାଅତ ଅହମଦୀୟାକୁ ନିଜ ଠାକୁ ପୃଥକ କରି ଦେଇ ଏହା ପ୍ରମାଣ କଲେ ଯେ ମୋକ୍ଷପ୍ରାପ୍ତସ୍ୱର୍ଗୀୟ ଦଳ 'ନାଜି ଫିରକା' ହେଉଛି ଜମାଅତ ଅହମଦୀୟା ।

ପବିତ୍ର କୁରଆନରେ ଅଲ୍ଲାଃ ସମସ୍ତ ମୁସଲମାନମାନଙ୍କୁ ଏହା ଦୃଢ ଆଦେଶ ଦେଇ କହିଛନ୍ତି,

وَاعْتَصِمُوْا بِحَبْلِ اللّٰهِ جَمِيْعًا وَّ لَا تَفَرَّقُوْا

**'ୱା ତସେମୁ ବିହବ୍‌ଲିଲ୍ଲାହି ଜମିଅଉଁ ୱଲା ତଫର୍‌ରକୁ ।**

(ଆଲେ ଇମରାନ୍, 3:104)

ଅର୍ଥାତ୍ 'ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ରଜ୍ଜୁ(ଦଉଡ଼ି)କୁ ଦୃଢ ଭାବରେ ଧରି ରଖ । (ଅର୍ଥାତ୍ ଏକତାବଦ୍ଧ ହୋଇ ରୁହ) ଏବଂ ପରସ୍ପର ମଧ୍ୟରେ ବିଭେଦ ସୃଷ୍ଟି କର ନାହିଁ ।' ପୁଣି ଲେଖାଅଛି :

اِنَّ الَّذِيْنَ فَرَّقُوْا دِيْنَهُمْ وَكَانُوْا شِيَعًا لَّسْتَ مِنْهُمْ فِيْ شَيْءٍ ؕ

**'ଇନ୍ନଲ୍ଲଜିନା ଫର୍‌ରକୁ ଦିନହୁମ୍ ଓ୍ୱକାନୁ ଶିୟାଅଲ୍ ଲସତା ମିନ୍‌ହୁମ୍ ଫିଶଏଇନ୍ ।'** (ଅଲ୍ ଅନଆମ୍,6:160)

ଅର୍ଥାତ୍ 'ଯେଉଁ ଲୋକମାନେ ନିଜ ଧର୍ମକୁ ଖଣ୍ଡ ବିଖଣ୍ଡ କରିଛନ୍ତି ଓ ବିଭିନ୍ନ ଦଳରେ ବିଭକ୍ତ ହୋଇଛନ୍ତି (ହେ ମୁହମ୍ମଦ[ସଅ]) ତୁମର ସେମାନଙ୍କ ସହିତ କୌଣସି ସଂପର୍କ ନାହିଁ ।' ଏହି ଆୟତରୁ ସ୍ୱଷ୍ଟ ଭାବେ ପ୍ରମାଣିତ ହେଉଛି ଯେ ଯେଉଁମାନେ ଇସଲାମ ଧର୍ମକୁ ବିଭାଜନ କରି ୭୨ ଦଳରେ ବାଣ୍ଟି ହୋଇ ଯାଇଛନ୍ତି, ହଜରତ ମୁହମ୍ମଦ[ସଅ]ଙ୍କ ସହିତ ସେମାନଙ୍କ ସଂପର୍କ ଛିନ୍ନ ହୋଇ ସାରିଛି । ଯାହା ଫଳରେ ଇସଲାମ ଧର୍ମର ସଂପୂର୍ଣ୍ଣ ରୂପେ ଗ୍ଲାନି ହୋଇଯାଇଛି ।

ଇସଲାମ ଧର୍ମର ଅଧଃପତନ ହେବାପରେ ପୁଣି ଥରେ ଧର୍ମର ପୁନରଭ୍ୟୁଦୟ ହେବା ବିଷୟରେ ଏହା ମଧ୍ୟ ହଜରତ ମୁହମ୍ମଦ[ସଅ] କହିଛନ୍ତି, 'ମୋ ଉତ୍ତାରେ ୧୩ଶତାବ୍ଦୀ ଶେଷ ଓ ୧୪ଶତାବ୍ଦୀ ପ୍ରାରମ୍ଭରେ ଇମାମ୍ ମେହଦିଙ୍କର ଆବିର୍ଭାବ ହେବ, ଯେକି ଇସ୍‌ଲାମ ଧର୍ମକୁ ପୁନର୍ଜୀବିତ କରିବେ । ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଯେଉଁ ମତଭେଦ ଓ ବିଭିନ୍ନ ପ୍ରକାର କୁପ୍ରଥା ସୃଷ୍ଟି ହୋଇଥିବ, ସେହି ପ୍ରତିଶ୍ରୁତ ଅବତାର ହଜରତ ଇସା ମସିହ(ଯୀଶୁଖ୍ରୀଷ୍ଟ)ଙ୍କ ଅନୁରୂପରେ ଆସି ନ୍ୟାୟବନ୍ତ ହାକିମ୍ (ହକମ ଓ ଅଦଲ) ଭାବରେ ନିଷ୍ପତ୍ତି କରିବେ ।' (ହଦିସ୍ ଇବ୍‌ନେ ମାଜା) ଏହା ମଧ୍ୟ ଦୃଢ଼ ଆଦେଶ ରହିଛି, 'ହେ ମୁସଲମାନମାନେ ! ଯେତେବେଳେ ମୋର ଇମାମ୍ ମେହଦି ଆସିବାର ଖବର ତୁମେ ଶୁଣିବ, ତାଙ୍କ ପାଖରେ ପହଞ୍ଚିବା ପାଇଁ ଯଦି ବରଫର ପାହାଡ଼ ତୁମ ଗତିପଥରେ ଆସିବ ଓ ପ୍ରତିବନ୍ଧକ ସୃଷ୍ଟି କରିବ, ତେବେ ତୁମେ ଆଣ୍ଠେଇ ହୋଇ ଯିବାକୁ ପଡିଲେ ମଧ୍ୟ ତାଙ୍କ ନିକଟରେ ଯାଇ ପହଞ୍ଚିବ ଏବଂ ତାଙ୍କୁ ମୋର ସଲାମ କହିବ ଓ ତାଙ୍କ ହସ୍ତରେ ବୈଅତ(ଦୀକ୍ଷା ଗ୍ରହଣ) କରିବ । କାରଣ ସେ ହେଉଛନ୍ତି ଅଲ୍ଲାଃଙ୍କର ଖଲିଫା ଓ ମେହଦି ।'

(ହଦିସ ଅବୁଦାଉଦ, ଭାଗ ଖୁରୁଜୁଲ୍ ମେହଦି)

ପବିତ୍ର କୁରଆନରେ ମଧ୍ୟ ଅଲ୍ଲାଃଙ୍କର ବାଣୀ ଏହିପରି ଉଲ୍ଲେଖ ଅଛି:

وَّاٰخَرِيۡنَ مِنۡهُمۡ لَمَّا يَلۡحَقُوۡا بِهِمۡ‌ؕ وَهُوَ الۡعَزِيۡزُ الۡحَكِيۡمُ ۝

**ୱ୍ଵାଖରିନା ମିନହୁମ୍ ଲମ୍ମା ୟଲ୍‌ହକୁ ବିହିମ୍; ୱ୍ଵହୁୱ୍ଵଲ୍ ଅଯିଯୁଲ୍ ହକିମ୍** (ଅଲ ଜୁମା, 62:4)

ଅର୍ଥାତ୍ 'ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ, ଯେଉଁମାନେ ବର୍ତ୍ତମାନ ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ୱଜ୍ଞ । ହଜରତ ମୁହମ୍ମଦ[ସଅ] ଏହି ଆୟତକୁ ଯେତେବେଳେ ତାଙ୍କର ଅନୁଚରମାନଙ୍କୁ ଶୁଣାଇଲେ ସେ ସମୟରେ ସେମାନେ ପଚାରିଲେ 'ସେହି ଅନ୍ୟ ସମ୍ପ୍ରଦାୟଟି କିଏ ?' ଏହାର ଉତ୍ତର ଦେଇ ହଜରତ ମୁହମ୍ମଦ[ସଅ] ପାଖରେ ବସିଥିବା ଜଣେ ବିଶିଷ୍ଟ ସହଚର ସଲ୍‌ମାନ୍ ଫାରସିଙ୍କ କାନ୍ଧରେ ହାତ ରଖି କହିଲେ 'ଯଦି କୌଣସି ଏକ ସମୟରେ ଧର୍ମବିଶ୍ୱାସ ଏହି ଭବ ସଂସାରରୁ ଉଠି ସପ୍ତର୍ଷି ମଣ୍ଡଳକୁ ଚାଲିଯିବ, ଏହି ସଲମାନ ଫାରସିଙ୍କ ବଂଶଧରରୁ ଜଣେ କିମ୍ବା ଏକାଧିକ ଲୋକ ତାହାକୁ (ସେହି ଧର୍ମବିଶ୍ୱାସକୁ) ପୁଣି ଫେରାଇ ଆଣିବେ ।' (ହଦିସ ବୁଖାରି) ଏହି ହଦିସରେ ଅଙ୍ଗୀକୃତ ଇମାମ୍ ମେହଦି ସଲମାନ ଫାରସିଙ୍କ ବଂଶଧରଙ୍କ ମଧ୍ୟରୁ ଜାତ ହେବେ ବୋଲି ସୂଚନା ଦିଆଯାଇଛି ।

## ଇମାମ ମେହଦି ଓ କଳ୍କି ଅବତାରଙ୍କ ଆବିର୍ଭାବ

ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ଅନୁସାରେ ଠିକ୍ ଚଉଦ ହିଜ୍ରି ଶତାବ୍ଦୀର ଆରମ୍ଭରେ କାଦିୟାନ (ପଞ୍ଜାବ)ର ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦ[ଅସ]ଙ୍କୁ ଅଲ୍ଲାଃତାଲା ପ୍ରତିଶ୍ରୁତ ମସିହ (ଅବତାର) ଓ ଇମାମ ମେହଦି (ଯୁଗ ସଂସ୍କାରକ) ଭାବରେ ପ୍ରେରଣ କଲେ । ସୁତରାଂ ସେ ଅଲ୍ଲାଃଙ୍କ ଠାରୁ ଦିବ୍ୟବାଣୀ ପ୍ରାପ୍ତ କରି ଏହା ଘୋଷଣା କଲେ 'ମୋତେ ଅଲ୍ଲାଃ ଦୈବୀବାଣୀ ମାଧ୍ୟମରେ ଅବଗତ କରାଇଛନ୍ତି ଯେ ମୁଁ ତାହାଙ୍କ ତରଫରୁ ମସିହ ମଉଦ ଓ ମେହଦି ମାହୁଦ ତଥା ବାହ୍ୟ ଓ ଆଭ୍ୟନ୍ତରୀଣ ମତଭେଦର

'ହକମ୍' (ନିର୍ଣ୍ଣାୟକ ମିମାଂସାକାରୀ) ଓ 'ଅଦଲ' (ନ୍ୟାୟୀକ ପ୍ରଶାସକ) । ସେ ଏହା ମଧ୍ୟ ଘୋଷଣା କଲେ 'ମୁଁ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପ କରିବା ଓ ତାଙ୍କ ଠାରୁ ଦୈବୀବାଣୀ ପ୍ରାପ୍ତ ହେବାର ଯେଉଁ ସୌଭାଗ୍ୟ ଅର୍ଜନ କରିଛି, ତାହା କେବଳ ହଜରତ ମୁହମ୍ମଦ[ସଅ]ଙ୍କ ଆଜ୍ଞାନୁବର୍ତ୍ତୀତା ଯୋଗୁଁ ମୋ ପକ୍ଷେ ସମ୍ଭବ ହୋଇପାରିଛି । ଯଦି ମୁଁ ହଜରତ ମୁହମ୍ମଦ[ସଅ]ଙ୍କ ସମ୍ପ୍ରଦାୟଭୁକ୍ତ ଓ ତାଙ୍କର ଅନୁଗାମୀ ହୋଇ ନଥାନ୍ତି, ତା'ହେଲେ ଯଦି ମୋର ଉତ୍ତମ ଧର୍ମ ଆଚରଣର ପରିମାଣ ପୃଥିବୀର ସମସ୍ତ ପାହାଡ଼ ସଦୃଶ ବି ହୋଇଥାନ୍ତା, ତଥାପି ମୁଁ କେବେହେଲେ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ପ୍ରାପ୍ତ କରିପାରି ନଥାନ୍ତି । କାରଣ କେବଳ ମୁହମ୍ମଦ[ସଅ]ଙ୍କ ନବୁଓ୍ୱତ (ଅବତାରତ୍ୱ ପ୍ରାପ୍ତି) ବ୍ୟତୀତ ଅନ୍ୟ ସବୁ ନବୁଓ୍ୱତ ବନ୍ଦ କରାଯାଇଛି । ଏଣିକି ନୂତନ ଶରୀୟତ(ଶାସ୍ତ୍ରୀୟ ବିଧାନ) ନେଇ କୌଣସି ଅବତାର ଆସି ପାରିବେ ନାହିଁ । କେବଳ ସେହି ଆସିପାରିବ, ଯିଏ ପ୍ରଥମେ ଉମ୍ମତି (ମୁହମ୍ମଦ[ସଅ]ଙ୍କ ଅନୁଗାମୀ) ହୋଇଥିବ । ସେହି ଆଧାରରେ ମୁଁ ଉମ୍ମତି ମଧ୍ୟ ଓ ନବୀ ମଧ୍ୟ ।'

ସୁତରାଂ ଯୁଗାବତାର ହଜରତ ମିର୍ଜା ଗୁଲାମ ଅହମଦ[ଅସ]ଙ୍କ ଜନ୍ମ ୧୮୩୫ ମସିହାରେ ଆମର ମହାନ ଧର୍ମ ପ୍ରଧାନ ଦେଶ ଭାରତବର୍ଷର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ କାଦିୟାନ ନାମକ ଏକ ଅଜଣା ପଲ୍ଲୀରେ ହୋଇଥିଲା । ସେ ୧୮୮୯ ମସିହାରେ ଅଲ୍ଲାଃଙ୍କ ଠାରୁ ଆଦେଶ ପାଇ ତାଙ୍କର ମାନ୍ୟତା ସ୍ୱୀକାର କରିବା ସକାଶେ ବୈଅତ(ଦୀକ୍ଷା) ନେବା ଆରମ୍ଭ କଲେ । ସେତେବେଳେ ତାଙ୍କ ହାତରେ ପ୍ରଥମ ଦୀକ୍ଷା ଗ୍ରହଣ କରିବାର ସୌଭାଗ୍ୟ ୪୦ଜଣ ମହାମନିଷୀଙ୍କୁ ପ୍ରାପ୍ତ ହୋଇଥିଲା । ଏହି ବୈଅତ୍‌ନାମାର ଦଶଗୋଟି ସର୍ତ୍ତମୂଳକ ପ୍ରସ୍ତାବ ରଖି ସେଗୁଡ଼ିକ ଉପରେ ସଠିକ୍ ଭାବରେ କର୍ମପନ୍ଥା ଅବଲମ୍ବନ କରିବା ପାଇଁ ଦୃଢ଼ ଶପଥ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ ସର୍ତ୍ତଗୁଡ଼ିକର ସଂକ୍ଷିପ୍ତ ବିବରଣୀ ଏଠାରେ ଦିଆଯାଉଛି । ସେଗୁଡିକ ହେଉଛି (୧) ଶିର୍କ ଅର୍ଥାତ ଅଲ୍ଲାଃଙ୍କ ସହିତ ଅନ୍ୟ କାହାକୁ

ସମକକ୍ଷ ନ କରିବା । (୨) ଅଲ୍ଲାଃ ଓ ତାଙ୍କର ପ୍ରେରିତ ଦୂତ ହଜରତ ମୁହମ୍ମଦ[ସଅ]ଙ୍କର ସମସ୍ତ ଆଦେଶ ତଥା ପବିତ୍ର କୁରଆନରେ ବର୍ଣ୍ଣିତ ଅଲ୍ଲାଃଙ୍କର ନିର୍ଦ୍ଦେଶଗୁଡିକୁ ଶିରୋଧାର୍ଯ୍ୟ କରି ତଦନୁସାରେ ଯଥାସାଧ୍ୟ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । (୩) ଦୈନନ୍ଦିନ ପାଞ୍ଚବେଳା ନମାଜ ନିୟମିତ ରୂପେ ପାଠ କରିବା ତଥା ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଶାନ୍ତି କାମନା କରି ତାଙ୍କ ପାଇଁ ଦରୁଦ ପ୍ରେରଣ କରିବା (ସେ ଓ ତାହାଙ୍କର ଅନୁଗାମୀମାନଙ୍କ ପାଇଁ ଆଶୀର୍ବାଦ ଓ କଲ୍ୟାଣାର୍ଥେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା) । (୪) ପ୍ରତ୍ୟହ ନିଜର ପାପ ମାର୍ଜନା ପାଇଁ ଅଲ୍ଲାଃଙ୍କ ନିକଟରେ କ୍ଷମା ଯାଚନା କରିବା ଓ ଅଲ୍ଲାଃତାଲା ଦେଇଥିବା ସାମର୍ଥ୍ୟ ଅନୁଯାୟୀ ସବୁବେଳେ ମାନବସେବାରେ ଲାଗି ରହିବା । (୫) ଇସଲାମର ସମସ୍ତ ଶିକ୍ଷା ଅନୁସାରେ ପରିଚାଳିତ ହୋଇ ହଜରତ ମୁହମ୍ମଦ[ସଅ]ଙ୍କୁ 'ଖାତମନ ନବୀଇନ୍' (ଶ୍ରେଷ୍ଠ ଅବତାର) ରୂପେ ବିଶ୍ୱାସ ସ୍ଥାପନ କରିବା । (୬) ତାଙ୍କ ଭବିଷ୍ୟତବାଣୀ ଅନୁସାରେ ଅନ୍ତିମ ଯୁଗର ଇମାମ୍ ମେହଦି ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀ[ଅସ] ଅଲ୍ଲାଃଙ୍କ ତରଫରୁ ଆସିଛନ୍ତି ବୋଲି ବିଶ୍ୱାସ କରିବା ।

## ଇମାମ ମେହଦିଙ୍କ ସତ୍ୟତାର ପ୍ରମାଣ

ସେହି ଯୁଗ ପ୍ରବର୍ତ୍ତକଙ୍କ ଆବିର୍ଭାବ ହେବା ସହିତ ତାଙ୍କର ସତ୍ୟତାର ପରିପ୍ରକାଶ ପାଇଁ ଅଲ୍ଲାଃଙ୍କ ତରଫରୁ ଏକ ଆକାଶୀୟ ଅଲୌକିକ ଚିହ୍ନ ଦେଖାଯିବ ବୋଲି ହଜରତ ମୁହମ୍ମଦ[ସଅ] ଭବିଷ୍ୟତ ବାଣୀ କରିଥିଲେ । ହଦିସରେ ଲେଖାଅଛି, ହଜରତ ମୁହମ୍ମଦ[ସଅ] ଏହିପରି କହିଛନ୍ତି,

'ଆମ ମେହଦିଙ୍କ ଆଗମନର ପ୍ରମାଣ ସ୍ୱରୂପ ଏପରି ଦୁଇଟି ମହତ୍ୱପୂର୍ଣ୍ଣ ଆକାଶୀୟ ଚିହ୍ନ ଦେଖାଯିବ, ଯାହାକି ପୃଥିବୀ ସୃଷ୍ଟି ହେବା ସମୟରୁ ଅନ୍ୟ କୌଣସି ଅବତାରଙ୍କ ଆବିର୍ଭାବ ସମୟରେ ଦେଖାଯାଇ ନାହିଁ । ତାହା ହେଉଛି ରମ୍‌ଜାନ ମାସ (ଉପବାସ ବ୍ରତ ରଖିବା ମାସ)ରେ ଚନ୍ଦ୍ରକୁ ଲାଗୁଥିବା ନିର୍ଦ୍ଧାରିତ ପୂର୍ଣ୍ଣମୀ ତିଥିର ଚନ୍ଦ୍ରଗ୍ରହଣ ରାତ୍ରିର ପ୍ରଥମ

ରାତିରେ ଗ୍ରହଣ ଲାଗିବ ଏବଂ ସେହି ମାସରେ ସୂର୍ଯ୍ୟ ପରାଗ ହେଉଥିବା ନିର୍ଦ୍ଦିଷ୍ଟ ଦିନମାନଙ୍କ ମଧ୍ୟରୁ ପରାଗ ତିଥିର ମଧ୍ୟମ ଦିନରେ ସୂର୍ଯ୍ୟ ପରାଗ ହେବ । (ହଦିସ ଦାରେ କୁତନୀ)

ହଜରତ ମୁହମ୍ମଦ[ସଅ]ଙ୍କ ଏହି ଭବିଷ୍ୟତ ବାଣୀ ଅକ୍ଷରେ ଅକ୍ଷରେ ପୂରଣ ହୋଇଛି । ହଜରତ ଅହମଦ[ଅସ] ଅଲ୍ଲାଃଙ୍କ ଠାରୁ ଐଶ୍ୱରିକ ବାଣୀ ପ୍ରାପ୍ତ କରି ୧୮୯୧ ମସିହାରେ ନିଜକୁ ଇମାମ୍ ମେହଦି ଓ ମସିହ ମଉଦ୍ ହେବାର ଘୋଷଣା କଲେ । ଏହା ପରେ ୧୮୯୪ ମସିହାରେ ରମଜାନ୍ ମାସର ପୂର୍ବ ନିର୍ଦ୍ଧାରିତ ଦିନମାନଙ୍କରେ ଏହି ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ଆକାଶୀୟ ଚିହ୍ନ ସଂଘଟିତ ହୋଇ ପ୍ରଥମେ ପ୍ରାଚ୍ୟ ଜଗତରେ ଦେଖାଗଲା ଏବଂ ୧୮୯୫ ମସିହାର ରମଜାନ ମାସରେ ପାଶ୍ଚାତ୍ୟ ଦେଶରେ ମଧ୍ୟ ଦେଖାଗଲା । ଏହି ମହତ୍ତ୍ୱପୂର୍ଣ୍ଣ ଆକାଶୀୟ ନିଦର୍ଶନକୁ କୋଟି କୋଟି ଲୋକ ସ୍ୱଚକ୍ଷୁରେ ଦେଖିଲେ । ସେତେବେଳର ଅନେକ ପତ୍ର ପତ୍ରିକାମାନଙ୍କରେ ଏସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି । ସେହିପରି ପବିତ୍ର କୁରଆନରୁ ହଜରତ ଇମାମ୍ ମେହଦି ଓ ମସିହ ମଉଦଙ୍କର ସତ୍ୟତାର ପ୍ରମାଣ ମିଳୁଛି । ଅଲ୍ଲାଃତାଲା ହଜରତ ମୁହମ୍ମଦ[ସଅ]ଙ୍କ ଦାସତ୍ୱରେ ଯେହେତୁ ଇସଲାମ ଧର୍ମକୁ ପୁନର୍ଜୀବିତ କରିବା ପାଇଁ ଇମାମ୍ ମେହଦିଙ୍କୁ ପଠାଇଛନ୍ତି, ତେଣୁ ତାହାଙ୍କ ଭବିଷ୍ୟତ ବାଣୀର ସତ୍ୟତାକୁ ପ୍ରତିପାଦନ କରି ଅଲ୍ଲାଃତାଲା ପବିତ୍ର କୁରଆନରେ ଯେଉଁ ନିଦର୍ଶନ ସୂଚକ ବାଣୀଗୁଡିକ ବର୍ଣ୍ଣନା କରିଛନ୍ତି, ସେହି ଆୟତଗୁଡ଼ିକୁ ଦୃଷ୍ଟି ସମ୍ମୁଖରେ ରଖି ଇମାମ୍ ମେହଦିଙ୍କ ସତ୍ୟତାକୁ ପରଖିବା ଓ ତୁଳନା କରାଯିବା ବିଧେୟ ।

୧. ଇସଲାମ ଧର୍ମର ପ୍ରଣେତା ହଜରତ ମୁହମ୍ମଦ[ସଅ] ଯେତେବେଳେ ନିଜକୁ ଅବତାର ବୋଲି ଘୋଷଣା କରି ନଥିଲେ, ସେତେବେଳେ ତାଙ୍କର ଜୀବନରେ ଉତ୍ତମ ଆଚରଣମାନଙ୍କୁ ଦେଖି ସମସ୍ତେ ତାଙ୍କୁ 'ଅମୀନ୍' ଓ 'ସିଦ୍ଦିକ୍' (ସତ୍ୟବାଦୀ ଓ ସାଧୁ) ବୋଲି ସ୍ୱୀକାର କରୁଥିଲେ । କିନ୍ତୁ ନିଜକୁ ଅବତାର ଘୋଷଣା କଲାପରେ ସମସ୍ତେ ତାଙ୍କର ଶତ୍ରୁ ହୋଇଗଲେ ଓ

ଅନେକ ଅପବାଦ ଜନକ କଥା କହିଲେ । ତେଣୁ ଅଲ୍ଲାଃ ତାଙ୍କ ବିରୋଧି ଲୋକମାନଙ୍କୁ କହିଲେ,

فَقَدْ لَبِثْتُ فِيْكُمْ عُمُرًا مِّنْ قَبْلِهٖ ؕ اَفَلَا تَعْقِلُوْنَ ۝١٧

**'ଫକଦ୍ ଲବିସ୍‌ତୁ ଫିକୁମ୍ ଉମୁରମ୍ ମିନ୍ କବ୍‌ଲିହି ଅଫଲା ତାକିଲୁନ୍ ।'** (ୟୁନୁସ,10:17)

ଅର୍ଥାତ 'ଆମେ ଏଥିପୂର୍ବରୁ ତୁମମାନଙ୍କ ସହିତ ଜୀବନର ଏକ ଦୀର୍ଘ ସମୟ ଅତିବାହିତ କରିଛୁ, ତଥାପି କଣ ତୁମ୍ଭେମାନେ ବୁଝି ପାରୁନାହଁ ?' ଏହି ଉକ୍ତିରୁ ସ୍ପଷ୍ଟ ହେଉଛି ଯେ ଅବତାରମାନଙ୍କ ପୂର୍ବ ଜୀବନ ଚରିତ୍ର ତାଙ୍କର ସତ୍ୟତାର ଜ୍ୱଳନ୍ତ ପ୍ରମାଣ ସ୍ୱରୂପ ରହିଥାଏ । ଯଦି ସେ ନିଜ ବିଷୟରେ କୌଣସି ମିଥ୍ୟା କହି ନାହାନ୍ତି, ତେବେ ଅଲ୍ଲାଃଙ୍କ ବିଷୟରେ କିପରି ମିଥ୍ୟା କହିବେ ? ମସିହ ମଉଦ ଓ ଇମାମ୍ ମେହଦି ରୂପେ ଦାବୀ ଘୋଷଣା କରିଥିବା ମିର୍ଜା ଗୁଲାମ ଅହମଦ[ଅସ] ସେହିପରି ଯୁଗାବତାର ହେବା ପୂର୍ବରୁ ଇସଲାମ ଧର୍ମର ସତ୍ୟତା ପ୍ରକାଶ କରି ଏକ ଗଭୀର ଅନୁଶୀଳନ ଗ୍ରନ୍ଥ ଲେଖିଛନ୍ତି, ଯାହାର ନାମ 'ବରାହିନେ ଅହମଦୀୟା'। ପାଞ୍ଚଖଣ୍ଡ ବିଶିଷ୍ଟ ଏହି ପୁସ୍ତକକୁ ପଢ଼ି ତତ୍କାଳୀନ ଧର୍ମ ବିଦ୍ୱାନ ଓ ପ୍ରଖ୍ୟାତ ମୌଲାନାମାନେ ଏହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ ଯେ ମୁସଲମାନଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ କେହିହେଲେ ଇସଲାମ ଧର୍ମର ସତ୍ୟତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଏପରି ପୁସ୍ତକ ଲେଖି ନାହାନ୍ତି । ସୁତରାଂ ମୌଲାନା ମୁହମ୍ମଦ ହୁସେନ ବଟାଲୁୟୀ ମଧ୍ୟ ସ୍ୱରଚିତ ପତ୍ରିକା 'ଅସାଅତୁସ୍ ସୁନ୍ନା'ରେ ସଂପୃକ୍ତ ବିଶିଷ୍ଟ ଗ୍ରନ୍ଥର ଲେଖକ ହଜରତ ଅହମଦଙ୍କର ଭୂୟସୀ ପ୍ରଶଂସା କରି ଲେଖିଥିଲେ । କିନ୍ତୁ ଯେତେବେଳେ ଅହମଦ ନିଜକୁ ଇମାମ୍ ମେହଦି ହେବାର ଘୋଷଣା କଲେ, ସେହି ମୌଲାନା ତାଙ୍କର ସବୁଠାରୁ ପରମ ଶତ୍ରୁ ସାଜିଲେ । ସୁତରାଂ ହଜରତ ଅହମଦ[ଅସ] ନିଜ ବିଷୟରେ ଲେଖିଛନ୍ତି 'ତୁମମାନଙ୍କ ମଧ୍ୟରେ କିଏ ଅଛି, ଯିଏକି ମୋର ପୂର୍ବ ଜୀବନ ସମ୍ବନ୍ଧରେ କୌଣସି ମିଥ୍ୟା ପ୍ରତାରଣାର ପ୍ରମାଣ ଦେଇପାରିବ ?

ଅଲ୍ଲାଃଙ୍କର ମୋ ଉପରେ ଅସୀମ ଦୟା ଯେକି ଜୀବନର ପ୍ରାରମ୍ଭିକ ଅବସ୍ଥାରୁ ମୋତେ ପ୍ରକୃତ ଧର୍ମ ରାସ୍ତାରେ ପରିଚାଳିତ କରାଇ ଆସିଛନ୍ତି ।'

(ତଜ୍କିରାତୁସ୍ ଶାହାଦତୈନ)

ତେବେ ମୌଲାନା ମୁହମ୍ମଦ ହୁସେନ୍ ବଟାଲୁଇ ଅନେକ ପ୍ରତିବାଦ ଓ ଶତ୍ରୁତା କଲେ ସୁଦ୍ଧା ହଜରତ ଅହମଦ୍[ଅସ]ଙ୍କ ଅବତାରତ୍ୱ ପ୍ରାପ୍ତ କରିବାର ପୂର୍ବ ଜୀବନ ସଂପର୍କରେ କୌଣସି ଅପବାଦ ମୂଳକ କଥା କହିପାରି ନାହାନ୍ତି । ତେଣୁ ଉପରୋକ୍ତ କୁରଆନ ବାଣୀରେ ଇମାମ୍ ମେହଦିଙ୍କର ସତ୍ୟତା ପ୍ରକାଶ ପାଉଛି ।

୨. ଦ୍ୱିତୀୟ ସତ୍ୟତାର ପ୍ରମାଣ ହଜରତ ମୁହମ୍ମଦ[ସଅ]ଙ୍କ ବିଷୟରେ ଅଲ୍ଲାଃତାଲା ଏହିପରି ବର୍ଣ୍ଣନା କରିଛନ୍ତି

وَلَوْ تَقَوَّلَ عَلَيْنَا بَعْضَ الْاَقَاوِيْلِ ﴿٤٥﴾ لَاَخَذْنَا مِنْهُ بِالْيَمِيْنِ ﴿٤٦﴾

ثُمَّ لَقَطَعْنَا مِنْهُ الْوَتِيْنَ ﴿٤٧﴾ فَمَا مِنْكُمْ مِّنْ اَحَدٍ عَنْهُ حٰجِزِيْنَ ﴿٤٨﴾

**'ୱ୍ଲୌ ତକୌୱ୍ୱଲା ଆଲୈନା ବା'ଯଲ୍ ଅକାୱିଲ୍ ଲଅଖୟ୍ନା ମିନ୍‌ହୁ ବିଲ୍ ୟମିନ୍ । ସୁମ୍ମା ଲକତାନା ମିନ୍‌ହୁଲ୍ ୱ୍ତିନ୍ ଫମା ମିନ୍‌କୁମ୍ ମିନ୍ ଆହାଦିନ୍ ଅନ୍‌ହୁ ହାଯିୟିନ୍ ।'**

(ଅଲ୍ ହାକ୍‌କାଃ, 69:45-48)

ଅର୍ଥାତ୍ 'ଏବଂ ଯଦି ଏହି ବ୍ୟକ୍ତି (ହଜରତ ମୁହମ୍ମଦ[ସଅ]) ନିଜେ ମିଥ୍ୟା ରଚନା କରି ଏହାକୁ ଆମ୍ଭର ବାର୍ତ୍ତା ବୋଲି କୁହନ୍ତେ, ତାହା ଥରେ ହେଲେ ପଛକେ ଆମ୍ଭେ ନିଶ୍ଚୟ ଦକ୍ଷିଣ ହସ୍ତ ଦ୍ୱାରା ତାଙ୍କୁ ଧରି ପକାନ୍ତୁ ଓ ତାଙ୍କ ଜୀବନ ନାଡିକାକୁ କାଟି ଦିଅନ୍ତୁ । ଏହି ପରିସ୍ଥିତିରେ ତୁମମାନଙ୍କ ମଧ୍ୟରୁ କେହି ହେଲେ ତାହାଙ୍କୁ ଅଲ୍ଲାଃଙ୍କ ଶାସ୍ତିରୁ ରକ୍ଷା କରିପାରନ୍ତେ ନାହିଁ ।' ଏହି ଆୟତରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଐଶ୍ୱରିକ ବାଣୀ ତାଙ୍କ ପ୍ରତି ପ୍ରକଟିତ ହେଉଛି ବୋଲି କହୁଥିବା ମିଥ୍ୟାବାଦୀ ବ୍ୟକ୍ତିଙ୍କୁ ଅଲ୍ଲାଃ ତତ୍କ୍ଷଣାତ୍ ଧରି ପକାନ୍ତେ ଓ

ତା'ର ଜୀବନ ନାଟିକା କାଟି ଦେବାର ଶାସ୍ତି ବିଧାନ ମଧ୍ୟ କରନ୍ତେ । ଏହି ଦିବ୍ୟବାଣୀ ହଜରତ ମୁହମ୍ମଦ[ସଅ]ଙ୍କ ସତ୍ୟତାର ପ୍ରମାଣ ଦେବା ସହିତ ତାଙ୍କ ଅନୁରୂପରେ ଚଳିତ ଯୁଗରେ ଆସିଥିବା ଇମାମ୍ ମେହଦିଙ୍କର ଆଗମନକୁ ମଧ୍ୟ ସତ୍ୟ ସାବ୍ୟସ୍ତ କରୁଛି । ଏହା ଏକ କଷୋଟି ପଥର ପରି ନିରୀକ୍ଷଣ ଯନ୍ତ୍ରର କାର୍ଯ୍ୟ କରିଥାଏ ।

ହଜରତ ମୁହମ୍ମଦ[ସଅ]ଙ୍କୁ ଲୋକମାନେ ଜୀବନରୁ ମାରିଦେବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ ସୁଦ୍ଧା ସେହି କୁଟ ଚକ୍ରାନ୍ତରେ ସେମାନେ ବିଫଳ ହୋଇଥିଲେ । ଅଲ୍ଲାଃ ମହାଭାଗଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁମାନଙ୍କ କବଳରୁ ରକ୍ଷା କରି ନିଜର ଦୈବୀ ଯୋଜନାନୁସାରେ ନିଜ ବାଣୀ ଅବତୀର୍ଣ୍ଣ କରିବା ଆରମ୍ଭ କରିଥିଲେ ଓ ତତ୍ ସହିତ ଅଧିକ ୨୩ (ତେଇଶି) ବର୍ଷ କାଳ ପର୍ଯ୍ୟନ୍ତ ବଞ୍ଚାଇ ରଖିଥିଲେ । ଅଥଚ କୌଣସି ମିଥ୍ୟାବାଦୀ ବ୍ୟକ୍ତି ଦିବ୍ୟ ପ୍ରକଟନର ଦ୍ୱାହି ଦେଇ ଏପରି ୨୩ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରିବ ନାହିଁ । ସେହିପରି ହଜରତ ଅହମଦଙ୍କୁ ମଧ୍ୟ ପ୍ରଥମ ଐଶ୍ୱରିକ ବାଣୀ ପ୍ରାପ୍ତ ହେବା ଠାରୁ ଆରମ୍ଭ କରି ଅଲ୍ଲାଃତାଲା ତାଙ୍କୁ ୪୩ବର୍ଷ ପର୍ଯ୍ୟନ୍ତ ଜୀବିତ ରଖିଥିଲେ । ଶତ୍ରୁମାନେ ତାଙ୍କର ସର୍ବନାଶ କରିବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ । ମିଥ୍ୟା ମକଦ୍ଦମା କରି ତାଙ୍କୁ ଜେଲ ଦଣ୍ଡ ଦେବା ତଥା ବିଭିନ୍ନ ପ୍ରକାର ବଦନାମ କରିବା ପାଇଁ ଅନେକ ଷଡ଼ଯନ୍ତ୍ରର ଜାଲ ବିଛାଇଥିଲେ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସେମାନେ ବିଫଳତାର ମୁହଁ ଦେଖିଲେ । ଏହାହିଁ ଇମାମ୍ ମେହଦିଙ୍କର ସତ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ ।

୩. ଅଲ୍ଲାଃଙ୍କ ବାଣୀ ପବିତ୍ର କୁରଆନରେ ପୁଣି ଲେଖାଅଛି :

إِنَّا لَنَنْصُرُ رُسُلَنَا وَالَّذِينَ آمَنُوا فِي
الْحَيَاةِ الدُّنْيَا وَيَوْمَ يَقُومُ الْأَشْهَادُ ﴿٥٢﴾

**'ଇନ୍ନା ଲନନ୍ସୁରୁ ରୁସୁଲନା ୱଲ୍ଲଜିନା ଆ'ମନୁ ଫିଲ୍ ହୟାତିଦ୍ ଦୁନିୟା ୱୟୌମା ୟକୁମୁଲ୍ ଅଶ୍ହାଦ୍ ।'** (ଅଲ୍ ମୁମିନ୍, 40:52)

ଅର୍ଥାତ 'ଆମ୍ଭେ ରସୁଲମାନଙ୍କୁ ଓ ସେମାନଙ୍କ ଉପରେ ବିଶ୍ୱାସ କରିଥିବା ଲୋକମାନଙ୍କୁ ନିଶ୍ଚୟ ଏହି ସଂସାରରେ ସାହାଯ୍ୟ କରିବୁ ଏବଂ ସେହିଦିନ ମଧ୍ୟ ଯେଉଁଦିନ ସାକ୍ଷ୍ୟମାନେ ଦଣ୍ଡାୟମାନ ହେବେ (ଅର୍ଥାତ୍ ଶେଷ କର୍ମଫଳର ବିଚାର ଦିନ)।' ଏହି ପଙ୍କ୍ତିରୁ ମଧ୍ୟ ହଜରତ ଇମାମ୍ ମେହଦି[ଅସ]ଙ୍କ ସତ୍ୟତା ପ୍ରତିପାଦିତ ହେଉଛି । ହଜରତ ଅହମଦ[ଅସ] ଏକ ଅନାମଧେୟ ଗ୍ରାମ କାଦିୟାନରେ ଆବିର୍ଭୁତ ହୋଇ ଅଲ୍ଲାଃଙ୍କ ଠାରୁ ଐଶ୍ୱିବାଣୀ ପ୍ରାପ୍ତ ହେବା ସହିତ ଏହା ଘୋଷଣା କଲେ ଯେ ମୁଁ ଅଲ୍ଲାଃଙ୍କ ତରଫରୁ ଇମାମ୍ ମେହଦି ଓ ମସିହ ମଉଦ ରୂପରେ ଆସିଅଛି । ସେତେବେଳେ ଅନେକ ବିରୁଦ୍ଧାଚରଣର ଝଡ ବହିଲା । ମହା ମହା ରଥି ମୌଲାନାମାନେ ତାଙ୍କର ଘୋର ବିରୋଧ କରି ଲୋକମାନଙ୍କୁ ତାଙ୍କ ବିରୁଦ୍ଧରେ ଛିଡା କରାଇଲେ ଓ କାଫିର ବୋଲି ଫତ୍ୱା ଜାରି କଲେ । କିନ୍ତୁ ତାଙ୍କର ବଳିଷ୍ଠ ଲେଖା, ମଧୁର ବକ୍ତବ୍ୟ ଓ ଆଧାତ୍ମିକ ତେଜସ୍ୱୀ ଚେହେରା ଦେଖି ଲୋକମାନେ ଦଳ ଦଳ ହୋଇ ତାଙ୍କ ନିକଟକୁ ଆସିବାକୁ ଲାଗିଲେ । ହଜରତ ମୁହମ୍ମଦ[ସଅ]ଙ୍କ କହିବା ଅନୁସାରେ ତାଙ୍କ ହାତରେ ଆସି ବୈଅତ କଲେ । ଆଜି ତାଙ୍କ ଦ୍ୱାରା ସ୍ଥାପିତ ଜମାଅତ୍ ଅହମଦୀୟା ପୃଥିବୀର ଶେଷ ସୀମାକୁ ପହଞ୍ଚି ଗଲାଣି ଓ ୨୧୦ଟି ଦେଶରେ ମିଶନ ପ୍ରତିଷ୍ଠା ହୋଇ ସାରିଛି । ଅସଂଖ୍ୟ ଜ୍ଞାନୀମାନି ଲୋକମାନେ ଏହି ଜମାଅତରେ ଅନ୍ତର୍ଭୁକ୍ତ ହେଉଛନ୍ତି । ହଜରତ୍ ଅହମଦ[ଅସ]ଙ୍କୁ ଅଲ୍ଲାଃ ନିଜର ଦିବ୍ୟବାଣୀ ଦ୍ୱାରା ଏହା ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ 'ମୁଁ ତୋର ଧର୍ମ ପ୍ରଚାରକୁ ପୃଥିବୀର ଶେଷ ସୀମାରେ ପହଞ୍ଚାଇ ଦେବି ।' ସେହିପରି ଅନ୍ୟ ଏକ ଭବିଷ୍ୟତ ବାଣୀ 'ବାଦ୍ଶାହ(ସମ୍ରାଟ) ତୋର ବସନରୁ ଆଶୀଷ ଭିକ୍ଷା କରିବେ ।' ଏହା ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି, 'ଯେଉଁମାନେ ତୋର ଅସମ୍ମାନ କରିବେ, ମୁଁ ସେମାନଙ୍କର ଅସମ୍ମାନ କରିବି ଓ ଯେଉଁମାନେ ତୋର ସହାୟତା କରିବେ, ମୁଁ ସେମାନଙ୍କୁ ସାହାଯ୍ୟ କରିବି ।' ଅଲ୍ଲାଃଙ୍କର ଏହି ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଭାବେ ପ୍ରକାଶ ପାଇଛି । ସଂସାରର ଶେଷ ସୀମା କୁହାଯାଉଥିବା 'ମାରିସସ୍' ଦେଶରେ ମଧ୍ୟ ଜମାଅତ୍ ଅହମଦୀୟା ପ୍ରତିଷ୍ଠା ଲାଭ କରିଛି । ଆଫ୍ରିକା

ମହାଦେଶର ଅନେକ ସମ୍ରାଟ ଏହି ଜମାଅତରେ ଅନ୍ତର୍ଭୁକ୍ତ ହେବା ଫଳରେ 'ବାଦ୍‌ଶାହ ତୋର ବସନରୁ ଆଶୀଷ ଭିକ୍ଷା କରିବେ' ସତ୍ୟରେ ପରିଣତ ହୋଇଛି । ବିରୋଧି ଶତ୍ରୁମାନେ ଇମାମ୍ ମେହଦିଙ୍କର ମୁକାବିଲା କରି ଧ୍ୱଂସ ମୁଖରେ ପଡ଼ି ଆସୁଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଶତ୍ରୁ ଯେପରି ଆଲେକ୍‌ଜାଣ୍ଡାର ଡୁଇ (ଆମେରିକାବାସୀ), ପଣ୍ଡିତ ଲେଖରାମ (ପେଶାଓ୍ୱରବାସୀ), ମୌଲବି ଶାହଦୀନ (ଲୁଧିୟାନାବାସୀ), ମୌଲବି ରଶିଦ୍ ଅହମଦ୍ (ଗଙ୍ଗୁହାବାସୀ) ଓ ମୌଲାନା ଦସ୍ତଗିର (କସୁରବାସୀ) ଇତ୍ୟାଦି ତାଙ୍କର ମୁକାବିଲା କରି ବିନାଶ ହୋଇଛନ୍ତି । ଏତଦ୍ ବ୍ୟତୀତ ଅନେକ ଭବିଷ୍ୟତ ବାଣୀ ମଧ୍ୟମରେ ହଜରତ ଅହମଦଙ୍କୁ ମିଳିଥିବା ଅନେକ ସତର୍କ ସୂଚନା ଓ ଦୈବୀ ଘୋଷଣା ଆଜି ସୂର୍ଯ୍ୟର ପ୍ରକାଶ ପରି ସର୍ବତ୍ର ଦୃଶ୍ୟମାନ ହୋଇ ଆସୁଛି ।

ସୁତରାଂ ହଜରତ ମସିହ ମଉଦ[ଅସ]ଙ୍କ ଭବିଷ୍ୟତ ବାଣୀମାନଙ୍କ ମଧ୍ୟରୁ ତାଙ୍କର ବରପୁତ୍ର ମୁସ୍‌ଲେଃ ମଉଦ[ରଅ]ଙ୍କ ବିଷୟରେ ହୋଇଥିବା ଭବିଷ୍ୟତ ବାଣୀ ବିଶେଷ ମହତ୍ୱ ରଖିଥାଏ । ୧୮୮୬ ମସିହାର ପ୍ରାରମ୍ଭରେ ସେ ଅଲ୍ଲାଃଙ୍କ ଆଦେଶରେ ହୁସିଆରପୁର ଯାଇ ୪୦ଦିନ ଚିଲ୍ଲାକସି (ଏକାନ୍ତ ତପସ୍ୟା) କରିଥିଲେ । ଏହି ଅବସରରେ ତାଙ୍କୁ ଅଲ୍ଲାଃଙ୍କ ତରଫରୁ ଅନେକ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତ ହୋଇଥିଲା ଓ ତାଙ୍କର ସତ୍ୟତାର ପ୍ରମାଣ ସ୍ୱରୂପ ଏକ ବରପୁତ୍ର ପ୍ରଦାନ କରିବେ ବୋଲି ଅଲ୍ଲାଃ ସୂଚନା ଦେଇଥିଲେ । ତାହାଙ୍କ ନାମ 'ମୁସଲେଃ ମଉଦ' (ପ୍ରତିଶ୍ରୁତ ସୁଧାରକ) ହେବ, ସେ ଶୀଘ୍ର ଶୀଘ୍ର ବଢ଼ିବ ଓ ତାଙ୍କୁ ଆଧ୍ୟାତ୍ମିକ ଜ୍ଞାନ ଗାରିମାରେ ପରିପୂର୍ଣ୍ଣ କରାଯିବ । ସେ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ସୁଖ୍ୟାତି ଅର୍ଜନ କରିବେ ଇତ୍ୟାଦି । ଅଲ୍ଲାଃଙ୍କର ଏହି ଐଶ୍ୱରିକ ବାଣୀକୁ ହଜରତ ଅହମଦ ୧୮୮୬ ମସିହା ଫେବୃୟାରୀ ମାସ ୨୦ ତାରିଖରେ ଗୋଟିଏ ଇସ୍ତିହାର ଜରିଆରେ ପ୍ରକାଶ କରିଥିଲେ । ବିଶ୍ୱବ୍ୟାପୀ ଜମାଅତ୍ ଅହମଦୀୟାରେ ଏହି ଦିନଟିକୁ 'ମୁସଲେଃ ମଉଦ୍ ଦିବସ' ରୂପେ ପାଳନ କରାଯାଉଛି । ଏହି ଐଶୀ ବରପୁତ୍ର ୧୮୮୯ ମସିହା ଜାନୁୟାରୀ

ମାସ ୧୨ ତାରିଖରେ ଜନ୍ମଲାଭ କରିଥିଲେ । ହଜରତ ମସିହ୍ ମଉଦ[ଅସ]ଙ୍କ ଦେହାବସାନ ପରେ ତାଙ୍କ ଉତ୍ତାରେ ୧୯୧୪ ମସିହାରେ ସେ ଅହମଦୀୟା ଜମାଅତର ଦ୍ୱିତୀୟ ଖଲିଫା (ଉତ୍ତରାଧିକାରୀ) ରୂପେ ନିର୍ବାଚିତ ହୋଇ ୫୨ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ଏକ ଭବିଷ୍ୟତ ବାଣୀ ଅନୁଯାୟୀ ପୃଥିବୀର ଶେଷ ସୀମା ପର୍ଯ୍ୟନ୍ତ ଜମାଅତ୍ ଅହମଦୀୟା ତାଙ୍କ ସମୟରେ ହିଁ ପ୍ରସାରିତ ହୋଇଥିଲା । ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ ନାମରେ ଖ୍ୟାତ ସେହି ବରପୁତ୍ର ପବିତ୍ର କୁରଆନର ଏପରି ତଫସିର୍ (ଭାବାର୍ଥ) ଲେଖିଛନ୍ତି, ଯାହାକୁ ପାଠ କରି ଆରବର ପଣ୍ଡିତମାନେ ମଧ୍ୟ ଆଶ୍ଚର୍ଯ୍ୟ ଚକିତ ହେଉଛନ୍ତି । ଏତଦ୍‌ବ୍ୟତୀତ ସମଗ୍ର ବିଶ୍ୱବାସୀ କିପରି ପରସ୍ପର ମିଳିମିଶି ଦେଶ ପରିଚାଳନା କ୍ଷେତ୍ରରେ ସହଯୋଗ କଲେ ସଂସାରରେ ଶାନ୍ତି ସ୍ଥାପନ ହୋଇପାରିବ ତଥା ପବିତ୍ର କୁରଆନରେ ଅଲ୍ଲାଃ ଯେଉଁସବୁ ଶିକ୍ଷା ଦେଇଛନ୍ତି, ତାକୁ ଅନୁସରଣ କଲେ କିପରି ବିଶ୍ୱ ଭ୍ରାତୃତ୍ୱ ପ୍ରତିଷ୍ଠା ହୋଇପାରିବ, ସେହି ମହତ୍ୱପୂର୍ଣ୍ଣ ବିଷୟ ଉପରେ ସେ ଆଲୋକପାତ କରିଛନ୍ତି । ସେହିପରି ଜମାଅତରେ ସାଂଗଠନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ସହାୟକ ସଂଗଠନ ଗଢିଥିଲେ । ଏହାର ସୁଦୂର ପ୍ରସାରୀ ଫଳ ସ୍ୱରୂପ ଜମାଅତ୍ ଅହମଦୀୟା ବିଶ୍ୱସ୍ତରୀୟ ସଂଗଠନର ନିୟମ ଅନୁସାରେ ପରିଚାଳିତ ହୋଇ ପରସ୍ପର ମଧ୍ୟରେ ସାର୍ବଜନୀନ ଭ୍ରାତୃଭାବ ପ୍ରତିଷ୍ଠା କରିବା ତଥା ଏକ ସାମାଜିକ ଶୃଙ୍ଖଳା ମଧ୍ୟରେ ରହିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରିଛନ୍ତି ।

## ବିଶ୍ୱ ଅବତାର ହେବାର ଘୋଷଣା

ହଜରତ ମୁହମ୍ମଦ[ସଅ] ଯେହେତୁ ସମଗ୍ର ମାନବଜାତିର ଦିଗ୍‌ଦର୍ଶନ ପାଇଁ ଧରାପୃଷ୍ଠରେ ଅବତରଣ କରିଥିଲେ, ସେହିପରି ତାଙ୍କ ଦାସତ୍ୱରେ ଆସିଥିବା ଇମାମ୍ ମେହଦି ମଧ୍ୟ ସମସ୍ତ ମାନବ ସମାଜର ପ୍ରବର୍ତ୍ତକ ରୂପେ

ସମସ୍ତ ଧର୍ମାବଲମ୍ବୀମାନଙ୍କ ପାଇଁ ପ୍ରେରିତ ହୋଇଛନ୍ତି । ଅଲ୍ଲାଃଙ୍କ ଠାରୁ ସୂଚନା ପାଇ ହଜରତ ଅହମଦ[ଅସ] ଏହା ଘୋଷଣା କରିଛନ୍ତି 'ମୋର ଚଳିତ ସମୟରେ ଆବିର୍ଭୁତ ହେବା କେବଳ ମୁସଲମାନମାନଙ୍କ ସଂସ୍କାର (ଭୁଲ ଧାରଣାକୁ ଠିକ୍ କରିବା) ପାଇଁ ଅଭିପ୍ରେତ ନୁହେଁ, ବରଂ ମୁଁ ମୁସଲମାନ, ହିନ୍ଦୁ ଓ ଖ୍ରୀଷ୍ଟିୟାନ୍‌ମାନଙ୍କ ସୁଧାର ସକାଶେ ଆସିଛି । ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ପାଇଁ ମସିହ ମଉଦ (ପ୍ରତିଶ୍ରୁତ ମସିହ) କରି ପଠାଇଛନ୍ତି, ସେହିପରି ମୁଁ ହିନ୍ଦୁମାନଙ୍କ ପାଇଁ ମଧ୍ୟ ଅବତାର ଶ୍ରୀକୃଷ୍ଣ ସ୍ୱରୂପ ଆସିଅଛି । ପାପସିକ୍ତ ଭୁମିକୁ ପାପମୁକ୍ତ କରିବା ପାଇଁ ଯେପରି ମୁଁ ମରିୟମ୍‌ଙ୍କ ପୁତ୍ର ଯୀଶୁଙ୍କ ରଙ୍ଗରେ ରଙ୍ଗାୟୀତ ହୋଇଛି, ସେହିପରି ମହାରାଜା କୃଷ୍ଣଙ୍କ ସ୍ୱରୂପରେ ମଧ୍ୟ, ଯେକି ହିନ୍ଦୁଧର୍ମର ସବୁଠାରୁ ଶ୍ରେଷ୍ଠ ଅବତାର ରୂପେ ଆସିଥିଲେ । ଏପରିକି ଏହା ମଧ୍ୟ କହିବା ଉଚିତ୍ ହେବ ଯେ ଆଧ୍ୟାତ୍ମିକ ଭାବରେ ମୁଁ ସେହି ଦ୍ୱାରିକାଧିପତି ଶ୍ରୀକୃଷ୍ଣ । ଏହା ମୋର ଭାବନା କିମ୍ବା ଅନୁମାନରେ କହୁନାହିଁ, ବରଂ ସେହି ଅଲ୍ଲାଃ ଯେକି ପୃଥିବୀ ଓ ଆକାଶର ସର୍ବୋଚ୍ଚ କର୍ତ୍ତା ପ୍ରଭୁ, ସେ ମୋ ନିକଟରେ ଏହା ପ୍ରକାଶ କରିଛନ୍ତି । କେବଳ ଥରେ ନୁହେଁ ବରଂ ଅନେକ ଥର ମୋତେ ଦୈବୀବାଣୀ ଦ୍ୱାରା ଜଣାଇଛନ୍ତି 'ତୁମେ ହିନ୍ଦୁମାନଙ୍କ ପାଇଁ କୃଷ୍ଣ ଏବଂ ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ପାଇଁ ମସିହ ।'

'ଏବେ ମୁଁ ସ୍ପଷ୍ଟ ଭାବରେ ଏହା ପ୍ରକାଶ କରିବାକୁ ଚାହୁଁଛି ଯେ ରାଜା ଶ୍ରୀକୃଷ୍ଣଙ୍କ ବିଷୟରେ ଯେପରି ପରମେଶ୍ୱର ମୋତେ ଜଣାଇଛନ୍ତି ଯେ ସେ ନିଃସନ୍ଦେହ ଏପରି ଏକ ସମ୍ପୂର୍ଣ୍ଣ ମାନବ ଥିଲେ, ଯାହାଙ୍କ ଦୃଷ୍ଟାନ୍ତ ହିନ୍ଦୁମାନଙ୍କର କୌଣସି ଋଷି ବା ଅବତାରମାନଙ୍କ ମଧ୍ୟରେ ଦେଖିବାକୁ ମିଳେ ନାହିଁ । ସେ ନିଜ ସମୟର ଏପରି ଅବତାର ଥିଲେ ଯାହାଙ୍କ ଉପରେ ପବିତ୍ର ଆତ୍ମାଧାରୀ ଦେବଦୂତ ଅବତରଣ କରୁଥିଲେ । ସେ ଅଲ୍ଲାଃଙ୍କ ତରଫରୁ ସର୍ବ ବିଜୟୀ ଓ ମହାମାନ୍ୟ ଥିଲେ, ସେ ଆର୍ଯ୍ୟାବର୍ତ୍ତ ଭୁମିକୁ ପାପମୁକ୍ତ କରିଥିଲେ । ତାଙ୍କ ଶିକ୍ଷାକୁ ପରବର୍ତ୍ତୀ କାଳରେ ଅନେକ ବିକୃତ କରି ଦିଆ ଯାଇଛି । ସେ ଅଲ୍ଲାଃଙ୍କ

ପ୍ରଗାଢ଼ ପ୍ରେମରେ ସର୍ବଦା ନିମଜ୍ଜିତ ରହୁଥିଲେ ତଥା ଧର୍ମର ସାଥୀ ଓ ଅଧର୍ମର ଶତ୍ରୁ ଥିଲେ । ତାଙ୍କ ସହିତ ଅଲ୍ଲାଃଙ୍କର ପ୍ରତିଶ୍ରୁତି ରହିଥିଲା ଯେ ଶେଷ ଯୁଗରେ ତାଙ୍କ ଅନୁରୂପରେ ଜଣେ ଅବତାର ଜନ୍ମଗ୍ରହଣ କରିବ । ସୁତରାଂ ଏହି ପ୍ରତିଶ୍ରୁତି ମୋର ଆବିର୍ଭାବ ହେବା ଦ୍ୱାରା ସମ୍ପୂର୍ଣ୍ଣ ହେଲା । ମୋତେ ଅନ୍ୟାନ୍ୟ ଐଶ୍ୱରିକ ବାଣୀ ସହିତ ଏହା ମଧ୍ୟ ହୋଇଥିଲା 'ହେ କ୍ରିଷ୍ଣ ରୁଦ୍ର ଗୋପାଲ ! ତେରି ମହିମା ଗୀତା ମେଁ ଲିଖି ଗୟୀ ହୈ ।' ତେଣୁ ମୁଁ କୃଷ୍ଣଙ୍କୁ ପ୍ରେମ କରେ କାରଣ ମୁଁ ତାଙ୍କର ଅନୁରୂପରେ ଆସିଛି ।'

(ଲେକଚର ସିଆଲକୋଟ, ପୃ୨୫ - ୨୬)

ଭଗବତ ଗୀତାରୁ ପ୍ରମାଣ ମିଳେ ଯେ ସେହି କୃଷ୍ଣାବତାର ନିଜର ପୁନରାଗମନ ସମ୍ବନ୍ଧରେ ମଧ୍ୟ ଏହି ଭବିଷ୍ୟତ ବାଣୀ କରିଛନ୍ତି:

**ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ**
**ଅଭ୍ୟୁତ୍‌ଥାନ ମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍**
**ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍**
**ଧର୍ମ ସଂସ୍ଥାପନାର୍ଥାୟ ସମ୍ଭାବାମି ଯୁଗେ ଯୁଗେ ।।**

(ଅଧ୍ୟାୟ ୪, ଶ୍ଳୋକ ୭ଓ୮)

ଅର୍ଥାତ 'ହେ ଅର୍ଜୁନ ! ଯେତେବେଳେ ଧର୍ମର ଗ୍ଳାନି ହୁଏ, ପୁନର୍ବାର ଧର୍ମକୁ ସ୍ଥାପନ ଓ ସନ୍ଥ ପାଳନ ତଥା ଦୁଷ୍କୃତ ଜନଙ୍କ ସଂହାର କରିବା ଉଦ୍ଦେଶ୍ୟରେ ଆମେ ଯୁଗେ ଯୁଗେ ଅବତାର ଧାରଣ କରିଥାଉ ।' ଶ୍ରୀକୃଷ୍ଣ ଗୀତାରେ ଏହା ମଧ୍ୟ କହିଛନ୍ତି:

**ଅବ୍ୟକ୍ତା ଦୀନି ଭୂତାନି ବ୍ୟକ୍ତ ମଧ୍ୟାନି ଭାରତ**
**ଅବ୍ୟକ୍ତ ନିଧନା ନ୍ୟେବ ତତ୍ରକା ପରିବେଦନା**

(ଅଧ୍ୟାୟ ୨, ଶ୍ଳୋକ ୨୮)

ଅର୍ଥାତ 'ହେ ଅର୍ଜୁନ ! ଏହି ସମସ୍ତ ଶରୀର ନିଶ୍ଚୟ ଆଦ୍ୟରେ ସ୍ୱରୂପ ରହିତ ଥିଲା, ମଧ୍ୟରେ ସ୍ୱରୂପଯୁକ୍ତ ଓ ମୃତ୍ୟୁ ପଶ୍ଚାତ ମଧ୍ୟ ସ୍ୱରୂପ ରହିତ ହେବ,

ସେଥିପାଇଁ ଏତେ ଦୁଃଖ କାହିଁକି ?' ଅନ୍ୟ ଅର୍ଥରେ ମନୁଷ୍ୟ ଅପ୍ରକଟିତ ହୋଇଥିଲା, ମଧ୍ୟବର୍ତ୍ତୀ ସମୟରେ ସେ ମର୍ତ୍ତ୍ୟରେ ଜନ୍ମ ନେଇ ସଶରୀରେ ପ୍ରକଟିତ ହେଲା । ପୁଣି ତା'ର ମୃତ୍ୟୁ ହେଲେ ସେ ଧରାଧାମରୁ ଉଭେଇ ଯିବ । ପୁରାଣରୁ ପ୍ରମାଣ ମିଳେ ଯେ ଜାରା ଶବରର ତୀର ଆଘାତରେ ଶ୍ରୀକୃଷ୍ଣ ମହାରାଜ ମୃତ୍ୟୁ ଲାଭ କରିଥିଲେ । ତେଣୁ ଏହି କଳିଯୁଗରେ ଧର୍ମର ଗ୍ଲାନି ସମୟରେ ଜଣେ କେହି ଶ୍ରୀକୃଷ୍ଣଙ୍କ ରୂପରେ ଆବିର୍ଭାବ ହୋଇ ଧର୍ମର ପୁନଃସ୍ଥାପନ କରିବେ ।

ସୁତରାଂ ଗୀତାର ଏହି ଚିରନ୍ତନ ସତ୍ୟକୁ ଚରିତାର୍ଥ କରି କାଦିୟାନ ପୁଣ୍ୟ ପୀଠରେ ଆବିର୍ଭୁତ ହୋଇଥିବା ହଜରତ୍ ମିର୍ଜା ଗୁଲାମ ଅହମଦ୍ [ଅସ] ଙ୍କୁ ଅଲ୍ଲାଃ ପରମବ୍ରହ୍ମ ଐଶ୍ୱରିକ ବାଣୀ ଦ୍ୱାରା ଜଣାଇଛନ୍ତି 'ତୁମେ ସେହି ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ରୂପରେ ଆସିଅଛ । ଅର୍ଥାତ ଶ୍ରୀକୃଷ୍ଣଙ୍କର ଚଳିତ ଯୁଗରେ ପୁନରାଗମନ ହୋଇଛି, ଯାହାର ମହିମା ଗୀତାରେ ଲେଖାଅଛି । ତେଣୁ ହଜରତ ଅହମଦ [ଅସ] କୃଷ୍ଣଙ୍କ କଳାରେ ବିଭୁଷିତ ହୋଇ ଆସିଛନ୍ତି ।

ହଜରତ ମୁହମ୍ମଦ [ସଅ] ଙ୍କ ଉତ୍ତାରେ ମୁସଲମାନମାନଙ୍କ ଅବସ୍ଥା କଣ ହେବ ତଥା ଇସଲାମର କିପରି ପୁନରଭ୍ୟୁଦୟ ହେବ, ସେ ସମ୍ବନ୍ଧରେ ହଦିସରେ ଏହା ମଧ୍ୟ ଭବିଷ୍ୟତ ବାଣୀ ରହିଛି ।

'ଅନ୍‌ହୁଜିଫାତା ରଜିୟଲ୍ଲାହୁ କାଲା କାଲା ରସୁଲୁଲ୍ଲାହି ସ୍ୱଲ୍ଲଲ୍ଲାହୁ ଅଲୈହି ଓସଲ୍ଲମା ତକୁନୁନ୍ ନବୁଓ୍ୱତୁ ଫିକୁମ ମାଶା'ଅଲ୍ଲାହୁ ଅନତକୁନା ସୁମ୍ମା ୟରଫା ଉହଲ୍ଲାହୁ ତାଆଲା ସୁମ୍ମାତକୁନୁ ଖିଲାଫତନ୍ ଆଲାମିନ୍ ହାଜିନ ନୁବୁଓ୍ୱତା ମାଶା'ଅଲ୍ଲାହୁ ଅନ୍‌ତକୁନା ସୁମ୍ମା ୟରଫଉହଲ୍ଲାହୁ ତାଆଲା ସୁମ୍ମା ତକୁନୁ ମୁଲକନ୍ ଆୟ୍ୟନ୍ ଫତକୁନୁ ମାଶା'ଅଲ୍ଲାହୁ ଅନ୍‌ତକୁନା ସୁମ୍ମା ୟରଫଉ ହଲ୍ଲାହୁତାଆଲା ସୁମ୍ମା ତକୁନୁ ମୁଲକନ୍ ଜବରିୟତନ୍ ଫତକୁନୁ ମାଶା'ଅଲ୍ଲାହୁ ଅନ୍‌ତକୁନା ସୁମ୍ମା ୟରଫଉ ହଲ୍ଲାହୁତାଆଲା ସୁମ୍ମା ତକୁନୁ ଖିଲାଫତନ୍ ଆଲା ମିନ୍‌ହାଜିନ୍ ନବୁଓ୍ୱତା ସୁମ୍ମା ସକତା ।'

(ହଦିସ୍ ମିଶ୍‌କାତ୍, ଭାଗ୍ ଅନଜାର)

ଅନୁବାଦ : ହଜରତ ହୁଜିଫା[ରଅ]ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ହଜରତ ମୁହମ୍ମଦ[ସଅ] ଏପରି କହିଥିଲେ 'ତୁମମାନଙ୍କ ମଧ୍ୟରେ ନବୁଓ୍ୱତ (ଅର୍ଥାତ ଅବତାରତ୍ୱ) ସେ ପର୍ଯ୍ୟନ୍ତ ରହିବ ଯେପର୍ଯ୍ୟନ୍ତ ଅଲ୍ଲାଃ ଇଚ୍ଛା କରିବେ । ପୁଣି ଅଲ୍ଲାଃ ତାହାକୁ ଉଠାଇ ନେବେ । ପୁଣି ନବୀଙ୍କ ମୃତ୍ୟୁ ପରେ ଖିଲାଫତ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । (ଅଲା ମିନ୍‌ହାଜିନ୍ ନବୁଓ୍ୱତ) ଅର୍ଥାତ୍ ଦିଗହରା ମୁସଲିମ ଜଗତକୁ ନୂତନ ଦିଗଦର୍ଶନ ଦେବା ପାଇଁ ନବୀଙ୍କ ପରେ ନିୟମିତ ଭାବେ ଉତ୍ତରାଧିକାରୀ ସୂତ୍ରରେ ଖିଲାଫତ ଆରମ୍ଭ ହେବ । ଅଲ୍ଲାଃ ଯେ ପର୍ଯ୍ୟନ୍ତ ଚାହିବେ ଏହା ପ୍ରତିଷ୍ଠିତ ହୋଇ ରହିବ । ପୁଣି ଅଲ୍ଲାଃ ଏହି ବ୍ୟବସ୍ଥାକୁ ଉଠାଇ ନେବେ । ତାପରେ ସ୍ୱେଚ୍ଛାଚାରୀ ସମ୍ରାଟମାନଙ୍କର ସମୟ ଆସିବ ଓ ସେମାନଙ୍କ ରାଜତ୍ୱ କାଳରେ ଜଣେ ଅନ୍ୟ ଉପରେ ଅତ୍ୟାଚାର କରିବେ । ଅଲ୍ଲାଃ ଯେ ପର୍ଯ୍ୟନ୍ତ ଚାହିବେ ଏପରି ସମୟ ବଳବତ୍ତର ରହିବ । ପୁଣି ଅଲ୍ଲାଃ ଇସଲାମର ଏହି ଦୁର୍ଦ୍ଦିନର ସମୟକୁ ମଧ୍ୟ ଉଠାଇନେବେ । ପୁଣି ଏହାପରେ ଜବରି ହୁକୁମତ୍ (ଏକଛତ୍ରବାଦୀ ଶାସନ)ର ସମୟ ଆସିବ । ଅଲ୍ଲାଃ ଯେପର୍ଯ୍ୟନ୍ତ ଚାହିଁବେ ଏହାକୁ ମଧ୍ୟ ଉଠାଇ ନେବେ । ଏହାପରେ ପୁଣି ପ୍ରାରମ୍ଭିକ ଅବସ୍ଥା ପରି 'ଖିଲାଫତ୍ ଆଲା ମିନ୍‌ହାଜି ନବୁଓ୍ୱତ' (ନବୀଙ୍କ ଉତ୍ତାରେ ଅବତାରତ୍ୱ ଶୈଳୀରେ ଖିଲାଫତର ବିଧି ବ୍ୟବସ୍ଥା) ଆରମ୍ଭ ହୋଇଯିବ । ଏ ସମସ୍ତ କଥା କହି ହଜରତ ମୁହମ୍ମଦ[ସଅ] ଶେଷରେ ମୌନ ରହିଲେ । ଏହା ପରେ ଆଗକୁ କଣ ହେବ ଆଉ କିଛି କହିଲେ ନାହିଁ ।

ହଜରତ୍ ମୁହମ୍ମଦ[ସଅ]ଙ୍କର ଏହି ଭବିଷ୍ୟତବାଣୀ ଆଜି ସତ୍ୟରେ ପରିଣତ ହୋଇଛି । ଇସଲାମ ଇତିହାସରୁ ଏହା ସ୍ପଷ୍ଟ ଭାବେ ପ୍ରମାଣ ମିଳୁଛି । ହଜରତ ମୁହମ୍ମଦ[ସଅ] ଦେହାବସାନ ପରେ ପ୍ରଥମ ଖଲିଫା ରୂପେ ହଜରତ ଅବୁବକର ସିଦ୍ଦିକ[ରଅ] ନିର୍ବାଚିତ ହେଲେ । ଦ୍ୱିତୀୟ ଖଲିଫା ହଜରତ ଉମର[ରଅ] ହେଲେ, ତୃତୀୟ ଖଲିଫା ହଜରତ ଉସମାନ[ରଅ] ଓ ଚତୁର୍ଥ ଖଲିଫା ହଜରତ ଅଲ୍ଲି[ରଅ]ଙ୍କ ଆଧ୍ୟାତ୍ମିକ ନେତୃତ୍ୱରେ ଇସଲାମର ବାସ୍ତବ ଶିକ୍ଷା ପ୍ରଚଳିତ ହୋଇ ଚାଲିଲା । ସେମାନଙ୍କ ପରେ ୩୦ ବର୍ଷର ଏହି ଖିଲାଫତର ଅବସାନ ହେଲା ।

ଏହି ସମୟକୁ 'ଖିଲଫତେ ରାଶିଦା' (ସତମାର୍ଗ ଦର୍ଶନକାରୀ) କୁହାଯାଏ । କିନ୍ତୁ ଏହାପରେ ଦୀର୍ଘ ୧୩୦୦ ବର୍ଷ ପର୍ଯ୍ୟନ୍ତ ଏହା ଅବନତିର ସୁତାଖିଅରେ ଝୁଲିଲା ଓ ଏହି ବ୍ୟବସ୍ଥାକୁ ରାଜତନ୍ତ୍ରରେ ପରିଣତ କରି ଦିଆଗଲା । ଏହିପରି ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟବାଣୀ ଅନୁସାରେ ଚଉଦ ଶତାବ୍ଦୀର ପ୍ରାରମ୍ଭରେ ସ୍ଥାନ, କାଳ, ପାତ୍ର ଯାହା ପୂର୍ବରୁ ବିଧି ନିର୍ଦ୍ଦିଷ୍ଟ କରାଯାଇ ଥିଲା, ତଦନୁଯାୟୀ ପ୍ରତିଶ୍ରୁତ ମସିହ ଓ ମେହଦି ରୂପେ ହଜରତ ମିର୍ଜା ଗୁଲାମ ଅହମଦ୍[ଅସ]ଙ୍କ ଆବିର୍ଭାବ ଘଟିଲା । ତାଙ୍କ ଆଗମନର ପ୍ରମାଣ ସ୍ୱରୂପ ଇସଲାମ ଧର୍ମରେ ଯେତେବେଳେ ଗ୍ଲାନିର ସମୟ ଦେଖାଦେଲା ଓ ଆକାଶୀୟ ଚିହ୍ନମାନ ପ୍ରକାଶ ପାଇଲା, ସେତେବେଳେ ଏହି ଓଡିଆ କାବ୍ୟରେ ତାହାର ଯଥାର୍ଥ ଭାବ ଫୁଟି ଉଠିଛି ।

ହିନ୍ଦୁ ନିଷ୍କଳକୀ ଖ୍ରୀଷ୍ଟିୟ ମସିହା
ଶିଖ ମୁସଲମାନ ମେହଦି ମିରଜା
ସର୍ବ ଅବତାର ବେଶେ ଆସିଛନ୍ତି
ଶ୍ରୀକୃଷ୍ଣ ରୁଦ୍ର ଗୋପାଳରେ ।
ଆଉକି ଅପେକ୍ଷା ନିଅ ଧର୍ମ ଦୀକ୍ଷା
କଳିର ଅଧର୍ମ କାଳରେ
ପାପ ହୁତାସନେ ଜଗତ ଜଳୁଛି
ଧର୍ମ ପ୍ରେମ ଜଳ ଢ଼ାଳରେ ।

(ମୌ: ସୟଦ ସମସାମ ଅଲି)

ହଜରତ ମସିହ ମଉଦ[ଅସ] ନିଜର କର୍ମମୟ ଜୀବନରେ ପ୍ରାୟ ୯୦ଖଣ୍ଡ ପୁସ୍ତକ ଲେଖିଛନ୍ତି । ଯାହାର ମୁଖ୍ୟ ଉଦ୍ଦେଶ୍ୟ କିପରି ମନୁଷ୍ୟ ଜାତି, ଧର୍ମ ନିର୍ବିଶେଷରେ ନିଜର ସୃଷ୍ଟିକର୍ତ୍ତା ଓ ପାଳନକର୍ତ୍ତା ଅଲ୍ଲାଃଙ୍କ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରି ଆତ୍ମ ତୃପ୍ତି ଲାଭ କରିବ । ସେ ଅବତାର ହେବାର ଘୋଷଣା କରିବା ପୂର୍ବରୁ ୧୮୮୬ ମସିହାରେ ଲାହୋର ଠାରେ ହିନ୍ଦୁମାନଙ୍କ ପକ୍ଷରୁ ଆୟୋଜିତ ବିଶ୍ୱଧର୍ମ ସମ୍ମିଳନୀରେ ଇସଲାମୀୟ ଦୃଷ୍ଟିକୋଣରୁ କିପରି

ମନୁଷ୍ୟ ଇହକାଳ ଓ ପରକାଳ ଜୀବନରେ ନିଜର ତିନୋଟି ଚାରିତ୍ରିକ ଅବସ୍ଥାରେ ପରିବର୍ତ୍ତନ ଘଟାଇ ତାମସିକ, ରାଜସିକ ଓ ସାତ୍ତ୍ୱିକ ପ୍ରବୃତ୍ତିକୁ ଉପଲବ୍ଧି କରିବ, ସେ ସମ୍ବନ୍ଧରେ ନିଜର ସାରଗର୍ଭିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ତତ୍କାଳୀନ ଅନେକ ପତ୍ରପତ୍ରିକାରେ ଏହା ପ୍ରକାଶ ପାଇଥିଲା ଯେ ହଜରତ ମିର୍ଜା ସାହେବଙ୍କର ବକ୍ତୃତା ସର୍ବୋତ୍କୃଷ୍ଟ ସାବ୍ୟସ୍ତ ହେଲା । ଏହି ବକ୍ତବ୍ୟ 'ଇସଲାମି ଓସୁଲକି ଫଲାସଫି' (ଇସଲାମ ଶିକ୍ଷାର ତାତ୍ତ୍ୱିକ ଦର୍ଶନ) ନାମରେ ଏକ ପ୍ରବନ୍ଧ ପୁସ୍ତକ ରୂପେ ପ୍ରକାଶ ପାଇଛି ଓ ଏହାର ଅନେକ ଭାଷାରେ ଅନୁବାଦ ହୋଇ ସାରିଛି । ଏହାକୁ ପାଠ କଲେ ଆଧ୍ୟାତ୍ମିକ ଜ୍ଞାନର ମହତ୍ତ୍ୱ ତଥା ଇସଲାମର ବାସ୍ତବିକତା ଜଣା ପଡ଼ିଥାଏ । ଏହିପରି ଅନେକ ଦର୍ଶନତତ୍ତ୍ୱ ତାଙ୍କ ରଚିତ ପୁସ୍ତକମାନଙ୍କରୁ ପ୍ରକାଶ ପାଇଥାଏ । ଏହାକୁ ଅନୁଶୀଳନ କରି ଅନେକ ସତ୍ୟାନ୍ୱେଷୀ ଜ୍ଞାନୀ ଲୋକମାନେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । ସେ ଅଲ୍ଲାଃଙ୍କ ଠାରୁ ଆଦେଶ ପାଇ ୧୮୮୯ ମସିହାରେ ନିଜକୁ ଯୁଗାବତାର ଘୋଷଣା କରିଥିଲେ । ତାଙ୍କ ଜୀବନ କାଳରେ ପ୍ରାୟ ଏକ ଲକ୍ଷରୁ ଅଧିକ ଲୋକ ତାଙ୍କର ଦୀକ୍ଷା ଗ୍ରହଣ କରି ଅହମଦୀୟା ମୁସଲିମ୍ ସମ୍ପ୍ରଦାୟରେ ଅନ୍ତର୍ଭୁକ୍ତ ହୋଇଥିଲେ । ଆଜି ଏହି ଜମାଅତ୍ ବିଶ୍ୱବ୍ୟାପୀ ହୋଇ ସାରିଛି ଓ ପୃଥିବୀର ୨୧୦ ଦେଶମାନଙ୍କରେ (୨୦୧୬ ସୁଦ୍ଧା) ବିସ୍ତାର ଲାଭ କରିସାରିଛି ।

ହଜରତ ଅହମଦ[ଅସ] ୧୯୦୮ ମସିହା ମଇ ମାସ ୨୬ ତାରିଖରେ ଇହଧାମ ତ୍ୟାଗ କରିଥିଲେ । ପୁନର୍ବାର ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତ ବାଣୀ ଅନୁସାରେ ଖିଲାଫତର ସ୍ୱର୍ଗୀୟ ଅନୁଷ୍ଠାନ ଜାରି ହେଲା । ସୁତରାଂ ଅହମଦୀୟା ସମ୍ପ୍ରଦାୟର ପ୍ରଥମ ଖଲିଫା ରୂପେ ହଜରତ ଅଲ୍‌ହାଜ ମୌଲାନା ହକିମ୍ ନୁରୁଦ୍ଦିନ ସାହେବ[ରଅ] ଅଧିଷ୍ଠିତ ହେଲେ । ଛଅ ବର୍ଷ ପରେ ୧୯୧୪ ମସିହା ମାର୍ଚ୍ଚ ମାସ ୧୩ ତାରିଖରେ ତାଙ୍କର ଦେହାନ୍ତ ହେଲା ଏବଂ ଦ୍ୱିତୀୟ ଦିନ ମାର୍ଚ୍ଚ ୧୪ ତାରିଖରେ ହଜରତ ମିର୍ଜା ବଶିରୁଦ୍ଦୀନ ମହମୁଦ୍ ଅହମଦ[ରଅ] ଦ୍ୱିତୀୟ ଖଲିଫା ରୂପେ ଅଭିଷିକ୍ତ ହେଲେ । ସେ ହଜରତ ମସିହ ମଉଦ[ଅସ]ଙ୍କ

ଭବିଷ୍ୟତ ବାଣୀ ଅନୁସାରେ ଦିବ୍ୟଜ୍ଞାନ ପ୍ରାପ୍ତ ହୋଇ ପବିତ୍ର କୁରଆନର ବିସ୍ତୃତ ଭାବାର୍ଥ ଲେଖିଛନ୍ତି । ସମ୍ପ୍ରଦାୟର ସାଂଗଠନିକ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଅନେକ ନିୟମ ପ୍ରଣୟନ କରିଛନ୍ତି । ତାଙ୍କର ସାମଜିକ ଶୃଙ୍ଖଳା ପାଇଁ ନେଇଥିବା ଯୁଗାନ୍ତକାରୀ ପଦକ୍ଷେପ ଚୀର ସ୍ମରଣୀୟ ହୋଇ ରହିବ । ସେହିପରି ବିଶ୍ୱଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ସେ ଦୁଇଥର ୟୁରୋପ ଭ୍ରମଣ କରିଥିଲେ । ୧୯୩୪ ମସିହାରେ ଓ୍ୱେମ୍ବଲେ ସମ୍ମିଳନୀରେ ଭାଷଣ ଦେଇଥିଲେ । ତାଙ୍କର ଭାଷଣ ତଥା ଉଦବୋଧନ ଏପରି ଭାବ ଉଦ୍ଦୀପକ ତଥା ଶ୍ରୁତିମଧୁର ହେଉଥିଲା ଯେ ଈଶ୍ୱର ତାଙ୍କୁ 'ସୁଲତାନୁଲ ବୟାନ' (ବର୍ଣ୍ଣନାର ସମ୍ରାଟ) ଆଖ୍ୟା ଦେଇଥିଲେ । ଏହିପରି ଦୀର୍ଘ ବାଉନ ବର୍ଷର ଖିଲାଫତ କାର୍ଯ୍ୟକାଳର ମହାନ ଦାୟୀତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରି ସେ ଜମାଅତ୍ ଅହମଦୀୟାର ଶିକ୍ଷାକୁ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ । ୧୯୬୫ ମସିହା ନଭେମ୍ବର ମାସ ୯ତାରିଖ ଦିନ ତାଙ୍କର ଦେହାନ୍ତ ହେଲା । ତାଙ୍କ ମୃତ୍ୟୁର ଦୁଇଦିନ ପୂର୍ବରୁ ପୂର୍ବ ଦିଗରେ ଲଞ୍ଜାତାରା ଦେଖାଦେଲା, ଯାହା ଜଣେ ମହାପୁରଷଙ୍କ ସଂସାରରୁ ବିଦାୟ ନେବାର ପ୍ରତୀକ ଥିଲା ।

ତାଙ୍କ ପରେ ହଜରତ ହାଫିଜ୍ ମିର୍ଜା ନାସିର୍ ଅହମଦ୍ ସାହେବ[ରଅ] ତୃତୀୟ ଖଲିଫା ରୂପେ ଦାୟୀତ୍ୱ ଗ୍ରହଣ କରି ଜମାଅତ୍ ଅହମଦୀୟାର ଅନେକ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦନ କରିବା ସହିତ ବିଶ୍ୱଶାନ୍ତି ଓ ସାମ୍ପ୍ରଦାୟୀକ ସଦଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ୟୁରୋପ ଓ ଆଫ୍ରିକାର ଅନେକ ଦେଶ ଭ୍ରମଣ କରିଥିଲେ । ସେଠାକାର ଶାସକମାନଙ୍କ ସହିତ ସାକ୍ଷାତ କରି ଶାନ୍ତିବାର୍ତ୍ତା ଦେଇଥିଲେ । ପବିତ୍ର କୁରଆନର ଅନେକ ଭାଷାରେ ଅନୁବାଦ କରାଇ ବିଭିନ୍ନ ଦେଶର ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ପାଠାଗାରମାନଙ୍କରେ ରଖାଇଥିଲେ । ସେହିପରି ତାଙ୍କ ଦ୍ୱାରା ଜାରି କରାଯାଇଥିବା ଜମାଅତ ଅହମଦୀୟାର ନୀତିବାକ୍ୟ LOVE FOR ALL HATRED FOR NONE ଅର୍ଥାତ 'ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ

ନାହିଁ'ର ସ୍ଲୋଗାନ ଆଜି ବିଶ୍ୱରେ ଆଦୃତ ଲାଭ କରିଛି । ୧୯୮୨ ମସିହା ଜୁନ୍ ମାସ ୯ ତାରିଖରେ ସେ ଇହଧାମ ତ୍ୟାଗ କରିଥିଲେ । ତାଙ୍କ ପରେ ଜୁନ ମାସ ୧୦ତାରିଖ ଦିନ ହଜରତ୍ ମିର୍ଜା ତାହିର୍ ଅହେମଦ ସାହେବ[ରଅ] ଚତୁର୍ଥ ଖଲିଫା ରୂପେ ନିର୍ବାଚିତ ହେଲେ । ତାଙ୍କ କାର୍ଯ୍ୟକାଳରେ ସେ ଅନେକ ଥର ୟୁରୋପ, ଆମେରିକା ଓ ଆଫ୍ରିକା ମହାଦେଶରେ ଭ୍ରମଣ କରି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ତଥା ଯୁଦ୍ଧ ଓ ରକ୍ତପାତ ବନ୍ଦ କରିବା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ । ଆଫ୍ରିକାର ଗରିବ ଦେଶମାନଙ୍କରେ ଭ୍ରମଣ କରି ସେମାନଙ୍କ ଅସୁବିଧାକୁ ଦୂର କରିବା ପାଇଁ ସେ ବହୁବିଧ ଯୋଜନା କରିଥିଲେ । ସମାଜର ଦଳିତ ଓ ଅବହେଳିତ ଲୋକମାନଙ୍କ ଶିକ୍ଷାଦୀକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କ ଜୀବନଶୈଳୀକୁ ଉଚ୍ଚ ସ୍ତରକୁ ଉଠାଇବା ପାଇଁ ଅନେକ ବିଦ୍ୟାଳୟ ଓ ଡାକ୍ତରଖାନାମାନ ମଧ୍ୟ ଖୋଲିଥିଲେ । ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କୁ ସାକ୍ଷାତ କରି କିପରି ଯୁଦ୍ଧ ବନ୍ଦ କରାଯିବ ଓ ଦେଶମାନଙ୍କର ପରସ୍ପର ସହିତ କିପରି ମୈତ୍ରୀଭାବ ସ୍ଥାପନ ହୋଇପାରିବ, ସେଥିପ୍ରତି ସଚେତନତା ସୃଷ୍ଟି କରିଥିଲେ । ସେହିପରି ମନୁଷ୍ୟର ସୁଖ ଶାନ୍ତି, ସହାବସ୍ଥାନ ତଥା ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବା ପାଇଁ ସେ ଅନେକ ପୁସ୍ତକ ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ଲେଖିଛନ୍ତି, ଯାହାକୁ ପାଠ କରିବା ଏକାନ୍ତ ଅପରିହାର୍ଯ୍ୟ । ସେହିପରି ଜମାଅତ୍ ଅହମଦୀୟାର ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ଉନ୍ନତି କଳ୍ପେ ସେମାନଙ୍କ ଉତ୍ତମ ପ୍ରଶିକ୍ଷଣ ବ୍ୟବସ୍ଥାକୁ ବିକଶିତ କରିବା ପାଇଁ ସେ ଏକ ଟି.ଭି. ଚ୍ୟାନେଲ M.T.A. (ମୁସଲିମ୍ ଟେଲିଭିଜନ ଅହମଦୀୟା) ନାମରେ ଜାରି କରିଥିଲେ, ଯାହା ଦିନ ରାତି ୨୪ଘଣ୍ଟା ଚାଲିଛି । ଏହା ମାଧ୍ୟମରେ ବିଭିନ୍ନ ଦେଶର ଲୋକମାନଙ୍କୁ ନିଜ ଭାଷାରେ ପବିତ୍ର କୁରଆନ ଓ ହଦିସର ଶିକ୍ଷା ବିଷୟରେ ଅବଗତ କରାଇ ଏହାର ପ୍ରଚାର ଓ ପ୍ରସାର ହେଉଛି । ଏହାକୁ ପୃଥିବୀର ସାତୋଟି ମହାଦେଶର ଲୋକମାନେ ଦେଖୁଛନ୍ତି ଓ ଶୁଣୁଛନ୍ତି । ସେହିପରି M.T.A. ରେ ସିଧା ପ୍ରସାରଣ (LIVE) କରାଯାଉଥିବା ପ୍ରତି ଶୁକ୍ରବାର ଦିନ ଜୁମା ନମାଜ ପୂର୍ବରୁ ଅହମଦୀୟା

ଜମାଅତର ଖଲିଫା ସାହେବଙ୍କର ଖୁତ୍‌ବା ଜୁମା (ଅଭିଭାଷଣ)କୁ ଶୁଣି ୨୧୦ଟି ଦେଶର ଲୋକ ଉପକୃତ ହେଉଛନ୍ତି । ତେବେ ସେହି ପରମ ତପସ୍ୱୀ ଚତୁର୍ଥ ଖଲିଫା ମହୋଦୟଙ୍କ ଜୀବନ ବ୍ୟାପୀ ସାଧନାର ଅନ୍ତ ଘଟିଲା, ଯେତେବେଳେ ହଜରତ ମିର୍ଜା ତାହିର୍ ଅହମଦ ସାହେବ ୨୦୦୩ ମସିହା ଅପ୍ରେଲ ମାସ ୧୯ ତାରିଖରେ ଲଣ୍ଡନ ଠାରେ ଇହଧାମ ତ୍ୟାଗ କଲେ ।

ତାଙ୍କ ପରେ 'ହଜରତ ମିର୍ଜା ମସରୁର୍ ଅହମଦ' ସାହେବ (ଈଶ୍ୱର ତାଙ୍କର ସହାୟକ ହୁଅନ୍ତୁ) ସମ୍ପ୍ରଦାୟର ପଞ୍ଚମ ଖଲିଫା ରୂପେ ଖିଲାଫତର ଆସନ ଅଳଙ୍କୃତ କରି ୨୦୦୩ ମସିହା ଅପ୍ରେଲ ମାସ ୨୨ତାରିଖରେ ଜମାଅତ ଅହମଦୀୟାର ସର୍ବୋଚ୍ଚ ଆଧ୍ୟାତ୍ମିକ ଗୁରୁ (ଇମାମ) ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି । ମହାମାନ୍ୟ ଖଲିଫାଙ୍କର ବିଶ୍ୱବ୍ୟାପୀ ଜମାଅତ୍‌ର ଲୋକମାନଙ୍କ ପାଇଁ ପ୍ରଥମ ବାର୍ତ୍ତା ଏହା ଥିଲା 'ତୁମେମାନେ ଅଧିକରୁ ଅଧିକ ଅଲ୍ଲାହ୍‌ଙ୍କ ନିକଟରେ ଦୁଆ (ପ୍ରାର୍ଥନା) କର ଯେ ବିଶ୍ୱସ୍ରଷ୍ଟା ଅଲ୍ଲାହ୍ ଆମ ସମସ୍ତଙ୍କୁ ସତ୍‌ମାର୍ଗରେ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।' ଏହା ପରେ ସେ ବିଶ୍ୱଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଅନେକ ଥର ବିଭିନ୍ନ ଦେଶମାନଙ୍କୁ ଭ୍ରମଣ କରି ଶାନ୍ତିବାର୍ତ୍ତା ଦେଇ ଚାଲିଛନ୍ତି । ପ୍ରଥମେ ଲଣ୍ଡନର ସଂସଦ ଭବନରେ ଭାଷଣ ଦେଇଥିଲେ ଓ ୨୦୧୨ ମସିହା ଜୁନ୍ ମାସ ୨୭ ତାରିଖରେ ଆମେରିକା ୱାସିଂଟନ ଡି.ସି.ର 'କ୍ୟାପିଟଲ ହିଲ'ରେ ବହୁ ନେତାମାନଙ୍କ ଗହଣରେ ବିଶ୍ୱଶାନ୍ତି ପାଇଁ ପବିତ୍ର କୁରଆନରୁ ଅଲ୍ଲାହ୍‌ଙ୍କ ବାଣୀ ଉଦ୍ଧାର କରି ଇଂରାଜୀ ଭାଷାରେ ବକ୍ତୃତା ଦେଇଥିଲେ । ଏହାଦ୍ୱାରା ଆମେରିକାର ବିଶିଷ୍ଟ ନେତାମାନେ ବହୁତ ପ୍ରଶଂସା କରି କହିଛନ୍ତି ଯେ ଇସଲାମ ଧର୍ମର ପ୍ରକୃତ ତଥ୍ୟ ଆଜି ଶୁଣିବାକୁ ମିଳିଲା ଓ ଇସଲାମ୍ ତଥା ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ ଥିବା ଭ୍ରାନ୍ତ ଧାରଣା ଦୂର ହେଲା । ସେହିପରି ୟୁରୋପିୟାନ୍ ପାର୍ଲାମେଣ୍ଟ ବ୍ରେସଲ୍‌ଜ୍ (ବେଲଜିୟମ)ଠାରେ ୨୦୧୨ ମସିହା ଡିସେମ୍ବର ମାସ ୪ତାରିଖରେ ଭାଷଣ ଦେଇଥିଲେ । ଏହି ଅବସରରେ ୩୦ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ । ଅନେକ

ୟୁରୋପୀୟ ନେତାମାନେ ଖୁବ ପ୍ରଶଂସା କରି ଲେଖିଥିବା ମନ୍ତବ୍ୟ ଅନେକ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ସେହିପରି ଜର୍ମାନୀରେ ଯାଇ ସେଠାକାର ଜମାଅତ୍ ଅହମଦୀୟାର ବାର୍ଷିକ ସମ୍ମିଳନୀରେ ଭାଷଣ ଦେବା ସହିତ ୨୦୧୨ ମସିହା ମଇ ମାସ ୩୦ ତାରିଖରେ ସେଠାକାର ମିଲେଟାରୀ ହେଡକ୍ୱାର୍ଟର KOBLENZ ଠାରେ ବିଶ୍ୱଶାନ୍ତି ଓ ଦେଶ ପ୍ରେମ ସମ୍ବନ୍ଧରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସେହିପରି ୧୩ଜଣ ରାଷ୍ଟ୍ରମୁଖ୍ୟଙ୍କ ନିକଟକୁ ଲେଖିଥିବା ପତ୍ରରେ ତୃତୀୟ ବିଶ୍ୱଯୁଦ୍ଧର ଘନଘଟାରୁ ବଞ୍ଚିତ ହେବା ପାଇଁ ନ୍ୟାୟର ପନ୍ଥା ଅବଲମ୍ବନ କରିବା ଏକମାତ୍ର ଉପାୟ ବୋଲି ସେ ସତର୍କ କରାଇ ବିଭିନ୍ନ ଦେଶର ଶାସନକର୍ତ୍ତାଙ୍କ ନିକଟକୁ ଶାନ୍ତିବାର୍ତ୍ତା ପଠାଇଛନ୍ତି । ସେମାନେ ହେଲେ (୧) ଇସ୍ରାଇଲ୍‌ର ପ୍ରଧାନମନ୍ତ୍ରୀ ମିଷ୍ଟର ବିଞ୍ଜାବିନ୍ ନିତ୍ୟାନାହୁ, (୨) ଇରାନର ରାଷ୍ଟ୍ରପତି ମହମୁଦ୍ ଅହମଦ ନଯାଦ୍ (୩) ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ମିଷ୍ଟର ବାରାକ୍ ଓବାମ (୪) କାନାଡାର ପ୍ରଧାନମନ୍ତ୍ରୀ ମାନ୍ୟବର ଷ୍ଟେଫିନ୍ ହାରପର (୫) ସାଉଦି ଆରବର ସମ୍ରାଟ ଅବଦୁଲ୍ଲା ଅବ୍ଦୁଲ ଅଯିଜ୍ (୬) ଚୀନର ପ୍ରଧାନମନ୍ତ୍ରୀ ମିଷ୍ଟର ଏନ୍ ଜିୟାବାଉ (୭) ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମିଷ୍ଟର ଡେଭିଡ କେମରୁନ୍ (୮) ଜର୍ମାନୀର ଚାନସେଲର ଏନ୍‌ଜିଲା ମାରକଲ୍ (୯) ଫ୍ରାନ୍ସ ରିପବ୍ଲିକର ରାଷ୍ଟ୍ରପତି (୧୦) ଇଂଲଣ୍ଡର ରାଣୀ ଏଲିଜାବେଥ (ଦ୍ୱିତୀୟ) (୧୧) ଇରାନ୍‌ର ଧାର୍ମିକ ନେତା ମାନ୍ୟବର ଆୟତୁଲ୍ଲା ଖୁମେନି (୧୨) କ୍ୟାଥୋଲିକ୍ ଖ୍ରୀଷ୍ଟିୟାନ୍‌ମାନଙ୍କ ଆଧ୍ୟାତ୍ମିକ ଗୁରୁ ମାନ୍ୟବର ପୋପ୍ ବେନିଡିକ୍ଟ IVX ପ୍ରମୁଖ ।

ଏହି ଶାନ୍ତିବାର୍ତ୍ତା ମୂଳକ ପତ୍ରର ସଂକ୍ଷିପ୍ତ ବିବରଣୀ ଏହିପରି, 'ମୁଁ ଆପଣଙ୍କୁ ବର୍ତ୍ତମାନ ସମୟରେ ମସିହ ମଉଦ ଓ ଇମାମ୍ ମେହଦିଙ୍କ ଖଲିଫା ଭାବରେ ଏହା ଜଣାଇ ଦେଉଛି ଯେ ସେହି ପ୍ରତିଶ୍ରୁତ ଅବତାର ହଜରତ ମୁହମ୍ମଦ[ସଅ]ଙ୍କର ନିଷ୍ଠାପର ସେବକ ହୋଇ ଅଲ୍ଲାଃଙ୍କ ତରଫରୁ ସଂସାରକୁ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱର ନେତାମାନଙ୍କୁ ମୋର ଅନୁରୋଧ

ଯେ ସେମାନେ ବହୁ ପ୍ରକାର ମାରଣାସ୍ତ୍ର ତିଆରି କରି ପୃଥିବୀକୁ ବିଶ୍ୱଯୁଦ୍ଧର ନିକଟବର୍ତ୍ତୀ କରାଇବା, ଅହଂ ମନୋଭାବ ରଖି ନିଜ ବାହୁବଳରେ ଅନ୍ୟ ଉପରେ ପ୍ରଭୁତ୍ୱ ଦେଖାଇବା, ଦୁର୍ବଳ ଦେଶମାନଙ୍କୁ ନିଜର ଆୟତ୍ତାଧୀନ କରିବା ଇତ୍ୟାଦି ମନୋଭାବକୁ ପରିହାର କରନ୍ତୁ । ବରଂ ଏହା ପରିବର୍ତ୍ତେ ବିଶ୍ୱଶାନ୍ତି ଓ ନ୍ୟାୟ ପାଇଂ ସହଯୋଗ ମୂଳକ ଭିତ୍ତିଭୂମି ପ୍ରତିଷ୍ଠା କରି ପରସ୍ପର ମଧ୍ୟରେ ମାନବିକତା ଓ ମୈତ୍ରୀଭାବ ସ୍ଥାପନ କରିବା ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରନ୍ତୁ । ଏହାଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା ହେବା ସହିତ ପୃଥିବୀ ଧ୍ୱଂସ ମୁଖରୁ ରକ୍ଷାପାଇ ପାରିବ । ଏହି ଶାନ୍ତିବାର୍ତ୍ତା ମୂଳକ ଦଶଗୋଟି ସମ୍ବୋଧନ ଓ ତେରଗୋଟି ପତ୍ର ସମ୍ବଳିତ ଇଂରାଜୀ ପୁସ୍ତକ WORLD CRISIS AND THE PATH WAY TO PEACE ନାମରେ ପ୍ରକାଶ ପାଇଛି । ଏହାର ଓଡ଼ିଆ ଅନୁବାଦିତ ପୁସ୍ତକ 'ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ' ମଧ୍ୟ ଏବେ ଉପଲବ୍ଧ ହେଉଛି । ଅଲ୍ଲାଃତାଲା ଇସଲାମର ଏହି ବିଶ୍ୱବ୍ୟାପୀ ଧର୍ମଗୁରୁ ମହାମାନ୍ୟ ଖଲିଫାଙ୍କ ଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ତାଙ୍କୁ ସଫଳତା ପ୍ରଦାନ କରନ୍ତୁ । (ଆମିନ୍)

# ପବିତ୍ର କୁରଆନରେ ଜିହାଦର ବାସ୍ତବିକତା

ଜିହାଦ ଶବ୍ଦର ଦୁଇଗୋଟି ଅର୍ଥ ହେଉଛି

୧. ସଂପୂର୍ଣ୍ଣ ଚେଷ୍ଟା କରିବା ।

୨. ଧର୍ମ ରକ୍ଷା ପାଇଁ ଯୁଦ୍ଧ କରିବା ।

ପବିତ୍ର କୁରଆନରେ ଚାରି ପ୍ରକାର ଜିହାଦ ବର୍ଣ୍ଣନା କରାଯାଇଛି ।

୧. 'ଜିହାଦ୍ ବିନ୍ ନଫସ୍' ଅର୍ଥାତ୍ ମନ୍ଦ ପ୍ରବୃତ୍ତିରୁ ବଞ୍ଚିତ ହୋଇ ଅଲ୍ଲାଃଙ୍କ ସାନ୍ନିଧ ପ୍ରାପ୍ତ ହେବା ପାଇଁ ନିଜ ମନ ସହିତ ଯୁଦ୍ଧ କରିବା ।

୨. 'ଜିହାଦେ କବିର' ଅର୍ଥାତ୍ ସବୁ ଠାରୁ ବଡ଼ ଜିହାଦ୍ । ତାହା ହେଉଛି, ପବିତ୍ର କୁରଆନର ବାସ୍ତବ ଶିକ୍ଷାକୁ ଠିକ୍ ଭାବରେ ପ୍ରଚାର ପୂର୍ବକ ଧର୍ମ ଶିକ୍ଷା ଦ୍ୱାରା ଲୋକମାନଙ୍କୁ ମନ୍ଦ କାର୍ଯ୍ୟରୁ ନିବୃତ କରାଇ ସେମାନଙ୍କୁ ସତପଥଗାମୀ କରାଇବା ।

୩. 'ଜିହାଦ୍ ବିଲ୍ ମା'ଲ' ଅର୍ଥାତ୍ ଧର୍ମ ପ୍ରଚାର ପାଇଁ ନିଜ ଧନ ବ୍ୟୟ କରିବା ।

୪. 'ଜିହାଦ୍ ଦିଫାଇ' ଅର୍ଥାତ୍ ନିଜର ଧର୍ମ ପାଳନ କରିବାରେ ଯେଉଁମାନେ ବାଧା ସୃଷ୍ଟି କରିବେ ତଥା ବଳ ପ୍ରୟୋଗ କରି ଅନ୍ୟାୟ ଭାବରେ ଧର୍ମ ପାଳନକୁ ପ୍ରତିରୋଧ କରୁଥିବା ଦୁଷ୍ଟ ପ୍ରକୃତି ଲୋକମାନଙ୍କ ସହିତ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବା । ଏହାକୁ ଛୋଟ ଜିହାଦ୍ ବା 'ଜିହାଦେ ଅସଗର' ବୋଲି କୁହାଯାଇଛି ।

**ପ୍ରଥମ ଜିହାଦ୍** ବିଷୟରେ ଅଲ୍ଲାଃ ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି,

وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا ط

**'ଅଲ୍ ଲଜିନା ଯାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା'**

(ଅନ୍‌କବୁତ୍, 29:70)

ଅର୍ଥାତ୍ 'ଯେଉଁମାନେ ଆମ୍ଭଙ୍କୁ ପାଇବା ପାଇଁ ସଂପୂର୍ଣ୍ଣ ଚେଷ୍ଟା କରନ୍ତି, ଆମ୍ଭେ ନିଶ୍ଚୟ ସେମାନଙ୍କୁ ଏହି ପଥରେ ସଫଳତା ହାସଲ କରିବା ପାଇଁ ସକ୍ଷମ ପ୍ରଦାନ କରୁ ।' ଏହା ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ଆତ୍ମଶାନ୍ତିର ଉପାୟ ।

**ଦ୍ୱିତୀୟ ଜିହାଦ୍ :** ଜିହାଦ୍ କବିର୍ । ଯେପରି ପବିତ୍ର କୁରଆନରେ ଅଲ୍ଲାଃଙ୍କ ବାଣୀ ଉଲ୍ଲେଖ ଅଛି:

وَجَاهِدْهُم بِهِ جِهَادًا كَبِيرًا ﴿٥٣﴾

**'ୱ୍ୟାହିଦ୍‌ହୁମ୍ ବିହି ଯିହାଦନ୍ କବିରା'** (ଅଲ ଫୁରକାନ୍, 25:53 )

ଅର୍ଥାତ୍ 'ତୁମେମାନେ ପବିତ୍ର କୁରଆନର ଶିକ୍ଷା ମାଧ୍ୟମରେ ଧର୍ମ ସ୍ଥାପନ ପାଇଁ ବଡ଼ ଜିହାଦ୍ କର ।' (ଅର୍ଥାତ୍ ପ୍ରବଳ ଉଦ୍ୟମ କର ।) ଏହାକୁ 'ଜିହାଦ୍ ବିଲ କଲମ' ମଧ୍ୟ କୁହାଯାଏ ।

**ତୃତୀୟ ଜିହାଦ୍ :** ଜିହାଦ୍ ବିଲ୍ ମାଲ୍ । ଏହି ବିଷୟରେ ପବିତ୍ର କୁରଆନର ଅଲ ସଫ୍ ଅଧ୍ୟାୟ ୧୨ ଓ ୧୩ ପଙ୍‌କ୍ତିରେ ଅଲ୍ଲାଃଙ୍କ ବାଣୀ ଉଲ୍ଲେଖ ଅଛି ।

ଏହାର ଅର୍ଥ 'ତୁମେମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ପ୍ରତି ବିଶ୍ୱାସ ସ୍ଥାପନ କର ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ନିଜର ଧନ ସମ୍ପତ୍ତି ବ୍ୟୟ କର ଓ ଜୀବନ ଉତ୍ସର୍ଗ ମୂଳକ ଜିହାଦ୍ କର । ଯଦି ତୁମେମାନେ ଜାଣିପାର ତେବେ ଏହା ତୁମମାନଙ୍କ ପାଇଁ ଅତି ଉତ୍ତମ । ଏପରି କଲେ ସେ ତୁମମାନଙ୍କ ପାପକୁ କ୍ଷମା କରିବେ ଓ ତୁମମାନଙ୍କୁ ଏପରି ବୈକୁଣ୍ଠରେ ପ୍ରବେଶ କରାଇବେ, ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ । ଏବଂ ଚିରସ୍ଥାୟୀ ବୈକୁଣ୍ଠର ଗୃହମାନଙ୍କରେ ତୁମମାନଙ୍କୁ ରଖିବେ । ଏହା ଏକ ମହାନ ସଫଳତା ।'

ଏହିପରି ପବିତ୍ର କୁରଆନରେ ବହୁଳ ଭାବରେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଧନ ବ୍ୟୟ କରିବା ପାଇଁ ଉପଦେଶ ଦିଆଯାଇଛି ।

**ଚତୁର୍ଥ ଜିହାଦ୍ :** ଜିହାଦ୍ ଦିଫାଇ । ଅର୍ଥାତ୍ ପ୍ରତିରକ୍ଷା ମୂଳକ ଧର୍ମଯୁଦ୍ଧ । ପବିତ୍ର କୁରଆନର ଅଲ ହଜ୍ ୪ ୦ ଓ ୪ ୧ ରେ ଅଲ୍ଲାଃଙ୍କ ବାଣୀ ଉଲ୍ଲେଖ ଅଛି,

أُذِنَ لِلَّذِينَ يُقَاتَلُونَ بِأَنَّهُمْ ظُلِمُوا ۚ وَإِنَّ اللَّهَ عَلَىٰ نَصْرِهِمْ لَقَدِيرٌ ۝
الَّذِينَ أُخْرِجُوا مِن دِيَارِهِم بِغَيْرِ حَقٍّ إِلَّا أَن يَقُولُوا رَبُّنَا اللَّهُ ۗ

**'ଉଜିନା ଲିଲ୍‌ଲଜିନା ୟୁକାତିଲୁନା ବିଅନ୍ନହୁମ୍ ଜୁଲେମୁ ଓ୍ୱଇନ୍ନଲ୍ଲାହା ଅଲା ନସରିହିମ୍ ଲକଦିର୍ । ଅଲ୍ଲଜିନା ଉଖରିଜୁ ମିନ୍ ଦିୟାରିହିମ୍ ବେଗୈରି ହକ୍କିନ୍ ଇଲ୍ଲା ଅଇଁ ୟକୁଲୁ ରବ୍‌ବୁନଲ୍ଲାହୁ'** (ହଜ୍ 22:40,41)

ଅର୍ଥାତ୍ 'ଯେଉଁମାନଙ୍କ ସହିତ ବିନା କାରଣରେ ଯୁଦ୍ଧ କରା ଯାଉଛି, ସେମାନଙ୍କୁ ମଧ୍ୟ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଉଛି । କାରଣ ସେମାନଙ୍କ ଉପରେ ଅତ୍ୟାଚାର କରାଯାଉଛି । ବାସ୍ତବିକ ଅଲ୍ଲାଃ ସେମାନଙ୍କୁ ସାହାଯ୍ୟ କରିବାକୁ ସର୍ବ ସମର୍ଥ । ଏମାନେ ସେହି ଲୋକ ଯେଉଁମାନଙ୍କୁ ସେମାନଙ୍କ ଗୃହରୁ କେବଳ ଏତିକି ମାତ୍ର କହିବାରୁ ବିତାଡ଼ିତ କରାଗଲା ଯେ ଅଲ୍ଲାଃ ଆମମାନଙ୍କର ପାଳନକର୍ତ୍ତା ।'

ସେହିପରି ଆଗକୁ ଲେଖାଅଛି 'ଯଦି ଅଲ୍ଲାଃ ଏହି ଅବିଶ୍ୱାସକାରୀମାନଙ୍କ ମଧ୍ୟରୁ କେତେକଙ୍କୁ ଅନ୍ୟ କେତେକଙ୍କ ଦ୍ୱାରା ଦୁଷ୍ଟାମିରୁ ଦୂରେଇ ନରଖନ୍ତେ, ତେବେ ଆଶ୍ରମ, ଗିର୍ଜା, ଉପାସନା ଗୃହ ଓ ମସଜିଦମାନଙ୍କୁ ଯେଉଁଠାରେ ଅଲ୍ଲାଃଙ୍କ ନାମ ବହୁଳ ଭାବରେ ନିଆଯାଏ, ଧ୍ୱଂସକରି ଦିଆଯାଆନ୍ତା । ଅଲ୍ଲାଃ ସେହିମାନଙ୍କୁ ସାହାଯ୍ୟ କରିବେ ଯେଉଁମାନେ ତାହାଙ୍କୁ (ଅଲ୍ଲାଃଙ୍କ ଧର୍ମକୁ ) ସାହାଯ୍ୟ କରିବେ । ବାସ୍ତବିକ ଅଲ୍ଲାଃ ଅତ୍ୟନ୍ତ ବଳବାନ ଓ ପରାକ୍ରମୀ ।'

ପବିତ୍ର କୁରଆନର ଉପରୋକ୍ତ ଆୟତରୁ ଏହା ସ୍ପଷ୍ଟ ଭାବେ ପ୍ରମାଣିତ ହେଉଛି ଯେ ହଜରତ ମୁହମ୍ମଦ[ସଅ] କେବେହେଲେ ପ୍ରଥମେ ବିରୋଧି ପକ୍ଷ

ଶତ୍ରୁମାନଙ୍କ ସହିତ ଯୁଦ୍ଧ କରିନାହାନ୍ତି । ବରଂ ଶତ୍ରୁମାନେ ମହାଭାଗ ଓ ତାଙ୍କ ଅନୁଚରମାନଙ୍କ ଉପରେ ବହୁତ ଅନ୍ୟାୟ ଓ ଅତ୍ୟାଚାର କରି ଶେଷରେ ଯୁଦ୍ଧ କରିବାକୁ ଡ଼ାକରା ଦେବାରୁ ବାଧ ହୋଇ ପ୍ରତିରକ୍ଷା ମୂଳକ ଯୁଦ୍ଧ କରୁବା ପାଇଁ ଅଲ୍ଲାଃ ଏଠାରେ ଆଦେଶ କରିଛନ୍ତି ।

ଇସଲାମ ଇତିହାସରୁ ପ୍ରମାଣ ମିଳୁଛି ଯେ ହଜରତ ମୁହମ୍ମଦ[ସଅ] ମକ୍କା ସହରରେ ଜନ୍ମ ଗ୍ରହଣ କରି ୪୦ବର୍ଷ ପର୍ଯ୍ୟନ୍ତ ମକ୍କାବାସୀଙ୍କ ସହିତ ଜୀବନ ଯାପନ କରିଥିଲେ । ଏବଂ ତାଙ୍କର ସାଧୁତା ଓ ଶିଷ୍ଟାଚାରକୁ ଦେଖି ସମସ୍ତେ ତାଙ୍କ ଉପରେ ଖୁସି ହୋଇ 'ଅମୀନ' ଓ 'ସୁଦ୍ଦୁକ୍' (ଅର୍ଥାତ୍ ସତ୍ୟବାଦୀ ଓ ସଚ୍ଚୋଟ) ବୋଲି କହୁଥିଲେ । କିନ୍ତୁ ଯେତେବେଳେ ସେ ଅଲ୍ଲାଃଙ୍କ ଠାରୁ ଐଶ୍ୱରୀକବାଣୀ ମାଧ୍ୟମରେ ଆଦେଶ ପାଇ ଏକେଶ୍ୱରବାଦୀ ଓ ଅବତାର ହେବାର ଘୋଷଣା କଲେ । ସେତେବେଳେ ସମସ୍ତ ମକ୍କାବାସୀ ତାଙ୍କର ଶତ୍ରୁ ହୋଇଗଲେ । କିନ୍ତୁ କେତେକ ଧର୍ମପରାୟଣ ଗରୀବ ଲୋକମାନେ ହଜରତ ମୁହମ୍ମଦ[ସଅ]ଙ୍କୁ ଅବତାର ବୋଲି ମାନି ନେଇ ଦୀକ୍ଷା ନେବା ଆରମ୍ଭ କଲେ । ଏହା ଦେଖି ମକ୍କା ସହରର ବିଶିଷ୍ଟ ପ୍ରତିପତ୍ତି ଲୋକମାନେ ଶତ୍ରୁତା ଆରମ୍ଭ କଲେ ଏବଂ ହଜରତ ମୁହମ୍ମଦ[ସଅ] ଓ ତାଙ୍କ ଅନୁଚର ବର୍ଗଙ୍କ ପ୍ରତି ଅନ୍ୟାୟ ଭାବରେ ଅନେକ ନିର୍ଯ୍ୟାତନା ଦେଲେ । ଗାଳି ଗୁଲଜ, ମାରପିଟ କରିବା ଏପରି କି ଅନେକ ମୁସଲମାନ ପୁରୁଷ ଓ ମହିଳାଙ୍କୁ ଅତି ନିର୍ମମ ଭାବରେ ହତ୍ୟା କଲେ । ସେହିପରି ଅନେକ କ୍ରୀତଦାସ ମୁସଲମାନମାନଙ୍କୁ ତାଙ୍କର ମାଲିକମାନେ ଦୁଇପ୍ରହର ଖରାର ଉତପ୍ତ ବାଲିରେ ଶୁଆଇ ତାଙ୍କ ଛାତିରେ ପଥର ଲଦିଦେଇ ସ୍ୱଧର୍ମ ତ୍ୟାଗ କରିବା ତଥା ଏକେଶ୍ୱରବାଦକୁ ଅସ୍ୱୀକାର କରିବାକୁ କହିଲେ । କିନ୍ତୁ ସେମାନେ ଏହା ଅମାନ୍ୟ କରିବାରୁ ତାଙ୍କୁ ବାନ୍ଧି ପକାଇ ପଥର ଉପରେ ଘୋଷାରି ନେଉଥିଲେ । ଫଳରେ ସେମାନଙ୍କ ଦେହ ରକ୍ତାକ୍ତ ହୋଇ ଯାଉଥିଲା । ଶତ୍ରୁମାନଙ୍କ ଠାରୁ ଅତି ନିର୍ଯାତନା ସହ୍ୟ ନକରିପାରି ଅନେକ ମୁସଲମାନମାନେ ନିଜର ଘର ଦ୍ୱାର ଛାଡ଼ି ଅନ୍ୟ ଦେଶରେ ଆଶ୍ରୟ ନେବା ପାଇଁ ଚାଲିଗଲେ । ସେହିପରି ହଜରତ ମୁହମ୍ମଦ[ସଅ]

ଓ ତାଙ୍କ ଅନୁଗାମୀମାନଙ୍କୁ ଶତ୍ରୁମାନେ ତିନି ବର୍ଷ ପର୍ଯ୍ୟନ୍ତ ସାମାଜିକ ବାସନ୍ଦ କରିଥିଲେ । କୌଣସି ପ୍ରକାର ଖାଦ୍ୟ ପଦାର୍ଥ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣା ବିକାରୁ ସେମାନଙ୍କୁ ବଞ୍ଚିତ କରିଦେଲେ । ଯାହା ଦ୍ୱାରା ମୁସଲମାନମାନଙ୍କୁ ଅତି କଷ୍ଟରେ ଜୀବନ ନିର୍ବାହ କରିବାକୁ ପଡ଼ିଲା । ଏପରିକି ସେମାନେ ଭୋକ ଉପବାସ ରହି ଗଛର ପତ୍ର ଖାଇ ବଞ୍ଚି ରହିଲେ । କେବଳ ସେତିକି ନୁହେଁ ସ୍ୱୟଂ ମୁହମ୍ମଦ[ସଅ]ଙ୍କୁ ଯାବତୀୟ ଦୁଃଖ କଷ୍ଟ ଦେଲେ । ଏହି ପୀଡା ଫଳରେ ଅନେକ ସମୟରେ ହଜରତ ମୁହମ୍ମଦ[ସଅ]ଙ୍କ ଗୋଡ଼ରୁ ରକ୍ତ ବାହାରି ଜୋତା ଭିଜି ଯାଉଥିଲା । ସେହିପରି ଥରେ ହଜରତ ମୁହମ୍ମଦ[ସଅ] ନମାଜ ପଢୁଥିବା ସମୟରେ ଓଟର ଦୁର୍ଗନ୍ଧ ଓଝୁଡ଼ି ଆଣି ତାଙ୍କ ଉପରେ ଲଦି ଦିଆଗଲା । ଯାହା ଦ୍ୱାରା ସେ ମୁଣ୍ଡ ତଳୁ ଉପରକୁ ଉଠାଇ ପାରିଲେ ନାହିଁ । ଅନ୍ୟ ଲୋକମାନେ ଆସି ତାଙ୍କୁ ସେଥିରୁ ମୁକ୍ତ କଲେ । ସେହିପରି ମକ୍କାର ବିରୋଧି କୋରୈଶମାନେ ମୁହମ୍ମଦ[ସଅ]ଙ୍କ ବେକରେ ଲୁଗା ବାନ୍ଧି ତଣ୍ଟି ଚିପି ମାରି ଦେବା ପାଇଁ ଚେଷ୍ଟା କଲେ । କିନ୍ତୁ କେତେକ ଭଦ୍ରବ୍ୟକ୍ତି ଆସି ତାଙ୍କୁ ଛଡାଇଲେ ।

ପରିଶେଷରେ ହଜରତ ମୁହମ୍ମଦ[ସଅ]ଙ୍କୁ ଜୀବନରୁ ମାରିଦେବା ପାଇଁ ଶତ୍ରୁମାନେ ଘର ଚାରିପଟେ ଘେରାଉ କଲେ । କିନ୍ତୁ ଅଲ୍ଲାଃଙ୍କ ସହାୟତା ଫଳରେ ସେ ଆଶ୍ଚର୍ଯ୍ୟ ଭାବରେ ଶତ୍ରୁମାନଙ୍କ କବଳରୁ ରକ୍ଷା ପାଇ ମକ୍କାରୁ ବାହାରି ମଦିନାରେ ଯାଇ ଆଶ୍ରୟ ନେଲେ । ତଥାପି ମକ୍କାର ଶତ୍ରୁମାନେ ଶତ୍ରୁତା ସାଧିବାରୁ ନିବୃତ୍ତ ହେଲେ ନାହିଁ । ବରଂ ମଦିନାରେ ଯାଇ ଲୋକମାନଙ୍କୁ ମୁସଲମାନମାନଙ୍କ ବିରୁଦ୍ଧରେ କୁତ୍ସାରଚନା କରି ତାଙ୍କୁ ସେଠାରୁ ବିତାଡ଼ିତ କରିବାକୁ ଚେଷ୍ଟା କଲେ । ସେହିପରି ମଦିନାର ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କଲେ । ଏପରିକି ମଦିନା ଠାରୁ କିଛି ଦୂରରେ ଥିବା 'ବଦର୍' ନାମକ ସ୍ଥାନରେ ମୁସଲମାନମାନଙ୍କୁ ଯୁଦ୍ଧ କରିବାକୁ ଡ଼ାକରା ଦେଲେ । ଏହିପରି ଦୀର୍ଘ ୧୩ ବର୍ଷ ପର୍ଯ୍ୟନ୍ତ ହଜରତ ମୁହମ୍ମଦ[ସଅ]ଙ୍କୁ ମୋଟ ୧୧ଥର ଯୁଦ୍ଧ କରିବାକୁ ପଡିଲା ।

ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ନିକଟରେ ଶତ୍ରୁମାନଙ୍କ ଏହି ଆକ୍ରମଣରୁ ରକ୍ଷା ପାଇବା ପାଇଁ ଅତି କାତରତା ପୂର୍ବକ ପ୍ରାର୍ଥନା କଲେ । ଏହାକୁ ଗ୍ରହଣ କରି ଅଲ୍ଲାଃ ତାଙ୍କୁ ପ୍ରତିରକ୍ଷା ମୂଳକ ଭାବେ ଯୁଦ୍ଧ କରିବାକୁ ଅନୁମତି ଦେଲେ । ଏବଂ ସ୍ୱୟଂ ତାଙ୍କୁ ସାହାଯ୍ୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ ।

ବଦର୍ ଯୁଦ୍ଧରେ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଏକ ହଜାରରୁ ଅଧିକ ଶତ୍ରୁ ସୈନ୍ୟଙ୍କ ମୁକାବିଲାରେ ମୁସଲମାନମାନଙ୍କ ପକ୍ଷରୁ କେବଳ ୩୧୩ ଜଣ ଥିଲେ, ଯାହାଙ୍କ ହାତରେ ସଂପୂର୍ଣ୍ଣ ରୂପେ କୌଣସି ଯୁଦ୍ଧ ସରଞ୍ଜାମ ନଥିଲା । କିନ୍ତୁ ଅଳ୍ପ ସଂଖ୍ୟକ ଦୁର୍ବଳ ଓ ନିରସ୍ତ୍ର ମୁସଲମାନ ଅଲ୍ଲାଃଙ୍କ ସାହଯ୍ୟ ପାଇ ବହୁ ସଂଖ୍ୟକ ଶତ୍ରୁମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ । ଏହା କେବଳ ସତ୍ୟର ଜୟ ବୋଲି ପ୍ରମାଣିତ ହେଲା । ସେହିପରି କେବଳ ଥରେ ନୁହେଁ, ବରଂ ଅନେକ ଥର ଶତ୍ରୁମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ କରି ପରାସ୍ତ ହୋଇଥିଲେ । ଶେଷରେ ହଜରତ ମୁହମ୍ମଦ[ସଅ] ବିନା ଯୁଦ୍ଧରେ ମକ୍କା ଜୟ କରି ରକ୍ତ ପିପାସୁ ଶତ୍ରୁମାନଙ୍କର କୌଣସି ପ୍ରକାରର ପ୍ରତିଶୋଧ ନନେଇ ସଂପୂର୍ଣ୍ଣ ରୂପେ କ୍ଷମା ପ୍ରଦାନ କଲେ ବୋଲି ଘୋଷଣା କରିଥିଲେ । ଏହା ପବିତ୍ର କୁରଆନ ଓ ହଦିସରୁ ପ୍ରମାଣିତ ।

ଅଲ୍ଲାଃ ପରମେଶ୍ୱର ହଜରତ ମୁହମ୍ମଦ[ସଅ]ଙ୍କୁ ପ୍ରତିରକ୍ଷା ମୂଳକ ଯୁଦ୍ଧ କରିବାକୁ ଅନୁମତି ଦେବା ସହିତ ଯୁଦ୍ଧର ମୁଖ୍ୟ ଉଦ୍ଦେଶ୍ୟ ଶାନ୍ତି ପ୍ରତିଷ୍ଠା କରିବା ସମ୍ବନ୍ଧରେ ଅନେକ ମହତ୍ୱପୂର୍ଣ୍ଣ ଶିକ୍ଷା ଦେଇଛନ୍ତି । ଯେପରି ପବିତ୍ର କୁରଆନର ଅଲ୍ ବକରା ଆୟତ ୧୯୧ରେ ଅଲ୍ଲାଃଙ୍କ ବାଣୀ ଏହିପରି ଉଲ୍ଲେଖ ଅଛି ।

ଅର୍ଥାତ 'ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସହିତ ଯୁଦ୍ଧ କର, ଯେଉଁମାନେ ତୁମମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି । କିନ୍ତୁ ସୀମା ଲଘଂନ କର ନାହିଁ । (ଏବଂ ମନେରଖ ଯେ)ବାସ୍ତବରେ ଅଲ୍ଲାଃ ସୀମା ଲଘଂନକାରୀମାନଙ୍କୁ ଆଦୌ ପ୍ରେମ କରନ୍ତି ନାହିଁ ।' ସେହିପରି ଅଲ୍ ବକରା ୧୯୪ରେ ଉଲ୍ଲେଖ ଅଛି :

ଅର୍ଥାତ 'ତୁମେମାନେ ସେମାନଙ୍କ ସହିତ ସେପର୍ଯ୍ୟନ୍ତ ଯୁଦ୍ଧ କର, ଯେପରି କୌଣସି ବିଦ୍ରୋହ ବାକି ନରହେ ଓ ଧର୍ମ ଅଲ୍ଲାଃଙ୍କ ପାଇଁ ହିଁ ସ୍ୱୀକୃତ ହୋଇଯାଏ । କିନ୍ତୁ ଯଦି ସେମାନେ (ଯୁଦ୍ଧରୁ) ନିବୃତ ହୁଅନ୍ତି, ତେବେ (ମନେରଖ)ଅତ୍ୟାଚାରୀମାନଙ୍କ ବ୍ୟତୀତ ଅନ୍ୟ କାହାରି ସହିତ ଶତ୍ରୁତା କରିବା ଉଚିତ୍ ନୁହେଁ ।' ଏହି ଆୟତରେ ଧର୍ମଯୁଦ୍ଧ କେଉଁ କେଉଁ ସର୍ତ୍ତସାପେକ୍ଷ ସେ ବିଷୟରେ ବର୍ଣ୍ଣନା କରା ଯାଇଅଛି । ସେଗୁଡ଼ିକ ହେଉଛି:-

୧. ଅଲ୍ଲାଃଙ୍କ ପଥରେ ସ୍ଥାପିତ ପ୍ରତିବନ୍ଧକର ଅପସାରଣ । ଅର୍ଥାତ୍ ଧର୍ମଗତ ବିଶ୍ୱାସ ଓ ପାଳନ ବିଧିରେ ସ୍ୱାଧିନତା ପାଇଁ ଯୁଦ୍ଧ କରା ଯାଇପାରିବ ।

୨. ଯେଉଁମାନେ ପ୍ରଥମେ ମୁସଲମାନମାନଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବେ, କେବଳ ସେହିମାନଙ୍କ ବିରୁଦ୍ଧରେ ଯୁଦ୍ଧ କରାଯାଇ ପାରିବ ।

୩. ଶତ୍ରୁପକ୍ଷ ଅସ୍ତ୍ର ପ୍ରୟୋଗରୁ ବିରତ ହେବା ସଙ୍ଗେ ସଙ୍ଗେ ମୁସଲମାନ ମାନଙ୍କୁ ଯୁଦ୍ଧ ବନ୍ଦ କରିବାକୁ ହେବ ।

ସେହିପରି ପବିତ୍ର କୁରଆନର ଅଲ ଅନଫାଲ ଆୟତ ୬୨ ଓ ୬୩ରେ ଅଲ୍ଲାଃଙ୍କ ବାଣୀ ଏହିପରି ଉଲ୍ଲେଖ ଅଛି ।

ଅର୍ଥାତ 'ଯଦି ସେମାନେ (ଅର୍ଥାତ୍ ଶତ୍ରୁମାନେ) ତୁମ ସହିତ ସନ୍ଧି ସ୍ଥାପନ ପାଇଁ ଆଗ୍ରହୀ ହୁଅନ୍ତି, ତେବେ ତୁମେ ମଧ୍ୟ ସେଥିପାଇଁ ଆଗ୍ରହୀ ହୁଅ ଏବଂ ଅଲ୍ଲାଃଙ୍କ ଉପରେ ନିର୍ଭର କର । ନିଶ୍ଚୟ ଅଲ୍ଲାଃ ମହାନ ଶ୍ରୋତା ଓ ସର୍ବଜ୍ଞ । ଏହା ପରେ ଯଦି ସେମାନେ ତୁମଙ୍କୁ ପ୍ରତାରଣା କରିବା ପାଇଁ ଇଚ୍ଛା କରନ୍ତି, ତେବେ ମନେରଖ ଯେ ଅଲ୍ଲାଃ ନିଶ୍ଚୟ ତୁମମାନଙ୍କ ପାଇଁ ଯଥେଷ୍ଟ ।' ସେହି ତୁମଙ୍କୁ ବିଶ୍ୱାସକାରୀମାନଙ୍କ ଦ୍ୱାରା ଶକ୍ତିଶାଳୀ କରିଛନ୍ତି ଓ କରିବେ ।

ତେବେ ଉପରୋକ୍ତ ଯୁଦ୍ଧର ସର୍ତ୍ତପାଳନ କରିବା ସହିତ ଅଲ୍ଲାଃଙ୍କର ଏହି ଆଦେଶକୁ ଦୃଷ୍ଟି ସମ୍ମୁଖରେ ରଖି ହଜରତ ମୁହମ୍ମଦ[ସଅ] ନିଜର ସୈନ୍ୟମାନଙ୍କୁ ଏହା ମଧ୍ୟ ଆଜ୍ଞା ପାଳନର ଆଦେଶ ଦେଇଥିଲେ । ଏ ବିଷୟ ହଦିସରୁ ପ୍ରମାଣୀତ । ସେଗୁଡ଼ିକ ହେଉଛି,

୧. ଯୁଦ୍ଧରେ ଯଦି କୌଣସି ଶତ୍ରୁ ନିହତ ହୁଅନ୍ତି, ତେବେ ତାଙ୍କର ଶବକୁ ବିକଳାଙ୍ଗ କରନାହିଁ । (ଆରବ ଦେଶରେ ଏହା ପ୍ରଥା ଥିଲା କି ଯଦି ଯୁଦ୍ଧରେ କୌଣସି ଶତ୍ରୁ ନିହତ ହୁଅନ୍ତି, ତେବେ ସେ ତାଙ୍କର ଶବର ହାତ,ଗୋଡ଼,ଆଖି,କାନ ଓ ନାକ ଇତ୍ୟାଦି ଛେଦନ କରି ଶବକୁ ବିଭତ୍ସ କରି ଦେଉଥିଲେ । ହଜରତ ମୁହମ୍ମଦ[ସଅ] ଏହି କୁତ୍ସିତ ପ୍ରଥାରୁ ନିବୃତ ହେବା ପାଇଁ ଆଦେଶ ଦେଲେ ।)

୨. କୌଣସି ଛୋଟ ପିଲା, ସ୍ତ୍ରୀମାନଙ୍କୁ ତଥା ବୃଦ୍ଧମାନଙ୍କୁ ହତ୍ୟା କରିବା ଅନୁଚିତ ।

୩. କୌଣସି ଧର୍ମପୀଠକୁ କ୍ଷତି ପହଞ୍ଚାଇବା ଅନୁଚିତ୍ ଓ କୌଣସି ପାଦ୍ରୀ, ପଣ୍ଡିତ ତଥା ଧର୍ମଗୁରୁମାନଙ୍କୁ ବଧ କରିବା ଅନୁଚିତ୍ ।

୪. କୌଣସି ଫଳନ୍ତି ଗଛ କିମ୍ବା ଫସଲଗୁଡ଼ିକୁ ନଷ୍ଟ କରିବ ନାହିଁ ।

୫. କେବେହେଲେ ଶତ୍ରୁମାନଙ୍କ ଦେଶରେ ସର୍ବସାଧାରଣ ଲୋକମାନଙ୍କ ମନରେ ଆତଙ୍କ ସୃଷ୍ଟି କର ନାହିଁ । ବରଂ ସେମାନଙ୍କ ସହିତ ଦୟା ମନୋଭାବ ରଖି ଭଲ ବ୍ୟବହାର କର ।

୬. ଯୁଦ୍ଧକୁ ଯିବା ସମୟରେ ଏପରି ସ୍ଥାନରେ ସୈନ୍ୟମାନଙ୍କୁ ରଖ ନାହିଁ, ଯାହା ଦ୍ୱାରା ସର୍ବସାଧାରଣ ଲୋକମାନଙ୍କୁ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ ।

୭. ଯୁଦ୍ଧରେ ଶତ୍ରୁମାନଙ୍କ ମୁଖ ମଣ୍ଡଳକୁ ପ୍ରହାର କରି କୌଣସି ଆଘାତ ଦିଅ ନାହିଁ ।

୮. ଯୁଦ୍ଧରେ ସବୁବେଳେ ନିଜର ଅହଂଭାବକୁ ଛାଡ଼ି କେବଳ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ତଥା ଧର୍ମ ଓ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ଯୁଦ୍ଧ କରିବା ଉଚିତ୍ ।

ହଜରତ ମୁହମ୍ମଦ[ସଅ]ଙ୍କର ଉପରୋକ୍ତ ଆଦେଶମାନଙ୍କୁ ଅନୁଧ୍ୟାନ କଲେ ପ୍ରତ୍ୟେକ ବିବେକଶୀଳ ବ୍ୟକ୍ତି ଏହା ଭଲ ଭାବରେ ବିବେଚନା କରିପାରିବ ଯେ ଇସଲାମ ଧର୍ମ କେବେହେଲେ ତରବାରୀ ଦ୍ୱାରା ପ୍ରସାରିତ ହୋଇ ନାହିଁ । ବରଂ ଧର୍ମନିଷ୍ଠ ହେବା ଓ ଅଲ୍ଲାଃଙ୍କ ସହିତ ଦୃଢ଼ ସଂପର୍କ ସ୍ଥାପନ କରିବା ମାଧ୍ୟମରେ ହିଁ ଏହା ପ୍ରସାର ଲାଭ କରିଛି । ଏହା ମଧ୍ୟ ପ୍ରମାଣିତ ହୁଏ ଯେ ବର୍ତ୍ତମାନ ସମୟରେ କେତେକ ସନ୍ତ୍ରାସବାଦୀ ମୁସଲିମ ଗୋଷ୍ଠୀ ଜିହାଦ ନାମରେ ବିଶ୍ୱରେ ଯେଉଁ ଉପଦ୍ରବ ଭିଆଇ ଲୋକମାନଙ୍କ ମନରେ ଆତଙ୍କ ସୃଷ୍ଟି କରୁଛନ୍ତି, ଏହା ବାସ୍ତବିକ ଇସଲାମ ଶିକ୍ଷାର ପରିପନ୍ଥୀ । ତେଣୁ ଏହାର ଇସଲାମ ଧର୍ମ ସହିତ କୌଣସି ସଂପର୍କ ନାହିଁ । କେବଳ ଅହଂଭାବ ଓ ବଳ ପ୍ରୟୋଗ କରି ଧର୍ମ ନାମରେ ଅଶାନ୍ତି ସୃଷ୍ଟି କରାଯାଉଛି ।

## ଜିହାଦ ଏବଂ ପ୍ରତିଶ୍ରୁତ ମସିହ ଓ ମେହଦି

ହଜରତ ମୁହମ୍ମଦ[ସଅ] ଏହା ମଧ୍ୟ ଭବିଷ୍ୟତବାଣୀ କରିଥିଲେ ଯେ ଅନ୍ତିମ ଯୁଗରେ ଇମାମ ମେହଦି ଆବିର୍ଭୁତ ହୋଇ ଇସଲାମ ଧର୍ମକୁ ପୁନର୍ଜୀବିତ କରିବା ସହିତ 'ୟୁକିମୁସ୍ ଶରିୟତା ଓ୍ୱ ୟଜଉଲ୍ ହରବା' (ହଦିସ)

ଅର୍ଥାତ୍ 'ଶରିୟତ୍(ଧର୍ମବିଧାନ)କୁ ପୁନଃ ସ୍ଥାପନ କରିବେ ଓ ଧର୍ମଯୁଦ୍ଧକୁ ବନ୍ଦ କରିବେ ।' ଏହି ଭବିଷ୍ୟତବାଣୀ ଅନୁଯାୟୀ ଦାବୀ ଘୋଷଣାକାରୀ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଜିହାଦ ସମ୍ବନ୍ଧରେ ଏହା ଘୋଷଣା କରିଛନ୍ତି ଯେ ପ୍ରାରମ୍ଭିକ ଅବସ୍ଥାରେ ଯେଉଁ ତରବାରୀର ଜିହାଦ କରା ଯାଉଥିଲା, ତାହା ଅଲ୍ଲାଃଙ୍କ ଆଦେଶରେ ଚଳିତ ଯୁଗରେ ନିଷିଦ୍ଧ କରାଗଲା । ଏବେ ଅଲ୍ଲାଃଙ୍କର ଏହି ଆଦେଶ ପରେ ଯେଉଁ ଲୋକ ଧର୍ମ

ନାମରେ ଅନ୍ୟମାନଙ୍କ ସହିତ ଏପରି ଜିହାଦ କରି ନିଜକୁ ବିଜୟୀ ବୋଲି ମନେ କରିବ, ସେ ହଜରତ ମୁହମ୍ମଦ[ସଅ]ଙ୍କୁ ସଂପୂର୍ଣ୍ଣ ଅବଜ୍ଞା କରୁଛି । କାରଣ ଆଜିଠାରୁ ଚଉଦ ଶହ ବର୍ଷ ପୂର୍ବେ ଭବିଷ୍ୟତବାଣୀ କରାଯାଇଥିଲା ଯେ ପ୍ରତିଶ୍ରୁତ ମସିହ ଆବିର୍ଭାବ ହୋଇ ତରବାରୀ ଜିହାଦର ମୂଳୋତ୍ପାଟନ କରିବେ । ଏବେ ତାଙ୍କର ଆବିର୍ଭାବ ହେବା ପରେ ତରବାରୀ ଓ ବନ୍ଧୁକ ମୁନରେ ଜିହାଦ କରାଯିବା ବର୍ଜନୀୟ । କାରଣ ଏହି ଜିହାଦ ଏବେ ଆଧ୍ୟାତ୍ମିକ ରୂପ ଧାରଣ କରିଛି । ଆମ ତରଫରୁ ଶାନ୍ତିର ପତାକା ଉତ୍ତୋଳନ କରାଯାଉଛି । ଅର୍ଥାତ୍ ବିଶ୍ୱବାସୀଙ୍କୁ ଶାନ୍ତି , ପ୍ରେମ ଓ ମୈତ୍ରୀର ଆହ୍ୱାନ କରାଯାଉଛି । ଏବେ ଅଲ୍ଲାଃ ଓ ତାଙ୍କ ରସୁଲ[ସଅ]ଙ୍କ ଆଦେଶକୁ ତୁମମାନଙ୍କୁ ଶୁଣାଇ ମୁଁ ନିଜର କର୍ତ୍ତବ୍ୟ ପାଳନ କରିଛି । ଏଣିକି ଯେଉଁ ଲୋକମାନେ ଧର୍ମ ନାମରେ ଅଯଥା ବଳ ପ୍ରୟୋଗ ମୂଳକ ଜିହାଦ କରିବେ, ସେମାନେ ନିଜେହିଁ ନିଜର ବିନାଶର କାରଣ ହେବେ । ସୁତରାଂ ଏବେ ଧର୍ମ ରକ୍ଷାର ଆଳ କରି ଜିହାଦ କରିବା ହରାମ ବା ନିଷେଧ କରାଯାଇଛି ।

**"ଅବ୍ ଛୋଡ଼ଦୋ ଜିହାଦ୍‌କା ଅଏ ଦୋସ୍ତୋ ଖୟାଲ୍**
**ଦିଁକେ ଲିଏ ହରାମ୍ ହୈ ଅବ୍ ଜଙ୍ଗ ଓ୍ୱ କିତାଲ୍ ॥**